ଧରିତ୍ରୀ
DHARITRI
୪୯ 49
ରାୟଗଡ଼ା, ଗୁରୁବାର, ଡିସେମ୍ବର ୮/୨୦୨୨ (୧୬ ପୃଷ୍ଠା) Rayagada, Thursday, December 8/2022 Page 16 ₹ 7.00
୧୨ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Rayagada VOLUME 12 ISSUE 299 ମୂଲ୍ୟ ₹୭/-



## ସବୁଠୁ ଲୋକପ୍ରିୟ ତାରକା ଧନୁଷ୍

ଆଇଏମ୍‌ଡିବି ପକ୍ଷରୁ ଚଳିତବର୍ଷର ଲୋକପ୍ରିୟ ତାରକା ସୂଚୀର ଶୀର୍ଷରେ ସାଉଥ ଇଣ୍ଡିଆନ୍ ଫିଲ୍ମ ସୁପରଷ୍ଟାର ଧନୁଷ୍ ରହିଛନ୍ତି।

୧୦ ୧୬

## ମୀରାବାଈ ଜିତିଲେ ରୌପ୍ୟ

ଭାରୋତ୍ତୋଳିକା ମୀରାବାଈ ଚାନୁ କଲମ୍ବିଆର ବଗୋଟାଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଜିତିଛନ୍ତି।



## ଆଜି ପଦ୍ମପୁର ଫଳାଫଳ

■ ସକାଳ ୮ରୁ ୨୩ ରାଉଣ୍ଡ ଗଣତି

ଭୁବନେଶ୍ୱର(ବ୍ୟୁରୋ)/ପଦ୍ମପୁର (ଡି.ଏନ୍.ଏ.), ୭।୧୨

କଡ଼ା ସୁରକ୍ଷା ମଧ୍ୟରେ ଗୁରୁବାର ସକାଳ ୮ରୁ ପଦ୍ମପୁର ଉପନିର୍ବାଚନର ଭୋଟ୍ ଗଣତି ହେବ। ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣା ହେବ। ଏହାପରେ ୮ଟା ୩୦ ମିନିଟ୍‌ରୁ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍) ଗଣତି ଆରମ୍ଭ ହେବ। ୩୧୯ଟି ବୁଥର ଭୋଟ ଗଣତି ୧୪ଟି ଟେବୁଲରେ କରାଯିବ। ଏହି ନିର୍ବାଚନରେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବୁଥ୍ ସଂଖ୍ୟା ଓ ☞ପୃଷ୍ଠା-୪




# ଏଏପି ଦଖଲରେ ଏମ୍‌ସିଡି

## ଭାଜପାର ୧୫ ବର୍ଷ ଶାସନର ଅନ୍ତ




ନୂଆଦିଲ୍ଲୀ,୭।୧୨

ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ନିର୍ବାଚନରେ କେନ୍ଦ୍ରଶାସିତ ଅଞ୍ଚଳର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ବଡ଼ ସଫଳତା ମିଳିଛି। ମ୍ୟୁନିସିପାଲ କାଉନ୍‌ସିଲକୁ ଦୀର୍ଘ ୧୫ ବର୍ଷ ଧରି ଦଖଲରେ ରଖିଥିବା ଭାରତୀୟ ଜନତା ପାର୍ଟି (ଭାଜପା) ହାତରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ କ୍ଷମତା ଛଡ଼ାଇ ନେଇଛି। ୨୫୦ ଆସନ ମଧ୍ୟରୁ ଏଏପିକୁ ୧୩୪ ଆସନରେ ସଫଳତା ମିଳିଥିବାବେଳେ ଭାଜପା ୧୦୪ରେ ସୀମିତ ରହିଛି। କଂଗ୍ରେସକୁ ମାତ୍ର ୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସ୍ୱାଧୀନ ପ୍ରାର୍ଥୀମାନେ ୩ ଆସନରେ ବିଜୟୀ ହୋଇଛନ୍ତି। କେଜ୍‌ରିୱାଲ ବିଜୟ ଅଭିଭାଷଣରେ ଜାତୀୟ ରାଜଧାନୀକୁ ଏକ ଦୁର୍ନୀତିମୁକ୍ତ ଶାସନ ପ୍ରଦାନ ସହ ସ୍ଥାନୀୟ ମୌଳିକ ସୁବିଧାଗୁଡ଼ିକରେ ଉନ୍ନତି ଆଣିବା ପାଇଁ ଦିଲ୍ଲୀବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏସବୁ ପୂରଣ କରିବା ଦିଗରେ ସେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି।

ଏନ୍‌ଡିଏମ୍‌ସି(ଉତ୍ତର), ଏସ୍‌ଡିଏମ୍‌ସି(ଦକ୍ଷିଣ) ଏବଂ ଇଡିଏମ୍‌ସି(ପୂର୍ବ)ର କାର୍ଯ୍ୟକାଳ ୨୦୨୨ ମେ’ ୧୮ରେ ଶେଷ ହୋଇଥିଲା। ୩ ମହାନଗର ନିଗମ ପାଇଁ ଏହାର ପୂର୍ବ ମ୍ୟୁନିସିପାଲ ନିର୍ବାଚନ ୨୦୧୭ ଏପ୍ରିଲରେ ଅନୁଷ୍ଠିତ ହୋଇଥିଲା। ସେହି ଦୃଷ୍ଟିରୁ ଚଳିତ ବର୍ଷ ଏପ୍ରିଲରେ ମହାନଗର ନିଗମ ନିର୍ବାଚନ ହେବା କଥା। କିନ୍ତୁ ନିର୍ବାଚନ କମିଶନ ଏହାକୁ ସ୍ଥଗିତ ରଖିଥିଲେ। ଇତିମଧ୍ୟରେ ୩ ମ୍ୟୁନିସିପାଲ କାଉନ୍‌ସିଲକୁ ଗୋଟିଏ ସଂସ୍ଥାରେ ପରିଣତ କରିବା ପାଇଁ ଗତ ମାର୍ଚ୍ଚରେ କେନ୍ଦ୍ର ସରକାର ଦିଲ୍ଲୀ ମହାନଗର ନିଗମ (ସଂଶୋଧନ) ବିଲ୍‌କୁ ମଞ୍ଜୁରୀ ଦେଇଥିଲେ। ୨୦୨୨ ମେ’ ୨୨ରେ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ପ୍ରଭାବକୁ ଆସିଥିଲା। ଗତ ୪ ତାରିଖରେ ହାଇ-ପ୍ରୋଫାଇଲ ☞ପୃଷ୍ଠା-୪

## ଏକଜୁଟ ହେଲେ ବିରୋଧୀ



■ ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ବସିଲା ବୈଠକ
■ ଯୋଗଦେଲେ ଏଏପି, ଟିଏମ୍‌ସି

ନୂଆଦିଲ୍ଲୀ,୭।୧୨

ସଂସଦର ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ବୁଧବାର ପୂର୍ବାହ୍ନରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ଆୟୋଜିତ ସମାନ ଚିନ୍ତାଧାରାର ବିରୋଧୀ ଦଳଗୁଡ଼ିକର ବୈଠକରେ ଭାଗ ନେଇଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)। କଂଗ୍ରେସ ସଭାପତି ତଥା ଦଳର ରାଜ୍ୟ ସଭା ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏହି ବୈଠକ ଡାକିଥିଲେ। ଏଥିରେ ଏଏପି ଏବଂ ଟିଏମ୍‌ସି ସମେତ ବାମଦଳ, ଡିଏମ୍‌କେ, ଆର୍‌ଜେଡି, ଏନ୍‌ସିପି, ଏନ୍‌ସି ଏବଂ ଆରଏସ୍‌ପିର ନେତାମାନେ ଯୋଗଦେଇଥିଲେ। ବୈଠକ ପରେ ଖାର୍ଗେ ଟ୍ୱିଟ୍ କରି କହିଛନ୍ତି, ସଂସଦ ହେଉଛି ଗଣତାନ୍ତ୍ରିକ ବିଚାରର ଗୃହ। ଆମ ଭଳି ସମାନ ଚିନ୍ତାଧାରା ଦଳଗୁଡ଼ିକ ☞ପୃଷ୍ଠା-୪

ଗୁଜରାଟ, ହିମାଚଳ ନିର୍ବାଚନ ଫଳ ଆଜି ☞ପୃଷ୍ଠା-୨

# କର୍ମଜୀବୀ ମହିଳା ନିବାସ ଯୋଜନା ବାଟବଣା

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ଭାରତର ସମ୍ବିଧାନ ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ଦେଇଛି। ସମୟ ବଦଳିବା ସହିତ ନାରୀ ଶିକ୍ଷାର ଉନ୍ନତି ଘଟିଛି। ମହିଳାମାନେ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇଛନ୍ତି। ଜାତୀୟ ନମୁନା ସର୍ବେକ୍ଷଣର ଶ୍ରମ ଶକ୍ତି ସମ୍ପର୍କିତ ୨୦୧୭-୧୮ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଗ୍ରାମାଞ୍ଚଳରେ ନିୟମିତ ମହିଳା ଶ୍ରମଜୀବୀଙ୍କ ସଂଖ୍ୟା ୨୦୧୧-୧୨ରେ ୩.୩% ଥିବା ବେଳେ ୨୦୧୭-୧୮ରେ ୯.୫%କୁ ବୃଦ୍ଧି ପାଇଛି । ସେହିପରି ସହରାଞ୍ଚଳରେ ୨୦୧୧-୧୨ରେ ୨୭.୧% ଥିବା ବେଳେ ୨୦୧୭-୧୮ରେ ୪୬.୫%କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ମହିଳା କର୍ମ ସଂସ୍ଥାନ ପାଇଁ ସହରାଞ୍ଚଳକୁ ଏବଂ ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ଯାତାୟାତ ବୃଦ୍ଧି ପାଇଛି। ମାତ୍ର ସେମାନଙ୍କ ରହିବା ଲାଗି ନିର୍ମାଣ ହୋଇଥିବା କର୍ମଜୀବୀ ମହିଳା ହଷ୍ଟେଲ (ଡବ୍ଲ୍ୟୁଡବ୍ଲ୍ୟୁଏଚ୍) ସଂଖ୍ୟା କମିଛି। ଏହାସହ କେତେକ ହଷ୍ଟେଲ ରହଣି ଅନୁପଯୁକ୍ତ ଯୋଗୁ କର୍ମଜୀବୀ ମହିଳାମାନେ ସେଥିରେ ରହିବାକୁ ଅନାଗ୍ରହ ଦେଖାଉଛନ୍ତି। ସ୍ୱଳ୍ପ ପାରିଶ୍ରମିକ ସତ୍ତ୍ୱେ ଭଡ଼ାଘରେ ରହିବାକୁ ବାଧ ହେଉଛନ୍ତି। ରାଜ୍ୟରେ

**ସିଏଜି ରିପୋର୍ଟ**

■ **ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି ହଷ୍ଟେଲ**

ଯେଉଁ କେତୋଟି ନିବାସ ରହିଛି, ସେଗୁଡ଼ିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ହଷ୍ଟେଲ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ବେଳେ ପୁରୁଣା ହଷ୍ଟେଲଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବ, କର୍ମଚାରୀ ଅଭାବ, ହଷ୍ଟେଲ ପରିଚାଳନା କମିଟିର ଅଣଦେଖା ଏହି କେନ୍ଦ୍ରୀୟ ଯୋଜନାକୁ ବାଟବଣା କରିଦେଇଛି। ହଷ୍ଟେଲଗୁଡ଼ିକ ଯାଞ୍ଚ ନ ହେବା, କେନ୍ଦ୍ର ସରକାରଙ୍କୁ ରିପୋର୍ଟ ନ ଦେବା, ହଷ୍ଟେଲ ପରିଚାଳନା କମିଟି ବୈଠକ ରିପୋର୍ଟ ନ ଦେବାକୁ ନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଭାରତ ସରକାର ୧୯୭୨-୭୩ରେ କର୍ମଜୀବୀ ମହିଳା ହଷ୍ଟେଲ ଯୋଜନା କାର୍ଯ୍ୟକାରୀ କରିଥିଲେ। ସହରାଞ୍ଚଳ, ଅର୍ଦ୍ଧସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ କାର୍ଯ୍ୟରତା ମହିଳାଙ୍କ ପାଇଁ ନିରାପଦ ତଥା ସୁବିଧାଜନକ ଆବାସ ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ☞ପୃଷ୍ଠା-୪

# ରେପୋ ରେଟ୍ ୦.୩୫% ବୃଦ୍ଧି

■ ସରିନାହିଁ ମୁଦ୍ରାସ୍ଫୀତି ବିରୋଧୀ ଲଢ଼େଇ: ଶକ୍ତିକାନ୍ତ

ମୁମ୍ବାଇ/ନୂଆଦିଲ୍ଲୀ,୭।୧୨

ଦେଶରେ ମୁଦ୍ରାସ୍ଫୀତି ଏଯାଏ ନିୟନ୍ତ୍ରଣକୁ ଆସିନାହିଁ। ଗତ ଅକ୍ଟୋବରରେ କନ୍‌ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୬.୭୭% ରହିଥିଲା। ଏହା ୩ ମାସରେ ସର୍ବନିମ୍ନ ହୋଇଥିଲେ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଟାର୍ଗେଟଠାରୁ ଅଧିକ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ନୀତି କମିଟି (ଏମ୍‌ପିସି) ବୁଧବାର ରେପୋ ରେଟ୍ ୩୫ ବେସିସ୍ ପଏଣ୍ଟ୍ସ (ବିପିଏସ୍) ବୃଦ୍ଧି କରିଛି। ଏହି ବୃଦ୍ଧି ସହ ରେପୋ ରେଟ୍ ୫.୯୦%ରୁ ୬.୨୫%ରେ ପହଞ୍ଚିଛି। ୨୦୧୮ ଅଗଷ୍ଟ ପରଠୁ ଏହା ହେଉଛି ରେପୋ ରେଟ୍‌ର ସର୍ବୋଚ୍ଚ ସ୍ତର। ଏଥିଯୋଗୁ ଗୃହ, ଗାଡ଼ି ଓ ଅନ୍ୟ ଉପକରଣ ବାବଦକୁ ବ୍ୟାଙ୍କଗୁଡ଼ିକରୁ ଋଣ ନେଇଥିବା ଲୋକଙ୍କୁ ଅଧିକ ସୁଧ ଦେବାକୁ ପଡ଼ିବ। ଏଥିସହିତ ଆର୍‌ବିଆଇ ଚଳିତ ଆର୍ଥିକବର୍ଷର ଅଭିବୃଦ୍ଧି ହାର ଅନୁମାନକୁ ୬.୮%ରେ ସୀମିତ ରଖିଛି, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**


ଧର୍ମୀୟ ଧାରାରେ ନୃତ୍ୟ

# ବସ୍ତୁକୁ ନ ଛୁଇଁ ନିୟନ୍ତ୍ରଣ


## ଅଲଟ୍ରା ସାଉଣ୍ଡ ୱେଭ୍‌ର ବ୍ୟବହାର

ୱାଶିଂଟନ୍,୭।୧୨

ବସ୍ତୁକୁ ସ୍ପର୍ଶ ନ କରି ତାକୁ ନିଜ ନିୟନ୍ତ୍ରଣକୁ ଆଣିବା କେବଳ ଫିଲ୍ମ କିମ୍ବା ମ୍ୟାଜିକ୍ ଶୋ’ଗୁଡ଼ିକରେ ଦେଖିବାକୁ ମିଳେ। ଫିଲ୍ମରେ ପ୍ରଦର୍ଶିତ ସିନ୍‌ସବୁ କମ୍ପ୍ୟୁଟରାଇଜ୍ କରାଯାଇଥିବାବେଳେ ବିଭିନ୍ନ ପ୍ରକାର ଯାଦୁ ଦେଖାଇବା ପାଇଁ ମ୍ୟାଜିସିଆନ୍‌ଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେବାକୁ ପଡ଼ିଥାଏ। କିନ୍ତୁ ଏବେ ସତ ସତିକା ବିନା ସ୍ପର୍ଶରେ ବସ୍ତୁକୁ ସ୍ଥାନାନ୍ତର ବା ନିଜ ନିୟନ୍ତ୍ରଣକୁ ଆଣିବା ସମ୍ଭବ ହେବ। ଆମେରିକାର ମିନେସୋଟା ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ରିସର୍ଚ୍ଚ ମୁତାବକ, ଅଲ୍‌ଟ୍ରା ସାଉଣ୍ଡ୍ ୱେଭ୍ ଜରିଆରେ ଯେକୌଣସି ବସ୍ତୁକୁ ନିୟନ୍ତ୍ରଣ କରାଯାଇ ପାରିବ। ଓପନ୍ ଆସେସ୍ ସାଇଣ୍ଟିଫିକ୍ ଜର୍ନାଲ୍ ନେଚର କମ୍ୟୁନିକେଶନ୍‌ରେ ଗବେଷଣା ସମ୍ବଳିତ ବିସ୍ତୃତ ତଥ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି।



ମିନେସୋଟା ୟୁନିଭର୍ସିଟି ଗବେଷକ ସାଉଣ୍ଡ ଏବଂ ଲାଇଟ ୱେଭ୍ (ଶବ୍ଦ-ଆଲୋକ ତରଙ୍ଗ) ବ୍ୟବହାର କରି ଏକ ପଦ୍ଧତି ପ୍ରସ୍ତୁତ କରିଛନ୍ତି, ଯାହାର ବ୍ୟବହାର ଫଳରେ ବସ୍ତୁକୁ ନିୟନ୍ତ୍ରଣକୁ ଅଣାଯାଇପାରିବ। ବଡ଼ ବଡ଼ କମ୍ପାନୀ ରୋବୋଟିକ୍ ମେଥଡ୍ ପ୍ରୟୋଗ କରି ଅଧିକାଂଶ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଅଲଟ୍ରା ସାଉଣ୍ଡ ୱେଭ୍ ମେଥଡ୍ ଜରିଆରେ ମଧ୍ୟ ଅନେକ କାମ କରାଯାଇପାରିବ। ☞ପୃଷ୍ଠା-୪





ମସ୍କୋ ନିୟନ୍ତ୍ରଣରେ ଥିବା ୟୁକ୍ରେନ୍‌ର ଡୋନେସ୍କସ୍ଥିତ ଏକ ଫଳ ଗୋଦାମ ରୁଷୀୟ ସୈନ୍ୟଙ୍କ ମିଶାଇଲ୍ ମାଡ଼ରେ ଜଳିଯାଇଛି।

# ଜେଲେନ୍‌ସ୍କି ସ୍ପିରିଟ୍ ଅଫ୍ ୟୁକ୍ରେନ୍

କିଭ୍, ୭।୧୨

ଚଳିତବର୍ଷ ଟାଇମ୍ ମାଗାଜିନ୍ ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନ୍‌ସ୍କିଙ୍କୁ 'ଦ ସ୍ପିରିଟ୍ ଅଫ୍ ୟୁକ୍ରେନ୍' ଟାଇଟଲ ପ୍ରଦାନ କରିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠୁ ସେ ଦୃଢ଼ତାର ସହିତ ଏହାର ମୁକାବିଲା କରିଛନ୍ତି। ପ୍ରତ୍ୟେକ ଦିନ ଜେଲେନ୍‌ସ୍କି ଦେଶବାସୀଙ୍କୁ ସମ୍ବୋଧନ କରି ତାଙ୍କ ମନୋବଳ ବଢ଼ାଇବାରେ ଲାଗିଥିବା ଟାଇମ ମୁଖ୍ୟ ସମ୍ପାଦକ ଇଡୱାର୍ଡ ଫେଲସେଣ୍ଟାଲ କହିଛନ୍ତି।


ଫେବୃୟାରୀ ୨୪ରେ ରୁଷିଆ ପକ୍ଷ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ପ୍ରତ୍ୟେକ ୟୁକ୍ରେନୀୟ ମନରେ ଆଶା ଓ ଡରର ମିଶ୍ରିତ ଅନୁଭୂତିରେ ଏହାର ମୁକାବିଲା କରିବାରେ ଲାଗିଛନ୍ତି, ଯାହା ଜେଲେନ୍‌ସ୍କିଙ୍କ ନେତୃତ୍ୱ ପାଇଁ ସମ୍ଭବପର ହୋଇଛି। ପ୍ରଥମ ଥର ଲାଗି ୧୯୨୭ରେ ଟାଇମ୍ ପକ୍ଷରୁ ପ୍ରଥମ ପର୍ସନ ଅଫ୍ ଇୟର୍ ଆୱାର୍ଡ ପ୍ରଦାନ କରିଥିଲା। ଗତବର୍ଷ ବୈଦ୍ୟୁତିକ କାର୍ ଟେସ୍‌ଲା ମାଲିକ ଏଲନ ମସ୍କଙ୍କୁ ଟାଇମ୍ ଏହି ଟାଇଟଲ ପ୍ରଦାନ କରାଯାଇଥିଲା।



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଡୋନେସ୍କର ସ୍ଲୋଭିଆନ୍‌ସ୍କ ସହରରେ ସୈନ୍ୟଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ନିଜ ମୋବାଇଲରେ ଭିଡିଓ ଶୁଟ୍ କରୁଛନ୍ତି।

## ସଂକ୍ଷେପରେ

### ଚାଇନାର ଏକଚାଟିଆ ଗୁଣ୍ଡାମିକୁ ବରଦାସ୍ତ କରାଯିବ ନାହିଁ : ଜୟଶଙ୍କର



**ନୂଆଦିଲ୍ଲୀ,୭।୧୨:** ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଯେ ପର୍ଯ୍ୟନ୍ତ ଚାଇନା ନିଜର ବେଆଇନ ନିର୍ମାଣ ବନ୍ଦ ନ କରିବ ସେ ପର୍ଯ୍ୟନ୍ତ ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହେବ ନାହିଁ। ଭାରତର ବୈଦେଶିକ ନୀତି ସମ୍ପର୍କରେ ପାର୍ଲାମେଣ୍ଟ ଶୀତ ଅଧିବେଶନରେ ଏମ୍‌ପି ପ୍ରଶ୍ନ କରିଥିବାବେଳେ ଏହାର ଉତ୍ତରରେ ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର କହିଛନ୍ତି ଯେ, ବେଜିଂର ଏକଚାଟିଆ ଗୁଣ୍ଡାମିକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏଲ୍‌ଏସି ନିକଟରେ ଯଦି ଚାଇନା ପୁଣି ସେନା ମୁତୟନ କରେ କିମ୍ବା କୌଣସି ବଡ଼ ଧରଣର ନିର୍ମାଣ କରେ ତେବେ ଭାରତ ଏହାର ସମୁଚିତ ଜବାବ ଦେବ।

### ୧୮୦ ଆତଙ୍କବାଦୀ ନିହତ ହେଲେଣି

**ଶ୍ରୀନଗର,୭।୧୨:** ଚଳିତବର୍ଷ ଜମ୍ମୁ-କଶ୍ମୀରରେ ୧୪ ସଂଖ୍ୟାଲଘୁଙ୍କ ସମେତ ୩ କଶ୍ମୀରୀ ପଣ୍ଡିତଙ୍କ ମୃତ୍ୟୁ ଘଟିଥିବା ବୁଧବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ପାର୍ଲାମେଣ୍ଟରେ କହିଛନ୍ତି। ସେହିପରି ଦେଶରେ ମୋଟ ୧୮୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଦେଶରେ ହୋଇଥିବା ମୋଟ ୧୨୩ ଆତଙ୍କବାଦୀ ଆକ୍ରମଣରେ ୩୧ ଯବାନ ଶହୀଦ ହୋଇଥିବାବେଳେ ୩୧ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ନିତ୍ୟାନନ୍ଦ ସୂଚନା ଦେଇଛନ୍ତି। କଶ୍ମୀରୀ ପଣ୍ଡିତଙ୍କ ସୁରକ୍ଷା ଦିଗରେ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୩,୦୦୦ ପ୍ରବାସୀ କଶ୍ମୀରୀଙ୍କୁ ସରକାରୀ ଚାକିରି ସୁବିଧା ଯୋଗାଇବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ୫ ବର୍ଷ ମଧ୍ୟରେ ୧,୬୩୯ ଜଣଙ୍କୁ ଚାକିରି ମିଳିସାରିଥିବା ନିତ୍ୟାନନ୍ଦ କହିଛନ୍ତି।

### ଗଛରେ ବାଘର ଝୁଲନ୍ତା ମୃତଦେହ



**ଭୋପାଳ, ୭।୧୨:** ମଧ୍ୟପ୍ରଦେଶ ବିକ୍ରମପୁରର ପାନ୍ନା ବ୍ୟାଘ୍ର ସଂରକ୍ଷଣ ଉଦ୍ୟାନରେ ଝୁଲନ୍ତା ଅବସ୍ଥାରେ ଏକ ବାଘର ମୃତଦେହ ମିଳିଛି। ଅଣ୍ଡିରା ବାଘର ବୟସ ୨ ବର୍ଷ ହୋଇଥିବାବେଳେ ପାନ୍ନାରେ ଏଭଳି ପ୍ରଥମ ଘଟଣା ଘଟିଥିବା କୁହାଯାଉଛି। ବନ ବିଭାଗ ପକ୍ଷରୁ ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି। ପାଖ ଗାଁର ଲୋକେ ଶିକାର ପାଇଁ ଉଦ୍ୟାନକୁ ଆସିଥିବାବେଳେ ଭୁଲ୍‌ବଶତଃ ବାଘ ସେମାନଙ୍କ ଫାନ୍ଦରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ବୁଧବାର ଡଗ୍ ସ୍କ୍ୱାଡ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ କରିଥିବାବେଳେ ବାଘର ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ବନ ବିଭାଗ ଉଚ୍ଚାଧିକାରୀ କହିଛନ୍ତି।

# ବିମୁଦ୍ରୀକରଣ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

## କେନ୍ଦ୍ର, ଆର୍‌ବିଆଇକୁ ୧୦ ସୁଦ୍ଧା ରେକର୍ଡ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୧୨

୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ହଠାତ୍ ଦୁଇଟି ବଡ଼ ନୋଟ୍ ୧,୦୦୦ ଓ ୫୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ସୁପ୍ରିମକୋର୍ଟରେ ଦାଖଲ ହୋଇଥିଲା। ଏକ ପାଞ୍ଚଜଣିଆ ସାମ୍ବିଧାନିକ ପୀଠ ବୁଧବାର ସେଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଏଥିସହ କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ବିମୁଦ୍ରୀକରଣ ନିଷ୍ପତ୍ତି ସମ୍ପର୍କିତ ତଥ୍ୟ ଅନୁଧ୍ୟାନ ପାଇଁ ମାଗିଛନ୍ତି। ଆସନ୍ତା ଶନିବାର ସୁଦ୍ଧା ଏହାର ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଜଷ୍ଟିସ୍ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠରେ ବିମୁଦ୍ରୀକରଣ ବିରୋଧୀ ପିଟିଶନ୍‌ଗୁଡ଼ିକର ଶୁଣାଣି ବେଳେ ରିଜର୍ଭ ବ୍ୟାଙ୍କ ପ୍ରକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ (ଏଜି) ଆର୍. ଭେଙ୍କଟରମଣି ଏବଂ ଆବେଦନକାରୀମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଓ ଶ୍ୟାମ ଦିୱାନ ମାମଲା ପରିଚାଳନା କରିଥିଲେ। ଜଷ୍ଟିସ୍ ବି.ଆର୍. ଗବାଇ, ଏ.ଏସ୍. ବୋପାନ୍ନା, ଭି. ରାମାସୁବ୍ରମଣ୍ୟମ୍ ଏବଂ ବି.ଭି. ନାଗରତ୍ନ ସାମିଲ ଥିବା ପୀଠ ଶୁଣାଣି ଶେଷରେ ୧୦ ତାରିଖ ସୁଦ୍ଧା ବିମୁଦ୍ରୀକରଣ ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଜି ବନ୍ଦ ଲଫାପା ଭିତରେ ରେକର୍ଡ ଦାଖଲ କରିବେ ବୋଲି ନିଜ ଆଡୁ କହିଛନ୍ତି। ସର୍ବୋଚ୍ଚ ଅଦାଲତ କେନ୍ଦ୍ରର ବିମୁଦ୍ରୀକରଣ ବିରୋଧରେ ଦାଖଲ ହୋଇଥିବା ୫୮ଟି ଆବେଦନର ଶୁଣାଣି କରିଥିଲେ। ଏହା ପୂର୍ବରୁ ମଙ୍ଗଳବାର ପୀଠ କହିଥିଲେ, ଆର୍ଥିକ ନୀତି ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରାୟତଃ ହସ୍ତକ୍ଷେପ କରି ନ ଥାଆନ୍ତି। ଏହାର ତାତ୍ପର୍ଯ୍ୟ ନୁହେଁ ଯେ, କୋର୍ଟ ନିଜ ହାତ ବାନ୍ଧି ବସିଯିବେ। ସରକାର କେଉଁ ଆଧାରରେ ଏପରି ନିଷ୍ପତ୍ତି ନେଉଛନ୍ତି ସବୁ ସମୟରେ ତାହାର ଅନୁଧ୍ୟାନ କରାଯାଇପାରିବ। ଅନ୍ୟପକ୍ଷେ ଚିଦାମ୍ବରମ୍ ଯୁକ୍ତି ବାଢ଼ିଥିଲେ, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ଆଇନଗତ ବୈଧତା ଶେଷ କରିବା ଏକ ଭୁଲ୍ ତଥା ତ୍ରୁଟିପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସରକାର ନିଜ ଆଡୁ ଏପରି ପଦକ୍ଷେପ ନେଇପାରିବେ ନାହିଁ। ଆର୍‌ବିଆଇ କେନ୍ଦ୍ରୀୟ ବୋର୍ଡ ସୁପାରିସ କଲେ ସରକାର ତାହା ଉପରେ ବିଚାର କରିପାରନ୍ତି। ପ୍ରକାଶ ଯେ, ବିମୁଦ୍ରୀକରଣ ଘୋଷଣା ପରେ ନୋଟ୍ ବଦଳାଇବା ପାଇଁ ସାରା ଦେଶର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ସ୍ଥାନରେ ଧାଡ଼ିରେ ଛିଡ଼ା ହୋଇଥିବା ବୟସ୍କ ଲୋକେ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ଆର୍‌ବିଆଇ ସାମୟିକ ଅସୁବିଧା ବୋଲି ନିଜ ରିପୋର୍ଟରେ ଦର୍ଶାଇଥିଲା। ତେବେ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟା ପାଇଁ ବିମୁଦ୍ରୀକରଣକୁ ଅପରିହାର୍ଯ୍ୟ ବୋଲି ଦର୍ଶାଇଥିଲା। ନିକଟରେ କେନ୍ଦ୍ର ସରକାର ମଧ୍ୟ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ନୋଟ୍ ଜାଲିଆତି, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, କଳାଧନ ରୋକିବା ଏବଂ ଟିକସ ଠକେଇ ଉପରେ ଅଙ୍କୁଶ ଲଗାଇବା ନିମନ୍ତେ ବିମୁଦ୍ରୀକରଣ ଏକ ସୁଚିନ୍ତିତ ପଦକ୍ଷେପ ବୋଲି ସରକାର ଦର୍ଶାଇଥିଲେ।



# ଗୁଜରାଟ, ହିମାଚଳ ନିର୍ବାଚନ ଫଳ ଆଜି

ନୂଆଦିଲ୍ଲୀ,୭।୧୨

ନିକଟରେ ଅନୁଷ୍ଠିତ ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନର ଫଳାଫଳ ଗୁରୁବାର ଆସିବ। ଗୁଜରାଟର ୧୮୨ ଓ ହିମାଚଳର ୬୮ ନିର୍ବାଚନମଣ୍ଡଳୀରେ ଭୋଟର କେଉଁ ଦଳକୁ କ୍ଷମତାସୀନ କରାଇବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଭୋଟ ଗଣତି ପାଇଁ ନିର୍ବାଚନ କମିଶନ ଓ ସମ୍ପୃକ୍ତ ରାଜ୍ୟର ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏକ୍‌ଜିଟ୍ ପୋଲ୍ ଗୁଜରାଟରେ ଭାଜପା ସପକ୍ଷରେ ଜନମତ ଯାଇଥିବା କହିଛି। ସେହିପରି ହିମାଚଳ ପ୍ରଦେଶରେ ଭାଜପାକୁ କଂଗ୍ରେସ କଡ଼ା ଟକ୍କର ଦେଇଥିବା ଭବିଷ୍ୟବାଣୀ କରାଯାଇଛି। ଏହି ଦୁଇ ରାଜ୍ୟ ସହିତ ଓଡ଼ିଶାର ପଦ୍ମପୁର ସମେତ ରାଜସ୍ଥାନର ସର୍ଦ୍ଦାରସହର, ବିହାରର କୁରହାନି, ଉତ୍ତର ପ୍ରଦେଶର ରାମପୁର ଓ ଖତୌଲି ବିଧାନସଭା ପାଇଁ ଅନୁଷ୍ଠିତ ଉପନିର୍ବାଚନ ଏବଂ ମୈନପୁରୀ ଲୋକ ସଭା ଆସନ ଭୋଟ ଫଳ ମଧ୍ୟ ଗୁରୁବାର ଗଣତି ପରେ ପ୍ରକାଶ ପାଇବ।



ଆସାମରେ ସ୍ପେଶିଆଲ ଟିଚର ଏଲିଜିବିଲିଟି ଟେଷ୍ଟ (ଟିଇଟି)ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ନିଯୁକ୍ତି ଦାବିରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ କରୁଥିବାବେଳେ ଜଣଙ୍କୁ ଟେକି ନେଉଛି ପୋଲିସ।

## ଆସାମ ରାଗିଂ ଘଟଣା

# ୧୪ ଛାତ୍ର ହଷ୍ଟେଲରୁ ନିଲମ୍ବିତ

ଦିଶପୁର,୭।୧୨

ଆସାମର ସିଲଚାର ସରକାରୀ ଡେଣ୍ଟାଲ କଲେଜ ରାଗିଂ ଘଟଣାରେ ହଷ୍ଟେଲରୁ ୧୪ ଜଣ ଛାତ୍ରଙ୍କୁ ନିଲମ୍ବନ କରାଯାଇଛି। ରାଗିଂରେ ଉକ୍ତ ଛାତ୍ରଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ କଲେଜ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବେ କଲେଜର ପ୍ରଥମ ବର୍ଷ ଛାତ୍ରମାନେ କେତେଜଣ ସିନିୟରଙ୍କ ବିରୋଧରେ ରାଗିଂ ଅଭିଯୋଗ କରିଥିଲେ। ଏହାପରେ କଲେଜ କର୍ତ୍ତୃପକ୍ଷ ଆଣ୍ଟି-ରାଗିଂ କମିଟି ଅଧୀନରେ ଘଟଣାର ଯାଞ୍ଚ ଆରମ୍ଭ କରାଯାଇଥିବା କଲେଜର ପ୍ରିନ୍ସିପାଲ ମଞ୍ଜୁଳା ଦାସ କହିଛନ୍ତି।

# ଯୋଗୀଙ୍କୁ ଭେଟିଲେ ମେଲିଣ୍ଡା

## ୟୁପି ମଡେଲ୍‌ର କଲେ ପ୍ରଶଂସା

ଶ୍ରୀନଗର,୭।୧୨

ବିଲ୍ ଏବଂ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍‌ର ସହ-ସଂସ୍ଥାପିକା ମେଲିଣ୍ଡା ଗେଟ୍ସ ବୁଧବାର ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି। ଏହି ଅବସରରେ ମେଲିଣ୍ଡା ଉତ୍ତର ପ୍ରଦେଶ ମଡେଲ୍‌କୁ ପ୍ରଶଂସା କରିବା ସହ ଏହା କେବଳ ଭାରତ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ଲାଗି ଉଦାହରଣ ପାଲଟିଥିବା ସେ କହିଛନ୍ତି। ଯୋଗୀ ଆଦିତ୍ୟନାଥଙ୍କ ବାସଭବନରେ ଏହି ସ୍ୱତନ୍ତ୍ର ସାକ୍ଷାତ୍‌କାରର ଆୟୋଜନ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ହେଲ୍‌ଥ କେୟାର ସେକ୍ଟରରେ କିପରି ଉନ୍ନତ ଜ୍ଞାନ କୌଶଳର ପ୍ରୟୋଗ କରାଯିବ, ଚାଷ ଓ ପୋଷଣ ଅଭାବକୁ ପୂରା କରିବା ଲାଗି କିପ୍ରକାର ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ରାଜ୍ୟରେ କରାଯାଇଥିବା ଡିଜିଟାଲ ବ୍ୟାଙ୍କିଙ୍ଗ୍ ସୁବିଧା ସାଙ୍ଗକୁ, କୋଭିଡ୍ ମୁକାବିଲା ପାଇଁ ସରକାରଙ୍କ ପଦକ୍ଷେପକୁ ମେଲିଣ୍ଡା ପ୍ରଶଂସା କରିଛନ୍ତି।



# ଭଣ୍ଡବାବାଙ୍କ ୨୦ ସ୍ତ୍ରୀଙ୍କ ମଧ୍ୟରେ ନିଜ ଝିଅ

ନ୍ୟୁୟର୍କ,୭।୧୨

କେତେଜଣ ଅନ୍ଧ ଅନୁଗାମୀଙ୍କୁ ନେଇ ନିଜକୁ ନିଜେ ବାବା ବୋଲାଉଥିଲେ। ଯୌନ ପିପାସା ମେଣ୍ଟାଇବା ପାଇଁ ବହୁ ବିବାହ କଲେ। ତାଙ୍କ ୨୦ ସ୍ତ୍ରୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଭଣ୍ଡବାବାଙ୍କ ନିଜ ନାବାଳିକା ଝିଅ। ଏହି ୪୬ ବର୍ଷୀୟ ଆତ୍ମଘୋଷିତ ଧର୍ମଗୁରୁ ଏବେ ପୋଲିସ ହାଜତରେ।

ଆମେରିକାର ଆରିଜୋନାରେ ସାମୁଏଲ ରେପ୍ପିଲି ବେଟ୍‌ମ୍ୟାନ ନାମକ ଜଣେ ଭଣ୍ଡବାବା ଗିରଫ ହୋଇଛନ୍ତି। ସେ ୨୦ ଜଣଙ୍କୁ ବିବାହ କରିଥିବା ଅଭିଯୋଗ ରହିଛି। ତାଙ୍କ ସ୍ତ୍ରୀମାନଙ୍କ ମଧ୍ୟରୁ ୧୫ ଜଣ ନାବାଳିକା। ଏପରିକି ଜଣଙ୍କ ବୟସ ୯ ବର୍ଷ। ଶେଷରେ ବାବା ନିଜ ଝିଅକୁ ବି ଛାଡ଼ି ନାହାନ୍ତି। ସେମାନଙ୍କୁ ସେ ଅନୈତିକ କାର୍ଯ୍ୟରେ ନିୟୋଜିତ କରୁଥିଲେ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଏହି କାରନାମା ଉପରୁ ପରଦା ହଟାଇବା ପରେ ଭଣ୍ଡବାବାଙ୍କୁ ନେଇ ସବୁଠି ଚର୍ଚ୍ଚା ଲାଗି ରହିଛି। ଯିଶୁଙ୍କ ନାଁରେ ଯୌନ ବ୍ୟଭିଚାର କରୁଥିବା ସାମୁଏଲଙ୍କୁ ଜଣେ ସଂଘୀୟ ଏଜେଣ୍ଟ ଧରିବାରେ ସକ୍ଷମ ହୋଇଛନ୍ତି। ମାମଲା ବିଚାରାଧୀନ ଥିବାଯାଏ ତାଙ୍କୁ ହାଜତରେ ରଖିବା ପାଇଁ ମାଜିଷ୍ଟ୍ରେଟ୍ ଜଜ୍ କେମିଲେ ବାଇବଲ୍ସ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ରେ ସାମୁଏଲ ୫୦ ଅନୁଗାମୀଙ୍କୁ ଠୁଳ କରିବା ପରେ ସେମାନଙ୍କ ଗୁରୁ ପାଲଟିଯାଇଥିଲେ।



ସାମୁଏଲ ରେପ୍ପିଲି ବେଟ୍‌ମ୍ୟାନ

# ଭାରତରେ ବଢ଼ିବ ଗ୍ରୀଷ୍ମପ୍ରବାହ

ୱାଶିଂଟନ୍,୭।୧୨

ଗତ ୧୦ ବର୍ଷ ଧରି ଭାରତରେ ଗ୍ରୀଷ୍ମପ୍ରବାହ କ୍ରମାଗତ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ବର୍ଦ୍ଧିତ ତାପମାତ୍ରା ଯୋଗୁ ପ୍ରତିବର୍ଷ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଛି। ଆସନ୍ତା ଦିନରେ ଭାରତରେ ଏହି ଗ୍ରୀଷ୍ମପ୍ରବାହ ଆହୁରି ବଢ଼ିବ ଏବଂ ଲୋକଙ୍କ ଜୀବନଯାପନ କଷ୍ଟକର ହୋଇପଡ଼ିବ ବୋଲି ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରକାଶିତ ରିପୋର୍ଟର ଶୀର୍ଷକ ରହିଛି, 'କ୍ଲାଇମେଟ୍ ଇନ୍‌ଭେଷ୍ଟମେଣ୍ଟ ଅପର୍ଚ୍ୟୁନିଟିଜ୍ ଇନ୍ ଇଣ୍ଡିଆଜ୍ କୁଲିଙ୍ଗ୍ ସେକ୍ଟର'। କେରଳ ସରକାରଙ୍କ ସହଯୋଗୀତାରେ ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ 'ଇଣ୍ଡିଆ କ୍ଲାଇମେଟ୍ ଆଣ୍ଡ ଡେଭେଲପମେଣ୍ଟ ପାର୍ଟନର୍ସ ମିଟ୍'ରେ ଏହି ରିପୋର୍ଟ ପ୍ରକାଶ କରାଯାଇଛି।

ଚଳିତବର୍ଷ ଏପ୍ରିଲରେ ରାଜଧାନୀ ଦିଲ୍ଲୀର ତାପମାତ୍ରା ସର୍ବାଧିକ ୪୬ ଡିଗ୍ରୀ ସେଲସିୟସ୍ ଥିବାବେଳେ ମାର୍ଚ୍ଚମାସରେ ତାପମାତ୍ରାରେ ହଠାତ୍ ବୃଦ୍ଧି ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ଭାରତରେ ଗ୍ରୀଷ୍ମପ୍ରବାହ ବଢ଼ିବାକୁଥିବାବେଳେ ଲୋକଙ୍କ ଜୀବନଯାପନ ପ୍ରଭାବିତ ହେବାର ଆଶଙ୍କା ଥିବା ରିପୋର୍ଟରେ କୁହାଯାଇଛି। ସାଧାରଣ ଲୋକେ ବିନା ବାୟୁରେ ତିନି ମିନିଟ, ବିନା ପାଣିରେ ତିନି ଦିନ ଓ ବିନା ଖାଦ୍ୟରେ ତିନି ସପ୍ତାହ କାଟିବାକୁ ସକ୍ଷମ ହୋଇଥିବାବେଳେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁ ଏହା ଅସମ୍ଭବ ହୋଇଯିବ। ଦକ୍ଷିଣ ଏସିଆରେ ତାପମାତ୍ରା ଅଧିକ ବୃଦ୍ଧି ପାଇବ, ଯାହାର ପ୍ରଭାବ ଭାରତରେ ସର୍ବାଧିକ ଦେଖିବାକୁ ମିଳିବ। ୨୦୩୬-୬୫ ବେଳକୁ ଭାରତରେ ହିଟ୍ ୱେଭ୍‌ର ମାତ୍ରା ୨୫ ଗୁଣା ବୃଦ୍ଧି ପାଇବ ବୋଲି ୨୦୨୧ ଜି୨୦ ସମ୍ମିଳନୀରେ କୁହାଯାଇଥିଲା। ଇଣ୍ଟର -ଗଭର୍ନମେଣ୍ଟ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ୍ (ଆଇପିସିସି) ମଧ୍ୟ ଏ ନେଇ ଭାରତକୁ ସତର୍କ କରିଥିଲା। ବର୍ତ୍ତମାନ ସମୟରେ ଭାରତର ୭୫% ଲୋକ (୩୮୦ ନିୟୁତ) ଖରାରେ କାମ କରୁଛନ୍ତି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି କାରଣରୁ ବିଶ୍ୱରେ ୮୦ ନିୟୁତ ଲୋକ ରୋଜଗାରର ମାଧ୍ୟମ ହରାଇଥିବାବେଳେ ସେଥିମଧ୍ୟରୁ ୩୪ ନିୟୁତ ଲୋକ କେବଳ ଭାରତର। ଏହାଦ୍ୱାରା ବର୍ଷକୁ ୧୦୧ ବିଲିୟନ୍ ଘଣ୍ଟା ନଷ୍ଟ ହେବାର ଆଶଙ୍କା ରହିଛି। ହିଟ୍ ୱେଭ୍‌ର ପ୍ରଭାବ ଖାଦ୍ୟ, ଶସ୍ୟଉତ୍ପାଦନ କ୍ଷେତ୍ରରେ ପଡ଼ିବା ଆଶଙ୍କା ରହିଛି।



# କେନ୍ଦ୍ରଠାରୁ ରିପୋର୍ଟ ମାଗିଲା ସୁପ୍ରିମକୋର୍ଟ

## ପୋଲାଭରମ୍ ବିବାଦ

**ନୂଆଦିଲ୍ଲୀ, ୭।୧୨**

ଗୋଦାବରୀ ନଦୀ ଉପରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ପୋଲାଭରମ୍ ପ୍ରକଳ୍ପକୁ ନେଇ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ମଧ୍ୟରେ ଚାଲିଥିବା ବିବାଦର ସାନି ଷ୍ଟାଟସ୍ ରିପୋର୍ଟ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କଠାରୁ ମାଗିଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟକୁ ୨ମାସ ସମୟ ଦେଇଛନ୍ତି। ବିଚାରପତି ଏସ୍.କେ. କଲ୍‌ଙ୍କୁ ନେଇ ଗଠିତ ୩ଜଣିଆ ପୀଠ ଏହି ମାମଲାର ଶୁଣାଣି କରିବା ସହ ଅତିରିକ୍ତ ସଲିସିଟର ଜେନେରାଲ(ଏଏସ୍‌ଜି) ଐଶ୍ୱର୍ଯ୍ୟା ଭାଟିଙ୍କ ଯୁକ୍ତିକୁ ଶୁଣିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୧୫କୁ ଧାର୍ଯ୍ୟ କରିଛନ୍ତି।

ଏଏସ୍‌ଜି ଭାଟିଙ୍କ କହିବା ହେଲା, କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି)କୁ ଉକ୍ତ ରାଜ୍ୟଗୁଡ଼ିକ କିଛି ବୈଷୟିକ ବିନ୍ଦୁ(ଟେକ୍ନିକାଲ ପଏଣ୍ଟ୍ସ)ଦେଇଛନ୍ତି। ଏହାକୁ ସିଡବ୍ଲ୍ୟୁସି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟକୁ ଦେଇଛି। ଯେଉଁଥିରେ କିଛିଟା ମତ ପାର୍ଥକ୍ୟ ରହିଥିବା ଜଣାପଡ଼ିଛି। ଉକ୍ତ ଟେକ୍ନିକାଲ ପଏଣ୍ଟ୍ସକୁ ତର୍ଜମା କରିବାକୁ କେନ୍ଦ୍ରକୁ କିଛି ସମୟ ଲାଗିବ। ଏପରି କି ରାଜ୍ୟଗୁଡ଼ିକ ମଧ୍ୟରେ ମଧ୍ୟସ୍ଥତା କରିବା ସହ ଏହାର ମୁଖ୍ୟମନ୍ତ୍ରୀଙ୍କୁ ନେଇ ଆଲୋଚନା କରିବାର ଆବଶ୍ୟକ ରହିଛି ବୋଲି ଭାଟି କହିଥିଲେ। ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ କୁହାଯାଇଥିଲା ଯେ, କେନ୍ଦ୍ରକୁ ପ୍ରକଳ୍ପ ସମ୍ପର୍କିତ ଟେକ୍ନିକାଲ ପଏଣ୍ଟ୍ସ ଦେବା ପରେ ସେଠାରୁ ଏସମ୍ପର୍କରେ କୌଣସି ଯୋଗାଯୋଗ କରାଯାଇ ନାହିଁ। ଏପରି କି ମୁଖ୍ୟମନ୍ତ୍ରୀଙ୍କୁ ନେଇ ଆଲୋଚନା ସମ୍ପର୍କରେ କେନ୍ଦ୍ର ପକ୍ଷରୁ କୌଣସି ନିର୍ଦ୍ଧାରିତ ତାରିଖ ମଧ୍ୟ ଧାର୍ଯ୍ୟ ହୋଇନାହିଁ। ଅପରକ୍ଷରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଆଇନଜୀବୀ କହିଥିଲେ ଯେ, ପୋଲାଭରମ୍ ପ୍ରକଳ୍ପକୁ ଏତେ ଦିନ ବିତିଯାଇଥିଲେ ସୁଦ୍ଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏଯାବତ୍ କୌଣସି ଜନ ଶୁଣାଣି କରାଯାଇ ନାହିଁ। ତେବେ ଆନ୍ଧ୍ରର ଏଭଳି ଯୁକ୍ତିକୁ ଓଡ଼ିଶା ପକ୍ଷରୁ ବିରୋଧ କରାଯାଇଥିଲା। ବିନା କୌଣସି ନୋଟିସରେ ପ୍ରକଳ୍ପର ଢାଞ୍ଚା ପରିବର୍ତ୍ତନ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାରେ ବ୍ୟାପକ ବନ୍ୟାସ୍ଥିତି ସୃଷ୍ଟି କରିଛି। ଯେପର୍ଯ୍ୟନ୍ତ ପ୍ରକଳ୍ପ ଢାଞ୍ଚା ସମ୍ପର୍କରେ ଆମକୁ ସ୍ପଷ୍ଟ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଜନ ଶୁଣାଣି କଣ କରାଯିବ। ଏପରି କି ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ କେତେ ଅଞ୍ଚଳ ମିଶିବ ତାହା ଜଣା ନାହିଁ। ପ୍ରକଳ୍ପ ସମ୍ପର୍କରେ ଆମକୁ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯାଇ ନାହିଁ ବୋଲି ଓଡ଼ିଶା ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ଛତିଶଗଡ଼ ସରକାରଙ୍କ ପକ୍ଷରୁ ଆଇନଜୀବୀ ସୁମର ସୋଧୀ କହିଥିଲେ ଯେ, ଟେକ୍ନିକାଲ ପଏଣ୍ଟ୍ସ କେନ୍ଦ୍ରକୁ ପ୍ରଦାନ କରାଯାଇଥିଲେ ସୁଦ୍ଧା ଏନେଇ କୌଣସି ଜବାବ କେନ୍ଦ୍ରପକ୍ଷରୁ ଆସି ନାହିଁ।

ପୂର୍ବରୁ ଗତ ସେପ୍ଟେମ୍ବର ୬ରେ ସୁପ୍ରିମକୋର୍ଟ ଏହି ପ୍ରକଳ୍ପ ବିବାଦର ସମାଧାନ ପାଇଁ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ମଧ୍ୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଉକ୍ତ ୪ଟି ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ବୈଠକ ଡାକି ଆନ୍ଧ୍ର ନିର୍ମାଣ କରୁଥିବା ପୋଲାଭରମ୍ ପ୍ରକଳ୍ପ ଯୋଗୁ ସୃଷ୍ଟି ହେବାକୁ ଥିବା ପରିବେଶ ସମ୍ପର୍କିତ ସମସ୍ୟା ସମାଧାନ କରିବାକୁ କେନ୍ଦ୍ର ଜଳ ଶକ୍ତି ମିଶନ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାଯୋଗ୍ୟ ଗୋଦାବରୀ ନଦୀ ଉପରେ ଆନ୍ଧ୍ର ପକ୍ଷରୁ ନିର୍ମାଣ କରାଯାଉଥିବା ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ପରିବେଶ ଜନିତ କ୍ଷତି ଆଶଙ୍କା କରି ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନା ପକ୍ଷରୁ ୨୦୧୮ରେ ସୁପ୍ରିମକୋର୍ଟରେ ୩ଗୋଟି ମାମଲା ରୁଜୁ ହୋଇଥିଲା। ଏପରି କି ଏହି ପ୍ରକଳ୍ପ ସମ୍ପର୍କରେ ଏକ ସାନି ପରିବେଶ ପ୍ରଭାବ ଆକଳନ ରିପୋର୍ଟ ଏବଂ ଜନଶୁଣାଣି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବାକୁ ସର୍ବୋଚ୍ଚ ଅଦାଲତରେ ଉକ୍ତ ୩ ରାଜ୍ୟ ପକ୍ଷରୁ ଆବେଦନ କରାଯାଇଥିଲା।

# ଜାନୁୟାରୀ ୧ରୁ ଶ୍ରୀମନ୍ଦିରକୁ ସ୍ମାର୍ଟଫୋନ୍ ମନା

**ପୁରୀ ଅଫିସ, ୭।୧୨**

ଏଣିକି ଶ୍ରୀମନ୍ଦିର ଭିତରେ ସ୍ମାର୍ଟଫୋନ୍ ବ୍ୟବହାର ନିଷିଦ୍ଧ ହେବ। ଆସନ୍ତା ନୂଆବର୍ଷ ଅର୍ଥାତ୍ ୨୦୨୩ ଜାନୁୟାରୀ ୧ରୁ ଏହି କଟକଣା ଲାଗୁ କରାଯିବ। ବୁଧବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ଓ ନୀତି ସବ୍‌କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଭିତର ଓ ପରିସର ଫଟୋ ଏବଂ ଭିଡିଓ ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଏବଂ ଶ୍ରୀମନ୍ଦିର ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପହିଲି ଭୋଗ ନୀତି ନିର୍ଘଣ୍ଟ ସମେତ ବିଭିନ୍ନ ସମୟରେ ଶ୍ରୀମନ୍ଦିର ପରିସରରେ ମୋବାଇଲ ଫୋନ୍ କାରଣରୁ ଫଟୋ ଭାଇରାଲ ହେଉଥିବାରୁ ମୋବାଇଲ ବ୍ୟବହାର ଉପରେ କଟକଣା ଲଗାଯିବା ନେଇ ଆଲୋଚନା ହୋଇଥିଲା। ୨୦୨୩ ଜାନୁୟାରୀ ୧ରୁ ଶ୍ରୀମନ୍ଦିର ପରିସରରେ ସ୍ମାର୍ଟଫୋନ୍ ବ୍ୟବହାର ଉପରେ କଟକଣା ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ଜରୁରୀ ନୀତି ନିର୍ଘଣ୍ଟ ସମ୍ପର୍କରେ ସୂଚନା ଦେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ସ୍ମାର୍ଟଫୋନ୍ ବ୍ୟବହାର କରିପାରିବେ। ଶ୍ରୀମନ୍ଦିରର ଅନ୍ୟ ଅଧିକୃତ ଅଧିକାରୀ ଓ ସେବାୟତମାନେ ସାଧାରଣ କି-ପ୍ୟାଡ୍ ଥିବା ମୋବାଇଲ ବ୍ୟବହାର କରିପାରିବେ। ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ଆସନ୍ତା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି କଟକଣାକୁ ଅନୁମୋଦନ କରାଯିବ। ଚଳିତ ମାସ ୧୬ରୁ ଆସନ୍ତା ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ପହିଲି ଭୋଗ ଅନୁଷ୍ଠିତ ହେବ। ଏହି ନୀତି ନିର୍ଘଣ୍ଟ ଅନୁମୋଦନ କରାଯାଇଛି। ସେହିପରି ଆସନ୍ତା ଜାନୁୟାରୀ ୬ରେ ପୌଷ ପୂର୍ଣ୍ଣିମା ତିଥିରେ ହେବାକୁ ଥିବା ଦେବାଭିଷେକ ନୀତି ନିର୍ଘଣ୍ଟ ମଧ୍ୟ ଅନୁମୋଦିତ ହୋଇଛି।

# ଟଙ୍କା ହଡ଼ପ: ପୋଷ୍ଟମାଷ୍ଟରଙ୍କୁ ୩ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୭।୧୨**

ଜମାକାରୀଙ୍କ ଟଙ୍କା ହଡ଼ପ ମାମଲାର ବିଚାର କରି ବୁଧବାର ବାଲେଶ୍ୱର ସିଜେଏମ୍ ଲଳିତା ମଞ୍ଜରୀ ପଟ୍ଟନାୟକ ଅଭିଯୁକ୍ତ ଲଙ୍ଗଳେଶ୍ୱର ପୋଷ୍ଟମାଷ୍ଟରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଲଙ୍ଗଳେଶ୍ୱର ପୋଷ୍ଟଅଫିସର ପୋଷ୍ଟମାଷ୍ଟର ପ୍ରିୟନାଥ ଦାସ ବିଭିନ୍ନ ଲୋକଙ୍କ ନାମରେ ଟଙ୍କା ଉଠାଣ କାଗଜରେ ନିଜେ ଜାଲ ଦସ୍ତଖତ କରି ମୋଟ୍ ୫୨,୨୦୦ଟଙ୍କା ହଡ଼ପ କରିଥିବା ଜମାକାରୀମାନେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଷ୍ଟାଲ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀ ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଜଳେଶ୍ୱର ପୋଷ୍ଟାଲ ଇନ୍ସପେକ୍ଟର ସର୍ବେଶ୍ୱର ବଳିୟାରସିଂହ ୨୦୦୬ ମେ' ୧୮ ତାରିଖରେ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୪୩/୨୦୦୬) ରୁଜୁ ହୋଇ ବାଲେଶ୍ୱର ସିଜେଏମ୍ କୋର୍ଟରେ ବିଚାରଧୀନ ଥିଲା। ୧୨ ଜଣ ସାକ୍ଷୀ ଓ ପୋଲିସର ତଦନ୍ତ କାଗଜପତ୍ର ଆଦିକୁ ବିଚାରକୁ ନେଇ ବିଚାରପତି ପୋଷ୍ଟମାଷ୍ଟରଙ୍କୁ ୩ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଭାତ କୁମାର ଦାସ ମାମଲାର ପରିଚାଳନା କରିଥିଲେ।

# ଏସ୍‌ଟିଏଫ୍ ଉପରକୁ ଗୋଚାଲାଣକାରୀଙ୍କ ଗୁଳିମାଡ଼

## ଗୋରୁଭର୍ତ୍ତି ୨ କଣ୍ଟେନର ଜବତ, ୨ ଡ୍ରାଇଭର ଗିରଫ

- ଅନ୍ଧାର ପାଇଁ ୩ କଣ୍ଟେନର ଧରି ଖସିଗଲେ ଚାଲାଣକାରୀ
- ଉଦ୍ଧାର ୭୪ ଗୋରୁଙ୍କୁ ଗୋଶାଳା ପଠାଗଲା
- ଏସ୍କର୍ଟ ଯୋଗାଉଛନ୍ତି ମୟୂରଭଞ୍ଜର ନିଶାବେପାରୀ

**ଭୁବନେଶ୍ୱର,(ବ୍ୟୁରୋ)/ କେନ୍ଦୁଝର,୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ୪୯ ନଂ. ଜାତୀୟ ରାଜପଥ ଦେଇ ପ୍ରତିଦିନ ପଶ୍ଚିମବଙ୍ଗକୁ ବେଆଇନ ଭାବେ ଗୋଚାଲାଣ କରାଯାଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉବେଳେ ଗୋରୁ ଚାଲାଣକାରୀମାନେ ଗୁଳିମାଡ଼ କରିଛନ୍ତି। ୭ ରାଉଣ୍ଡ ଗୁଳିଚାଳନା ହୋଇଥିଲେ ମଧ୍ୟ ଏସ୍‌ଟିଏଫ୍ ଓ ପୋଲିସର କୌଣସି କର୍ମଚାରୀ ଆହତ ହୋଇନାହାନ୍ତି। ତେବେ ଅନ୍ଧାର ଯୋଗୁ ଗୋଚାଲାଣକାରୀମାନେ ଏସ୍କର୍ଟ କରି ୩ ଗୋରୁବୋଝେଇ କଣ୍ଟେନର ନେଇ ପଶ୍ଚିମବଙ୍ଗ ପଳାଇଛନ୍ତି। ଏସ୍‌ଟିଏଫ୍ ଘଟଣାସ୍ଥଳରୁ ୨ ଗୋରୁବୋଝେଇ କଣ୍ଟେନର ଜବତ କରିବା ସହ ବୁଧବାର ୨ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନାପୁର ଜିଲା ଦକ୍ଷିଣଛକ ଅଞ୍ଚଳର ଏସ୍‌କେ ରସିଦ ଓ ହାୱଡା ଜିଲା ଉଲୁବେରିଆ ଅଞ୍ଚଳର ଏସ୍‌କେ ରେଜାବୁଲ। ଏସ୍‌ଟିଏଫ୍ ରିପୋର୍ଟ ଆଧାରରେ କେନ୍ଦୁଝର ଟାଉନ ଥାନା ପୋଲିସ ଏକ ମାମଲା (ନଂ.୪୯୮/୨୦୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟେ ଉଭୟ କଣ୍ଟେନରରୁ ଉଦ୍ଧାର ୭୪ ଗୋରୁଙ୍କୁ ବଡ଼ବିଲସ୍ଥିତ ଗୋଶାଳାକୁ ପଠାଯାଇଛି। ଟାଉନ ଥାନାଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି, ୨ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ। ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ଅନ୍ୟପଟେ ଏସ୍‌ଟିଏଫ୍ ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ୪୯ ନଂ. ଜାତୀୟ ରାଜପଥର ଜୁରିଆଘାଟି ଦେଇ ମଙ୍ଗଳବାର ରାତିରେ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ଏନେଇ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯିବା ସହ ଏସ୍‌ଟିଏଫ୍‌ର ୧୫ ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପ୍ରସ୍ତୁତ ହୋଇ ରହିଥିଲା। ୫ ଗୋରୁବୋଝେଇ କଣ୍ଟେନର ସମ୍ବଲପୁର ଆଡୁ ତେଲକୋଇ, କାଞ୍ଜିପାଣି, ସଦର, ଟାଉନ, ତୁରୁମୁଙ୍ଗ ଆଦି ଥାନା ଅଞ୍ଚଳ ଦେଇ ମୟୂରଭଞ୍ଜ ଜିଲା ଆସୁଥିଲା। ୨ ବୋଲେରୋରେ ୧୦ରୁ ଅଧିକ ଅଭିଯୁକ୍ତ କଣ୍ଟେନରଗୁଡ଼ିକୁ ଏସ୍କର୍ଟ ଯୋଗାଉଥିଲେ। ମିଳିତ ଟିମ୍ ଜୁରିଆଘାଟି ନିକଟରୁ କଣ୍ଟେନରକୁ ପିଛା କରିଥିଲା। ସ୍ଥାନୀୟ କିଛି ସଂଗଠନ ମଧ୍ୟ ଏସ୍‌ଟିଏଫ୍ ଟିମ୍‌କୁ ସହଯୋଗ କରିଥିଲା। ଏହି ସମୟରେ ଅନ୍ଧାରର ସୁଯୋଗ ନେଇ ଅଭିଯୁକ୍ତମାନେ ୭ରୁ ଅଧିକ ରାଉଣ୍ଡ୍ ଗୁଳିଚାଳନା କରିଥିଲେ। ଏଥିସହ ଖିରେଇଟାଙ୍ଗିରି ଟୋଲ ଗେଟ୍ ଭାଙ୍ଗି ୩ କଣ୍ଟେନର ନେଇ ଫେରାର ହେବାରେ ସକ୍ଷମ ହୋଇଥିଲେ। ତେବେ ସମସ୍ତ ଗୋରୁ ବରଗଡ଼ ସୋହେଲା ଅଞ୍ଚଳରୁ ଅଣାଯାଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଗୋଚାଲାଣକାରୀଙ୍କୁ ମୟୂରଭଞ୍ଜର ଜଣେ ନିଶାବେପାରୀ ଟଙ୍କା ନେଇ ଏସ୍କର୍ଟ ଯୋଗାଉଥିବା ସୂଚନା ମିଳିଛି।









**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ନିଜ ମନ ମୁତାବକ ବିଲ୍ ଆଣି ବଳପୂର୍ବକ ଗୃହୀତ କରାଇ ନେଉଛନ୍ତି, ଯାହାକି ସଂସଦୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।" -ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସରଗକୁ ନିଶୁଣି ନାହିଁ**
**ବଡ଼ ଲୋକଙ୍କୁ ଉତ୍ତର ନାହିଁ।**

ସ୍ୱର୍ଗ ବା ଆକାଶ କାହିଁ କେତେ ଦୂରରେ, ନିଶୁଣି ସାହାଯ୍ୟରେ ତା'ର ଦୂରତା ମାପିବା ସମ୍ଭବ ହୋଇ ନ ଥାଏ। ସେହିପରି ବଡ଼ ଲୋକମାନେ ନିଜ ଧନ, ମାନ ତଥା ପ୍ରତିଷ୍ଠା ବଳରେ ନିଜକୁ ବଡ଼ଲୋକ ବୋଲାଉଥିବାବେଳେ ତାଙ୍କ କଥା ବେଦବାକ୍ୟ ପରି ସତ୍ୟ ବୋଲି ପ୍ରତ୍ୟୟମାନ ହୋଇଥାଏ। ମିଥ୍ୟା ବା ଅବାନ୍ତର କଥା କହିଲେ ବି ତାଙ୍କୁ ଉତ୍ତର ଦିଆଯାଇ ପାରୁ ନ ଥିବାବେଳେ ତାଙ୍କ କଥା ଅସମ୍ଭବ ହେଲେ ବି ସହିଯିବାକୁ ପଡ଼ିଥାଏ। ବଡ଼ଲୋକଙ୍କ ବଡ଼ପଣିଆକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସମ୍ପଦ ବେଳେ ନ ହେବ ଚାତର**
**ବିପଦ ବେଳେ ନ ହେବ କାତର।**

ସମ୍ପଦ ପ୍ରାପ୍ତିରେ ମନରେ କୌଣସି ପ୍ରକାର ଗର୍ବ ଏବଂ ଅହଙ୍କାର ଆଣିବା ଅନୁଚିତ। ସେହିପରି ବିପଦ ପଡ଼ିଥିବା ବେଳେ ମ୍ରିୟମାଣ ନ ହୋଇ ଏହାକୁ ଧୈର୍ଯ୍ୟର ସହ ମୁକାବିଲା ବା ସାମନା କରିବା ଉଚିତ। ବିପଦକୁ ସାମ୍ନା କରିବା ପାଇଁ ମନରେ ସାହସ ବାନ୍ଧିଲେ ବିପଦ ଟଳିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଆତ୍ମସମର୍ପଣ କଲେ ୩୩ ମାଓବାଦୀ



**ମାଲକାନଗିରି,୭।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର ଆଲୁରି ସୀତାରାମରାଜୁ ଜିଲା ପୋଲିସ ନିକଟରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଡିଭିଜନର ୩୩ ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ପି ସତୀଶ କୁମାର, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ନୋଭାଲ କିଶୋର ଚୌଧୁରୀ ଏବଂ କମାଣ୍ଡାଣ୍ଟ ରାଜେଶ ତିୱାରୀଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଉକ୍ତ ମାଓବାଦୀଙ୍କ ମଧ୍ୟରେ ଅନେକ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଓ ସୀମାନ୍ତ ଅଞ୍ଚଳର ବୋଲି ଜଣାପଡ଼ିଛି। ଏମାନେ ପୂର୍ବତନ ଜିଲାପାଳ ଆର୍. ଭିନିଲ୍ କ୍ରିଷ୍ଣାଙ୍କ ଅପହରଣ ସମେତ ଅନେକ ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ପିଏଲ୍‌ଜିଏ ସପ୍ତାହରେ ବହୁ ସଂଖ୍ୟାରେ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଥିବାରୁ ଏହା ମାଓବାଦୀ ସଙ୍ଗଠନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି।

### ପୂର୍ବତନ ଜିଲାପାଳଙ୍କ ଅପହରଣରେ ଥିଲେ ସମ୍ପୃକ୍ତ

# ବସ୍‌ରୁ ଜବତ ୩୫୯ ଗ୍ରାମ ସୁନା, ୫୭ କେଜି ଗଞ୍ଜେଇ

**ବ୍ରହ୍ମପୁର ଅଫିସ,୭।୧୨**

ଅବକାରୀ ଗୁଇନ୍ଦା ବିଭାଗ ବୁଧବାର ପୂର୍ବାହ୍ନରେ ଗଞ୍ଜାମ ଜିଲା ଗୋପାଳପୁର ଜଙ୍କଶନରେ ଗଞ୍ଜେଇ ଧରପଗଡ଼ କରୁଥିବା ବେଳେ ବସ୍‌ରୁ ସୁନା ଓ ଗଞ୍ଜେଇ ଜବତ କରିଛି। ବସ୍‌ରେ ଜଣେ ଯାତ୍ରୀ ୩୫୯ ଗ୍ରାମ ସୁନା ନେଉଥିବା ବେଳେ ତାହାକୁ ଜବତ କରାଯାଇଛି। ସେହିପରି ବସ୍‌ରେ ଗଞ୍ଜେଇ ନେଇ ଯାଉଥିବା ୫ ଜଣଙ୍କୁ ମଧ୍ୟ କାବୁ କରାଯାଇଛି।

ପଶ୍ଚିମବଙ୍ଗର ମୂଳ ନିବାସୀ ମହାଦେବ ଆଲୁ କଟକରେ ରହି ସେଠାରୁ ସୁନା ଆଣି ଟିକସ୍ ଫାଙ୍କି ବ୍ରହ୍ମପୁରରେ ବିକୁଥିବା ଜେରା ବେଳେ ପ୍ରକାଶ କରିଥିବା ସୂଚନା ମିଳିଛି। ବୁଧବାର ସେ ଓଏସ୍‌ଆରଟିସି ବସ୍‌ରେ ସୁନା ନେଇ ଆସୁଥିବା ବେଳେ ଧରାପଡ଼ିଥିଲେ। ତାଙ୍କଠାରୁ ୩୦୯ ଗ୍ରାମର ସୁନା ବିସ୍କୁଟ୍ ଓ ୫୦ ଗ୍ରାମର ସୁନା ଗହଣା ଅବକାରୀ ବିଭାଗ ଜବତ କରି ଗୋପାଳପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ସେହିପରି ଅନ୍ୟ ୫ଜଣଙ୍କ ଠାରୁ ମୋଟ ୫୭କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ଭିନ୍ନଭିନ୍ନ ବସରେ ମୋହନାରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ କଟକ ଚାଲାଣ କରୁଥିବା ଅବକାରୀ ଗୁଇନ୍ଦା ବିଭାଗର ଜେରା ବେଳେ ଜଣାପଡ଼ିଛି। ଏନେଇ ପୃଥକ୍ ୫ଟି ମାମଲା ରୁଜୁ ହୋଇଛି।



ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଜପତି ଜିଲା ମୋହନା ଥାନା ପାନଗୁଡ଼ାର ଚିଦାନନ୍ଦ ବୀର, ଚିତ୍ତରଞ୍ଜନ ଶତ୍ରୁସଲ୍ୟ, ଅଡ଼ବା ଥାନା କେଶେରିଗୁଡ଼ା ଗ୍ରାମର ଲାଲୁ ନାୟକ, କଟକ ଚାଉଳିଆଗଞ୍ଜ ଥାନାର ଦେବେନ୍ଦ୍ର ସାହୁ ଓ ବିହାରର ମୁଲକି ସାହା ଅଛନ୍ତି। ଆଇଆଇସି ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଅବକାରୀ ଗୁଇନ୍ଦା ବିଭାଗ ଟିମ୍ ଏହି ଧରପଗଡ଼ କରିଥିଲା। ଜବତ ସୁନା ବିସ୍କୁଟ ଓ ଗହଣାର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଜବତ ଗଞ୍ଜେଇର ମୂଲ୍ୟ ୫ଲକ୍ଷ ୭୦ହଜାର ଟଙ୍କା ବୋଲି ଅବକାରୀ ଗୁଇନ୍ଦା ଡେପୁଟି କମିଶନର ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଏଏପି ଦଖଲରେ ...

ଏମ୍‌ସିଡି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମଇଦାନରେ ୧୩୪୯ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ୫୦.୪୮% ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥିଲେ। ଏଏପି ୧୫୦ ଅତିକ୍ରମ କରିବ ଏବଂ ଭାଜପା ଦୁଇଅଙ୍କରେ ସୀମିତ ରହିବ ବୋଲି ଏହାର ଦିନକ ପରେ ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଏକ୍‌ଜିଟ୍ ପୋଲ୍‌ରେ ଭବିଷ୍ୟବାଣୀ କରିଥିଲେ। ଏହି ଆକଳନ ସମ୍ପୂର୍ଣ୍ଣ ସତ ପ୍ରମାଣିତ ହୋଇ ନ ଥିଲେ ହେଁ ଏଏପିର ଏମ୍‌ସିଡି ଦଖଲ ଉଦ୍ୟମ ସଫଳ ହୋଇଛି। ଏଥିସହ ଭାଜପା ଏକ ମଜଭୁତ୍ ବିରୋଧୀ ଭାବେ ଉଭା ହୋଇଛି। ବୁଧବାର ପୂର୍ବାହ୍ନ ୮ଟାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୪୨ଟି କେନ୍ଦ୍ରରେ ଭୋଟ ଗଣତି କରାଯାଇଥିଲା। ପ୍ରାରମ୍ଭିକ ଟ୍ରେଣ୍ଡ୍ ଭାଜପା ସପକ୍ଷରେ ରହିଥିଲା। ଗୋଟିଏ ସମୟରେ ଭାଜପା ୧୦୭ ଆସନରେ ଆଗୁଆ ଥିବାବେଳେ ଏଏପି ୯୫ ଆସନରେ ସୀମିତ ରହିଥିଲା। କିନ୍ତୁ ସମୟ ଅତିକ୍ରମ ହେବା ସହିତ ଏଏପି ଆଗକୁ ବଢ଼ିବା ସହ ଭାଜପା ପଛରେ ପଡ଼ିଯାଇଥିଲା। ଶେଷରେ ଭାଜପାକୁ ୧୦୪ ଆସନରେ ସଫଳତା ମିଳିଥିବାରୁ ଏକ୍‌ଜିଟ୍ ପୋଲ୍‌ର ଆକଳନ ଅନୁରୂପ ପ୍ରଦର୍ଶନ ଖରାପ ହୋଇନାହିଁ। ଏଏପି ୧୩୪ ଆସନ ଦଖଲ କରି ସଂଖ୍ୟାଗରିଷ୍ଠତା ହାସଲରେ ସଫଳ ହୋଇଛି। ୨୫୦ ସଦସ୍ୟତା ବିଶିଷ୍ଟ ଗୃହରେ ଏଏପିକୁ କୁହୁକ ସଂଖ୍ୟାଠାରୁ ଅଧିକ ୮ ଆସନ ମିଳିଛି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଆୟୁଧ କରି ନିର୍ବାଚନ ଲଢ଼ିଥିବା ଭାଜପା ଲଗାତର ୧୫ ବର୍ଷ ଧରି କ୍ଷମତାରେ ରହିବା ପରେ ଏଥର ବିଫଳତାର ସ୍ୱାଦ ଚାଖିଛି। କଂଗ୍ରେସ ୯ ଆସନରେ ସୀମିତ ରହିଛି। ୨୦୧୭ ଏମ୍‌ସିଡି ନିର୍ବାଚନରେ ୨୭୨ ୱାର୍ଡ ମଧ୍ୟରୁ ଭାଜପାକୁ ୧୮୧, ଏଏପି ୪୮ ଓ କଂଗ୍ରେସକୁ ୩୦ ଆସନରେ ସଫଳତା ମିଳିଥିଲା।

ସଦ୍ୟ ନିର୍ବାଚନର ପରିଣାମ ଆସିବା ପରେ ଏଏପି ଶିବିରରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ଦଳୀୟ ମୁଖ୍ୟାଳୟରେ ନେତା ଓ କର୍ମୀ ଉତ୍ସବ ମନାଇଛନ୍ତି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଦେଶର ସର୍ବବୃହତ୍ ଦଳକୁ ତା' ଦୁର୍ଗରେ ମାତ୍ର ୧୦ ବର୍ଷର ଏକ ଦଳ ହରାଇଦେଇଛି। ଏଏପି ଏକ କଟ୍ଟର ସଚ୍ଚୋଟ ପାର୍ଟି ବୋଲି ଏହି ପରିଣାମ ପୁଣି ଥରେ ପ୍ରମାଣିତ କରିଛି। ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଦିଲ୍ଲୀବାସୀଙ୍କୁ ଏହି ଜନାଦେଶ ପାଇଁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ଭୋଟରମାନଙ୍କ ସମର୍ଥନ ହିଁ ଏଏପିକୁ ବିଶ୍ୱର ସବୁଠୁ ବଡ଼ ଓ ନକାରାତ୍ମକ ଦଳକୁ ଧରାଶାୟୀ କରାଇଛି। ଏହା ଆମ ପାଇଁ କେବଳ ବିଜୟ ନୁହେଁ, ବରଂ ଏକ ଉତ୍ତରଦାୟିତ୍ୱ ବୋଲି ସିସୋଦିଆ କହିଛନ୍ତି। ଅନ୍ୟପକ୍ଷେ ଦିଲ୍ଲୀ ଭାଜପା ଅଧ୍ୟକ୍ଷ ଆଦେଶ ଗୁପ୍ତା କହିଛନ୍ତି, ଦୀର୍ଘ ୧୫ ବର୍ଷର ସରକାର ବିରୋଧୀ ହାୱା ସତ୍ତ୍ୱେ ଆମ ପ୍ରଦର୍ଶନ ଭଲ ରହିଛି। ଆମେ ଦିଲ୍ଲୀବାସୀଙ୍କ ପାଇଁ ଯଥାସମ୍ଭବ କାମ କରିଛୁ। ଏହି ଫଳାଫଳକୁ ଦେଖିଲେ ଭାଜପା ବିରୋଧରେ କୌଣସି ପ୍ରକାର ଜନାକ୍ରୋଶ ଥିବା ମନେହେଉନାହିଁ। ଶତାଧିକ ୱାର୍ଡରେ ବିଜୟୀ କରାଇଥିବାରୁ ଭାଜପା ମଧ୍ୟ ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଦେଇଛି। କ୍ରମାଗତ ଚତୁର୍ଥ ଥର ଆସ୍ଥା ପ୍ରକଟ କରି ଏତେ ସମର୍ଥନ ଦେଇଥିବାରୁ ଜନସାଧାରଣ ଓ ଦଳୀୟ କର୍ମୀମାନଙ୍କ ନିକଟରେ ଭାଜପା ଋଣୀ ବୋଲି ଉତ୍ତରପୂର୍ବ ଦିଲ୍ଲୀ ଏମ୍‌ପି ମନୋଜ ତିୱାରୀ ଟୁଇଟ୍ କରିଛନ୍ତି।

### ଏକଜୁଟ୍ ହେଲେ ...

ପକ୍ଷରୁ ଲୋକଙ୍କ ସହ ଜଡ଼ିତ ସମସ୍ତ ପ୍ରସଙ୍ଗକୁ ଦୃଢ଼ ଭାବରେ ଉଠାଯିବ। ତେବେ ଆଲୋଚନାରେ ଅଂଶଗ୍ରହଣ ପାଇଁ ବିରୋଧୀଙ୍କୁ ଅଧିକ ସୁଯୋଗ ମିଳିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତେଣୁ ସରକାର ତାଙ୍କ କଥା ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଆମେ ଆଶା କରୁଛୁ।

ଖାର୍ଗେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ଯଦି ଆଇନ ତରବରିଆ ଭାବେ କରାଯାଏ, ତେବେ ତାହା ନ୍ୟାୟିକ ଯାଞ୍ଚ ପରିସରକୁ ଆସିବା ଉଚିତ। ତେଣୁ ଆମେ ଆଶା କରୁଛୁ ଯେ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପଯୁକ୍ତ କମିଟି ନିକଟକୁ ପଠାଯିବା ଉଚିତ, ଯେଉଁଠି ଉକ୍ତ ବିଲ୍‌ଗୁଡ଼ିକ ଉପରେ ଉତ୍ତମ ତର୍ଜମା ହୋଇପାରିବ।

ସୂଚନାଥାଉ କି, ଦୀର୍ଘ ଦିନ ଧରି ଉଭୟ ଏଏପି ଏବଂ ଟିଏମ୍‌ସି କଂଗ୍ରେସଠାରୁ ଦୂରରେ ରହି ଆସୁଥିଲେ। ଗତ ମୌସୁମୀ ଅଧିବେଶନ ସମୟରେ କଂଗ୍ରେସ ନେତୃତ୍ୱାଧୀନ କାର୍ଯ୍ୟକଳାପକୁ ଉଭୟ ଦଳ ସମର୍ଥନ କରୁ ନ ଥିବା ଦେଖିବାକୁ ମିଳି ନ ଥିଲା। ଏଏପି ଏବଂ ଟିଏମ୍‌ସି ପକ୍ଷରୁ ପୃଥକ୍ ଭାବେ ସରକାର ବିରୋଧୀ ବିକ୍ଷୋଭ, ଆଲୋଚନା ଆଦି କରାଯାଇଥିଲା। ଏବେ ଉଭୟ ଦଳ ଖାର୍ଗେଙ୍କ ବୈଠକରେ ଯୋଗଦେଇଥିବାରୁ ଏହାର ଅନେକ ଦିଗ ଉପରେ ଆଲୋଚନା ହେଉଛି।

### ରେପୋ ରେଟ୍ ...

ଯାହାକି ପୂର୍ବରୁ ୭% ରହିବା ନେଇ ଆକଳନ କରାଯାଇଥିଲା। ଗତ ୧୦ ମାସ ଧରି ମୁଦ୍ରାସ୍ଫୀତି ୬%ରୁ ଅଧିକ ରହିଆସିଥିବାବେଳେ ଏବେ ସାମାନ୍ୟ ଆଶ୍ୱସ୍ତି ମିଳିଛି। କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବରୁ ରିପର୍ଚେଜ୍ ରେଟ୍ ୦.୫୦ ବିପିଏସ୍ ବଢ଼ାଇ ଆସୁଥିବାବେଳେ ଏଥର ୦.୨୫-୦.୩୫ ବେସିସ୍ ପଏଣ୍ଟସ ବୃଦ୍ଧି କରିବ ବୋଲି ଅଧିକାଂଶ ବଜାର ବିଶେଷଜ୍ଞ ଅନୁମାନ କରିଥିଲେ। ତଦନୁଯାୟୀ ଚଳିତ ଆର୍ଥିକବର୍ଷରେ ଗତ ମେ'ରୁ କ୍ରମାଗତ ପଞ୍ଚମ ଥର ପାଇଁ ସୁଧହାର ବଢ଼ାଯାଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗତ ୫ ତାରିଖରୁ ଚାଲିଥିବା ଏମ୍‌ପିସି ବୈଠକ ବୁଧବାର ଶେଷ ହୋଇଛି। ବୈଠକ ଶେଷରେ ଶକ୍ତିକାନ୍ତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଏମ୍‌ପିସିର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ଆକୋମୋଡେଶନ୍ ଆଭିମୁଖ୍ୟକୁ ପ୍ରତ୍ୟାହାର କରିବା ସପକ୍ଷରେ ପ୍ରସ୍ତାବ ଦେଇଥିଲେ। ଭାରତରେ ଆର୍ଥିକ ଅଭିବୃଦ୍ଧି ରେଜିଲିଏଣ୍ଟ (ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ସମର୍ଥ) ରହିଛି। ମୁଦ୍ରାସ୍ଫୀତି ମଧ୍ୟମ ଧରଣର ରହିବ। କିନ୍ତୁ ମୁଦ୍ରାସ୍ଫୀତି ବିରୋଧରେ ଯୁଦ୍ଧ ଶେଷ ହୋଇନାହିଁ। ଆସନ୍ତା ମାର୍ଚ୍ଚରେ ଶେଷ ହେବାକୁ ଥିବା ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୬.୭% ରହିବା ନେଇ ଆର୍‌ବିଆଇ ଅନୁମାନ କରିଛି। କିନ୍ତୁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବରୁ ୭% ରହିବା ନେଇ ଆକଳନ କରାଯାଇଥିବାବେଳେ ଏବେ ଏହାକୁ ୬.୮%ରେ ସୀମିତ ରଖାଯାଇଛି। ଖୁଚୁରା ମୁଦ୍ରାସ୍ଫୀତି ୧୦ ମାସ ହେଲା ଟାର୍ଗେଟ ଜୋନ୍ ୨-୬%ରୁ ଊର୍ଦ୍ଧ୍ୱରେ ରହିବା ପରେ ଗତ ଅକ୍ଟୋବରରେ ୬.୭୭% ରହିଥିଲା, ଯାହାକି ୩ ମାସ ମଧ୍ୟରେ ସର୍ବନିମ୍ନ। ଏହି କାରଣରୁ ଖାଦ୍ୟ ମୂଲ୍ୟରେ ସାମାନ୍ୟ ହ୍ରାସ ଦେଖିବାକୁ ମିଳିଛି। ତେଣୁ ରେପୋ ରେଟ୍‌ର ବୃଦ୍ଧି ହାରକୁ ଏଥର ୦.୩୫%ରେ ସୀମିତ ରଖାଯାଇଛି। ସମ୍ପ୍ରତି ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକରେ ମାନ୍ଦାବସ୍ଥାର ସଙ୍କେତ ଦେଖିବାକୁ ମିଳିଲାଣି। ଭାରତ ମଧ୍ୟ ଏଥିରୁ ମୁକ୍ତ ହୋଇ ରହିପାରିବ ନାହିଁ। ତେବେ ଭାରତୀୟ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ସେତେଟା ପଡ଼ିବ ନାହିଁ। ରବି ଫସଲ ଅମଳ, ସହରାଞ୍ଚଳରେ ଚାହିଦା ବୃଦ୍ଧି, ଗ୍ରାମାଞ୍ଚଳ ଚାହିଦାରେ ଉନ୍ନତି ଏବଂ ସେବା କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଆଗକୁ ମଧ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶକ୍ତିକାନ୍ତ କହିଛନ୍ତି। ରେପୋ ରେଟ୍ ହ୍ରାସ ସତ୍ତ୍ୱେ ରିଜର୍ଭ ବ୍ୟାଙ୍କ ଗଭର୍ନର ବିବୃତି ରଖିବା ସମୟରେ ଅଧିକ ସତର୍କ ମନେହେଉଥିଲେ। ସେ ଉପସ୍ଥାପନ କରିଥିବା ତଥ୍ୟ ଓ ବିବରଣୀରେ ବିରୋଧାଭାଷ ଦେଖିବାକୁ ମିଳିଥିଲା। ଏପରି ଦ୍ୱନ୍ଦ୍ୱାତ୍ମକ ବକ୍ତବ୍ୟକୁ ନେଇ ଶେୟାର ମାର୍କେଟ ନିରାଶ ହୋଇଛି। ନିଫ୍ଟି ୮୨.୨୫ ପଏଣ୍ଟ ଖସି ୧୮,୫୬୦.୫୦ରେ ରହିଛି। ସେନ୍‌ସେକ୍ସ ମଧ୍ୟ ୨୧୫.୬୮ ପଏଣ୍ଟ ନିମ୍ନଗାମୀ ହୋଇ ୬୨,୪୧୦.୬୮ରେ କାରବାର ଶେଷ କରିଛି। ସେହିପରି ବ୍ୟାଙ୍କ ନିଫ୍ଟି ୩୯.୮୫ ପଏଣ୍ଟ ହ୍ରାସ ପାଇ ୪୩,୦୯୮.୭୦କୁ ଖସିଛି।

### କର୍ମଜୀବୀ ମହିଳା ନିବାସ..

ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ଆବାସ ନିର୍ମାଣ ପାଇଁ କେନ୍ଦ୍ର ସରକାର ୬୦%, ରାଜ୍ୟ ଓ ପୌରସଂସ୍ଥା କିମ୍ବା ଉନ୍ନୟନ କର୍ତ୍ତୃପକ୍ଷ ଯଥାକ୍ରମେ ୧୫ ଓ ୨୫% ଲେଖାଏ ଖର୍ଚ୍ଚ ବହନ କରିବାକୁ ବ୍ୟବସ୍ଥା ରହିଛି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ହଷ୍ଟେଲ ନିର୍ମାଣ କରାଯାଉଛି। ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୨୬୨୨ ଶଯ୍ୟା ବିଶିଷ୍ଟ ୩୬ଟି କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ କରାଯାଇଛି। ସେଥିରୁ କେବଳ ୧୨ଟି କାର୍ଯ୍ୟକ୍ଷମ ରହିଛି। ୩୬ଟି ନିବାସରୁ ୧୮ଟି ରାଜ୍ୟ ସରକାର, ୧୧ଟି ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଉଛି। ଅବଶିଷ୍ଟ ୭ଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ସିଏଜି ୩୪ଟି ହଷ୍ଟେଲର ଯାଞ୍ଚ କରିଥିଲେ। ବାଳିକା ଓ ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ନୀତି ୨୦୧୪ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୨୦୧୪ ଫେବୃୟାରୀରୁ ୨୦୧୬ ସେପ୍ଟେମ୍ବର ମଧ୍ୟରେ କଳିଙ୍ଗନଗର, ଭୁବନେଶ୍ୱର ଗଙ୍ଗନଗର, ଝାରସୁଗୁଡ଼ା, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଢେଙ୍କାନାଳ ଏବଂ ରାୟଗଡ଼ାଠାରେ ୮ଟି ନୂତନ କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ମହିଳା ବିକାଶ ସମବାୟ ନିଗମ ସଂସ୍ଥାକୁ ୪୪.୧୯ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଅନୁପଯୁକ୍ତ ସ୍ଥାନ ଚୟନ ଯୋଗୁ ଗଙ୍ଗନଗର ହଷ୍ଟେଲ ନିର୍ମାଣ ବାବଦରେ ୩.୦୮ କୋଟି ଟଙ୍କା ଅପବ୍ୟୟ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ହଷ୍ଟେଲଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ କର୍ମଜୀବୀ ମହିଳାମାନେ ସେଠାରେ ରହିବାକୁ ପସନ୍ଦ କରୁନାହାନ୍ତି। ୧୨ଟି ହଷ୍ଟେଲରୁ ୬ଟିରେ ୫୦%ରୁ କମ୍ ଦଖଲ ରହୁଛି। କେବଳ ସେତିକି ନୁହେଁ, କର୍ମଜୀବୀ ମହିଳା ହଷ୍ଟେଲକୁ ସରକାରୀ କାର୍ଯ୍ୟାଳୟ, ବିଏମ୍‌ସି ୱାର୍ଡ କାର୍ଯ୍ୟାଳୟ, ନିୟନ୍ତ୍ରିତ ବଜାର କମିଟି, ମାନବ ସମ୍ବଳ ବିକାଶ କେନ୍ଦ୍ର, ଏଏନ୍‌ଏମ କେନ୍ଦ୍ର, ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଭାବେ ଏବଂ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଅନ୍ୟାନ୍ୟ ଉଦ୍ଦେଶ୍ୟରେ ହଷ୍ଟେଲଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା କର୍ମଜୀବୀ ମହିଳାମାନେ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ କିସ୍ତି ମିଳିବାର ୨୪ ମାସ ମଧ୍ୟରେ ହଷ୍ଟେଲ ନିର୍ମାଣ ନ କରିବାରୁ ୬ଟି ହଷ୍ଟେଲ ନିର୍ମାଣ ବିଳମ୍ବ ସତ୍ତ୍ୱେ ନିର୍ମାଣକାରୀ ସଂସ୍ଥାକୁ ୧.୧୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ହଷ୍ଟେଲଗୁଡ଼ିକ ବହୁ ପୁରୁଣା ହୋଇଥିଲେ ମଧ୍ୟ ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ହଷ୍ଟେଲଗୁଡ଼ିକର ପରିଚାଳନା କାର୍ଯ୍ୟ ତଦାରଖ କରିବାକୁ ଗଠନ କରାଯାଇଥିବା କମିଟି ବୈଠକ ହେଉ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ପ୍ରତି ୧୫ ଦିନରୁ ୪୦ ଦିନ ମଧ୍ୟରେ ଥରେ ବୈଠକ ବସିବାକୁ ନିୟମ ଥିବା ବେଳେ ଗଞ୍ଜାମ, ସୁନ୍ଦରଗଡ଼, ଖୋର୍ଦ୍ଧା ଜିଲାର କେତେକ ହଷ୍ଟେଲରେ ୫ ବର୍ଷରେ ଥରେ ମଧ୍ୟ ବୈଠକ ବସି ନାହିଁ।

#### ଅନାଥ ଶିଶୁଙ୍କୁ ଧ୍ୟାନ ନାହିଁ

ଶିଶୁ ସୁରକ୍ଷା ଯୋଜନାରେ ହୋଇଥିବା ଉଦାସୀନତାକୁ ନେଇ ସିଏଜି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମାତାପିତାଙ୍କୁ ହରାଇଥିବା ପିଲାମାନଙ୍କର ଯତ୍ନପାଇଁ ୨୦୦୯ରେ କେନ୍ଦ୍ର ପ୍ରାୟୋଜିତ ଯୋଜନା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ତେବେ ରାଜ୍ୟରେ ଏହି ଯୋଜନା ବାଟବଣା ହୋଇଥିବା ସିଏଜି ଜାଣିବାକୁ ପାଇଛନ୍ତି। ପିଲାମାନଙ୍କର ସ୍ଥିତିଗତ ବିଶ୍ଳେଷଣ ହେଉ ନ ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଣ୍ଠିର ସୁବିନିଯୋଗ ହେଉନାହିଁ। ପିଲାମାନଙ୍କର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉ ନାହିଁ। କର୍ମଚାରୀଙ୍କ ଅଭାବ ଯୋଗୁ ପିଲାମାନଙ୍କର ମଧ୍ୟ ଯତ୍ନ ଠିକ୍ ଭାବେ ନିଆଯାଉ ନାହିଁ। ଜିଲା ଯାଞ୍ଚ କମିଟି ଦ୍ୱାରା ଯାଞ୍ଚ ଅଭାବ ସାଙ୍ଗକୁ ରାଜ୍ୟସ୍ତରୀୟ କମିଟି ବୈଠକ ବସୁ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ବସ୍ତୁକୁ ନ ଛୁଇଁ ...

ଏଥିପାଇଁ ହାତର ବ୍ୟବହାର ଅନାବଶ୍ୟକ। ଯେଉଁ ବସ୍ତୁର ଆୟତନ ସାଉଣ୍ଡ ଏବଂ ଲାଇଟ୍ ୱେଭ୍ ତୁଳନାରେ କମ୍ ତାକୁ ସହଜରେ ନିୟନ୍ତ୍ରଣ କରାଯିବ ବୋଲି ଗବେଷଣାରୁ ଜଣାପଡ଼ିଛି। ମେଟାମାଟେରିଆଲ ଫିଜିକ୍ସ ବ୍ୟବହାର ଦ୍ୱାରା ବିଶାଳକାୟ ବସ୍ତୁକୁ ସ୍ଥାନାନ୍ତର କରିବା ସମ୍ଭବ। ଶବ୍ଦ କିମ୍ବା ଆଲୋକ ତରଙ୍ଗକୁ ବ୍ୟବହାର କରି କୌଣସି ବସ୍ତୁ ଉପରେ ମେଟାମାଟେରିଆଲ ଫିଜିକ୍ସ ପ୍ରୟୋଗ କଲେ ତାହା ସ୍ୱତଃ ସ୍ଥାନାନ୍ତରିତ ହୋଇଥାଏ। ଯେକୌଣସି ବସ୍ତୁର ସର୍ଫେସ୍ (ବାହାରପାର୍ଶ୍ୱ)କୁ ମେଟାସରଫେସ୍‌ରେ ପରିଣତ କରିବା ଦ୍ୱାରା ସେହି ବସ୍ତୁକୁ ସହଜରେ ନିୟନ୍ତ୍ରଣକୁ ଅଣାଯାଇପାରିବ ବୋଲି ମିନେସୋଟା ୟୁନିଭର୍ସିଟିର ମେକାନିକାଲ ଇଞ୍ଜିନିୟରିଂ ପ୍ରଫେସର ମେଞ୍ଜାମିନ ମହଗ୍ କହିଛନ୍ତି। ବିରାଟରୁ ଅତି ବିଶାଳ ବସ୍ତୁକୁ ଯେପରି ଏହି ମେଥଡ୍ ଜରିଆରେ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ଗବେଷକମାନେ ଅଧ୍ୟୟନ ଜାରି ରଖିଛନ୍ତି।

### ଆଜି ପଦ୍ମପୁର ...

ପ୍ରାର୍ଥୀ ସଂଖ୍ୟା ଅଧିକ ଥିବାରୁ ଗଣତି ୨୩ ରାଉଣ୍ଡ ହୋଇ ଫଳାଫଳ ପ୍ରକାଶ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ କହିଛନ୍ତି।

ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲୋହାନୀ କହିଛନ୍ତି ଯେ, ଭାରତର ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ବୁଥ୍ ଗଣତି ସରିଲେ ୫ଟି ବୁଥ୍‌ର ଭିଭିପାଟ୍ ମ୍ୟାଚ କରାଯିବ। ଗୋଟିଏ ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର, ଜଣେ ଆସିଷ୍ଟାଣ୍ଟ କାଉଣ୍ଟିଂ ସୁପରଭାଇଜର ଏବଂ ଜଣେ ମାଇକ୍ରୋ ଅବ୍‌ଜରଭର ରହିବେ। ଜଣେ ଜେନେରାଲ ଅବ୍‌ଜରଭରଙ୍କ ତତ୍ତ୍ୱାବଧାନରେ ଭୋଟ ଗଣତି ହେବ। ଗଣତି କେନ୍ଦ୍ରରେ କୌଣସି ପ୍ରକାର ବୈଷୟିକ ତ୍ରୁଟି ସୁଧାରିବା ପାଇଁ ୨ ଜଣ ଟେକ୍ନିକାଲ ପର୍ସନ ରହିବେ। ପ୍ରତ୍ୟେକ ଟେବୁଲରେ କାଉଣ୍ଟିଂ ଏଜେଣ୍ଟ ରହିବେ। ଭୋଟ ଗଣତି କେନ୍ଦ୍ରକୁ କେବଳ ୩ ଜଣଙ୍କୁ ମୋବାଇଲ ଫୋନ ନେବାକୁ ଅନୁମତି ଦିଆଯାଇଛି। ସେମାନେ ହେଲେ ଜିଲା ନିର୍ବାଚନ ଅଧିକାରୀ, ଜିଲା ରିଟର୍ନିଂ ଅଫିସର ଓ ପର୍ଯ୍ୟବେକ୍ଷକ। ଅନ୍ୟପକ୍ଷରେ ଭୋଟ ଗଣତି ପୂର୍ବରୁ ଫଳାଫଳକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି, ମୋ ଛାତି ଧଡ଼ ଧଡ଼ ନାହିଁ, ମୁଁ ନିଶ୍ଚିତ ଅଛି ଯେ ବିଜେଡିଠାରୁ ବୃହତ୍ ବ୍ୟବଧାନରେ ବିଜୟୀ ହେବି। ତାରିଖ ଘୋଷଣା ଦିନଠାରୁ ଲୋକଙ୍କ ଆଶୀର୍ବାଦ ଓ ସମର୍ଥନ ମିଳିଛି। କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଭୋଟରଙ୍କ ମଧ୍ୟରେ ଉତ୍ସାହ ଥିଲା। ଅଧିକ ମତଦାନ ହୋଇଛି। ବିଜୟ ନେଇ ଶତ ପ୍ରତିଶତ ଆଶାବାଦୀ ବୋଲି ସେ କହିଛନ୍ତି।

ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ମଧ୍ୟ ନିଜ ସପକ୍ଷରେ ନିର୍ବାଚନ ଫଳାଫଳ ନେଇ ଆଶାବାଦୀ ଅଛନ୍ତି। ଅନ୍ୟପକ୍ଷରେ ଇଭିଏମ୍ ଖୋଲିବା ପୂର୍ବରୁ କଂଗ୍ରେସ ହାତ ଟେକିଦେଇଛି। ଗଣତନ୍ତ୍ର ନୁହଁ, ଧନତନ୍ତ୍ରର ବିଜୟ ହେବ ବୋଲି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ କହିଛନ୍ତ। ଶାସକ ୨ ଦଳ ପକ୍ଷରୁ ଅଜସ୍ର ଟଙ୍କା ଖର୍ଚ୍ଚ ହେଲା, ଟଙ୍କାର ସୁଅ ଛୁଟିଲା। ଫଳାଫଳ କଂଗ୍ରେସ ପାଇଁ ଏତେ ଭଲ ହେବନି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅର୍ଥପ୍ରାପ୍ତି କିମ୍ବା କାର୍ଯ୍ୟହାସଲ କରିବା ସକାଶେ କଠୋର ପଦକ୍ଷେପ ନେବାକୁ ପଡ଼ିପାରେ। କୃତ୍ତିକା ନକ୍ଷତ୍ର ସକାଶେ ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଓ ପ୍ରତିବନ୍ଧକ ଦେଖା ଦେଇପାରେ। ପ୍ରିୟଜନଙ୍କ ସହିତ ଦୂର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ବୃଷ** କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। ମୃଗଶିରା ନକ୍ଷତ୍ର ପାଇଁ ଖଳ ଲୋକମାନଙ୍କ ପ୍ରରୋଚନାରେ ଅଶାନ୍ତି ଲାଗିରହିବ। ଆଜିର ଯାତ୍ରା, ପ୍ରକାଶନ, ପ୍ରଶାସନ ଓ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ବ୍ୟକ୍ତି ବିଶେଷଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** ପରିବାରରେ ଭୁଲ୍‌ବୁଝାମଣା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ସନ୍ଧ୍ୟା ସମୟରେ ପୁନର୍ବସୁ ନକ୍ଷତ୍ର ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇପାରନ୍ତି । ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ଗ୍ରହସଂଯୋଗବଶତଃ ଅର୍ଥଲାଭ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ବିପଦସଙ୍କୁଳ ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ମନୋରଞ୍ଜନପ୍ରିୟ ହେବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଅଶ୍ଳେଷା ନକ୍ଷତ୍ର ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ସିଂହ** ଆଜି ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ବିନୟପୂର୍ଣ୍ଣ ବ୍ୟବହାର ସାହାଯ୍ୟ କରିବ। ମଘା ନକ୍ଷତ୍ର ସକାଶେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାର ସୂଚନା ଦେଖାଦେଇପାରେ । ଯେଉଁଜିନିଷ ପାଇବାକୁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ତଥାପି ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଶୁକ୍ର ସହ ବୁଧଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ହସ୍ତା ନକ୍ଷତ୍ରର ଲୋକ ସମ୍ପର୍କ ବୃଦ୍ଧି ପାଇବ ଓ ପ୍ରଶଂସିତ ମଧ୍ୟ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବାକୁ ମନସ୍ଥ କରିବେ । ଦୂରଯାତ୍ରା ସମ୍ପର୍କରେ ଚିନ୍ତାବୃଦ୍ଧି ପାଇବାର ଆଶଙ୍କା ରହିଛି ।

**ତୁଳା** ପାପଦୃଷ୍ଟ ବୃହସ୍ପତିଜନିତ ନିଜର ଲୋକମାନେ ଈର୍ଷାପରାୟଣ ହୋଇ ଦୂରେଇଯାଇ ପାରନ୍ତି। ଚିତ୍ରା ନକ୍ଷତ୍ର ନୂତନ ଯୋଜନାଟିକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ ମାତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କ୍ରନିକ୍ ରୋଗପୀଡ଼ାରେ ସାମୟିକ କଷ୍ଟ ପାଇବାର ସୂଚନା ରହିଛି ।

**ବିଛା** ପ୍ରତିକୂଳ ଗ୍ରହସ୍ଥିତି କାରଣରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ବିଶାଖା ନକ୍ଷତ୍ରର କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଜନିତ ବନ୍ଧୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣ ହେବେ। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ଆଶା କରାଯାଇପାରେ । ପୂର୍ବାଷାଢ଼ା ନକ୍ଷତ୍ରର ଉନ୍ନୟନ କାମ ବାଧାପ୍ରାପ୍ତ ହେବା ସୂଚନା ବିଦ୍ୟମାନ । ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ଶୀଘ୍ର ଚିକିତ୍ସାର ବନ୍ଦୋବସ୍ତ କରିବା ଭଲ ।

**ମକର** ନିଜ ଲୋକଙ୍କ ସହ ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ଅଶାନ୍ତି ଭାବନା ସୃଷ୍ଟି ହୋଇପାରେ। ଧନିଷ୍ଠା ନକ୍ଷତ୍ର ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଅର୍ଥସଙ୍କଟକୁ ବନ୍ଧୁ ଜଣେ ସମାଧାନ କରିବାରେ ସଫଳ ହୋଇପାରନ୍ତି।

**କୁମ୍ଭ** ସମୟର ବ୍ୟତିକ୍ରମତା ହେତୁ ମିତ୍ରମାନେ ମଧ୍ୟ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଶତଭିଷା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପରିବାରରେ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । ଅଧିକ ବୁଲାବୁଲି କାରଣରୁ ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେବ।

**ମୀନ** ପୂର୍ବଭାଦ୍ରପଦ ନକ୍ଷତ୍ର ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରି ଯିବାରୁ ଆଶ୍ୱସ୍ତିଲାଭ କରିବେ। ସକାଳୁ ସକାଳୁ ଖୁସି ଖବରଟିଏ ପାଇବେ, ଯାହାକି ମନରେ ଉତ୍ସାହ ଭରିଦେବ। ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ବୃଦ୍ଧିପ୍ରାପ୍ତ ହେବ । ରାଜନୈତିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇପାରନ୍ତି।

ଆଜି ଡିସେମ୍ବର ୮ ତାରିଖ, ମାର୍ଗଶିର ପଞ୍ଚୁପୂର୍ଣ୍ଣିମା, ମାଣବସା ଗୁରୁବାର ଶେଷ ପାଳି, ଘ.୦୯।୩୮ ମି. ପରେ ପୌଷ କୃଷ୍ଣ ପ୍ରତିପଦା, ରାଶିନକ୍ଷତ୍ର-ରୋହିଣୀ/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ମି. ଗତେ ଘ.୦୭।୩୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୯ ମି. ଗତେ ଘ.୦୨।୨୧ ମି. ମଧ୍ୟେ ରାହୁକାଳ।

# ହଳ କରିବାକୁ ଡାକିନେଇ ହତ୍ୟା

- ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ
- ସାଇଣ୍ଟିଫିକ୍ ଟିମ୍‌ର ତନାଘନା

**ପରଜଙ୍ଗ, ୭।୧୨(ଡି.ଏନ୍.ଏ.)**


ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ।

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ୍ ଫାଣ୍ଡି ଅଧୀନ ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟ ପଛପଟୁ ବୁଧବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କରୁରିଆ ପଞ୍ଚାୟତ ବାଘମୁଣ୍ଡା ନୂଆସାହି ଗ୍ରାମର ସୁଶାନ୍ତ ସିଂ। ଗ୍ରାମର ପ୍ରଶାନ୍ତ ସିଂ ସ୍ୱାମୀଙ୍କୁ ଜବରଦସ୍ତ ହଳ କରିବାକୁ ଡାକି ନେଇଥିଲେ। ସେ ହିଁ ତାଙ୍କୁ ହତ୍ୟା କରିଛନ୍ତି ବୋଲି ମୃତକଙ୍କ ସ୍ତ୍ରୀ ଉର୍ବଶୀ ସିଂ ମହାବିରୋଡ୍ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ନଂ. ୫୪୨/୨୨, ଦଫା ୩୦୨ରେ ମାମଲା ରୁଜୁ କରାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତନାଘନା ଚଳାଇଛି।

ପୋଲିସ ନିକଟରେ ଉର୍ବଶୀ କରିଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ପ୍ରଶାନ୍ତ ମଙ୍ଗଳବାର ସକାଳେ ସୁଶାନ୍ତଙ୍କୁ ହଳ କରିବା ଲାଗି ଡାକିଥିଲେ। ସେ ମନା କରିବାରୁ ଜବରଦସ୍ତ କରିଥିଲେ। ସ୍ୱାମୀ ଘରୁ ଯାଇ ଆଉ ଫେରି ନ ଥିଲେ। ସନ୍ଧ୍ୟାରେ ଉର୍ବଶୀ ଏ ସଂକ୍ରାନ୍ତରେ ପ୍ରଶାନ୍ତଙ୍କ ପରିବାର ଲୋକଙ୍କୁ ପଚାରିଥିଲେ। ସୁଶାନ୍ତ ସୁରକ୍ଷିତ ଅଛନ୍ତି ଏବଂ ପ୍ରଶାନ୍ତଙ୍କ ଘରେ ଶୋଇପଡ଼ିଥିବା କହିବା ପରେ ପରିବାର ସଦସ୍ୟ ନିଶ୍ଚିନ୍ତ ହୋଇଥିଲେ। ତେବେ ବୁଧବାର ସୁଶାନ୍ତ ନ ଫେରିବାରୁ ଆଶଙ୍କା ବଢ଼ିଥିଲା। ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟ ପଛପଟେ ତାଙ୍କ ମୃତଦେହ ପଡ଼ିଥିବା ବାପା ହାଡ଼ିବନ୍ଧୁ ଦେଖିଥିଲେ। ଏହାପରେ ଫାଣ୍ଡି ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାଧିକାରୀ ପ୍ରଶାନ୍ତ ପାତ୍ର କୁହନ୍ତି, ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ତୁରନ୍ତ ନିୟମିତ ନ କଲେ ଆନ୍ଦୋଳନ ତୀବ୍ର ହେବ

**ବିଧାନସଭା ଘେରିଲେ ଚୁକ୍ତିଭିତ୍ତିକ ଶିକ୍ଷକ**

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ନେଇ ଗତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହାସତ୍ତ୍ୱେ ଅନେକ ଚୁକ୍ତିଭିତ୍ତିକ ସରକାରୀ କର୍ମଚାରୀଙ୍କୁ ନିୟମିତ କରାଯାଇନାହିଁ। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଲୋୟର ପିଏମଜିରେ ଆନ୍ଦୋଳନ ଜାରି ରହିଛି। ବୁଧବାର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ବିଧାନସଭା ଘେରାଉ କରାଯିବା ସହ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ନିୟମିତ ବିଜ୍ଞପ୍ତି ପ୍ରକାଶ ପାଉ ନ ଥିବାରୁ ୧୮୦୦୦ ଚୁକ୍ତିଭିତ୍ତିକ ଶିକ୍ଷକ ଏଥିରୁ ବଞ୍ଚିତ ହୋଇଥିବା ନେଇ ସଂଘ ବିଭାଗ ନିକଟରେ ଅଭିଯୋଗ କରିଥିଲା। ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରାଯାଇ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେପରି କିଛି ହୋଇନାହିଁ। ଅଭିଯୋଗକୁ ୫୦ଦିନ ବିତିଥିଲେ ମଧ୍ୟ କୌଣସି ଆଲୋଚନା କିମ୍ବା କୌଣସି ପଦକ୍ଷେପ ହୋଇନାହିଁ। ୨୦୧୧ ଘୋଷଣା ଅନୁସାରେ ୬ ବର୍ଷ ଚୁକ୍ତିଅବଧି ପୂରଣ କରିଥିଲେ ମଧ୍ୟ ନିୟମିତ କରାଯାଉ ନ ଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ୩୨୦୦ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ଏକ ତାଲିକା ଗଣଶିକ୍ଷା ବିଭାଗକୁ ପଠାଇଥିଲେ। ୨ ମାସ ବିତିଯାଇଥିଲେ ବିଭିନ୍ନ ଆଳରେ ଅଣଦେଖା କରାଯାଉଛି। ଏହାକୁ ନେଇ କିଛିଦିନ ତଳେ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ୧୮ ହଜାର ଚୁକ୍ତିଭିତ୍ତିକ ଶିକ୍ଷକ ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଘେରାଉ କରିଥିଲେ। ଗଣଶିକ୍ଷା ସଚିବ ଗତ ୧୭ ତାରିଖରେ ସଂଘ ସହ ଆଲୋଚନା କରି ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନାହିଁ। ଆସନ୍ତା ୧୦ ଦିନ ମଧ୍ୟରେ ଚାକିରି ନିୟମିତ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।


ଚାକିରି ନିୟମିତ କରିବା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ସରକାରୀ ହାଇସ୍କୁଲ୍ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ। ଫଟୋ: ମନୋରଞ୍ଜନ

# ପରକୀୟା ପ୍ରୀତି ସନ୍ଦେହରେ ହତ୍ୟା, ୩ ଗିରଫ

**ବାରିପଦା ଅଫିସ/ରାଇରଙ୍ଗପୁର/ ବିଶୋଇ, ୭।୧୨(ଡି.ଏନ୍.ଏ.)**


ଗିରଫ ୩ ଅଭିଯୁକ୍ତ।

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ତିଖିଆ ବାଣ୍ଠା ପାହାଡ଼ରୁ ଗୋରୁମହିଷାଣୀ ଥାନା ସାନମଉଦା ଗ୍ରାମର ଚାନ୍ଦ୍ରାଇ ସୋରେନ(୩୦)ଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ପରକୀୟା ପ୍ରୀତି ସନ୍ଦେହରେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ କହିଛନ୍ତି। ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଥାନା ଧଳାବେଡ଼ା ଗ୍ରାମର ଦଶମତ ମାଝି(୩୦), ଗୋରୁମହିଷାଣୀ ଥାନା ଧାତିକିଡିହି ଗ୍ରାମର ଲକ୍ଷ୍ମଣ ବେଶ୍ରା ଓ କଳସୀଭଙ୍ଗା ଗ୍ରାମର ଲକ୍ଷ୍ମୀଧର ମୁଣ୍ଡା(୨୬)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୪୪/୨୨) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ନଭେମ୍ବର ୨୪ରେ ବାଣ୍ଠାପାହାଡ଼ରୁ ଚାନ୍ଦ୍ରାଇଙ୍କ କ୍ଷତାକ୍ତ ମୃତଦେହକୁ ପୋଲିସ ଜବତ କରିଥିଲା। କେହି ତାଙ୍କୁ କୁରାଢ଼ିରେ ହାଣି ମୁଣ୍ଡକୁ ଛେଚି ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ସାଇଣ୍ଟିଫିକ ଟିମ ସହ ପୋଲିସ ଛାନ୍‌ଭିନ ଆରମ୍ଭ କରିଥିଲା। ଅଭିଯୁକ୍ତ ଦଶମତଙ୍କ ସ୍ତ୍ରୀଙ୍କ ସହିତ ଚାନ୍ଦ୍ରାଇଙ୍କର ପ୍ରେମ ସମ୍ପର୍କ ଥିବା ନେଇ ଦଶମତ ସନ୍ଦେହ କରୁଥିଲେ। ତେଣୁ ସେ ଚାନ୍ଦ୍ରାଇକୁ ହତ୍ୟା କରିବା ପାଇଁ ଲକ୍ଷ୍ମଣ ଓ ଲକ୍ଷ୍ମୀଧରଙ୍କୁ ୬୦ହଜାର ଟଙ୍କା ସୁପାରୀ ଦେଇଥିଲେ। ଘଟଣା ଦିନ ସେମାନେ ଚାନ୍ଦ୍ରାଇଙ୍କୁ ପାହାଡ଼ ଉପରକୁ ଡାକି ନେଇ କୁରାଢ଼ିରେ ଆକ୍ରମଣ କରିବା ପରେ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ହତ୍ୟା କରିଥିବା ଏସ୍‌ଡିପିଓ ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହତ୍ୟାରେ ବ୍ୟବହାର କରିଥିବା କୁରାଢ଼ିକୁ ନିକଟସ୍ଥ ଡ୍ୟାମରେ ଫିଙ୍ଗି ଦେଇଥିଲେ। ମୃତକଙ୍କ ମୋବାଇଲ ଦଶମତଙ୍କ ଘରୁ ଜବତ ହେବା ପରେ ହତ୍ୟାକାଣ୍ଡର ସୁରାକ ମିଳିଥିଲା ବୋଲି ପୋଲିସ ସୂଚନା ଦେଇଛି।

# ସ୍କୁଲ, ବ୍ଲକ, ଜିଲାସ୍ତରରେ ହେବ ହକି କ୍ରୀଡ଼ା

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

**ହକି ବିଶ୍ୱକପ୍ ପ୍ରଚାର ପାଇଁ ବ୍ୟାପକ ପ୍ରସ୍ତୁତି**

- ଏସ୍‌ଓପି ଜାରି, ବାର୍ଷିକ କ୍ରୀଡ଼ା ଉତ୍ସବରେ ହକିକୁ ପ୍ରାଧାନ୍ୟ ନିର୍ଦ୍ଦେଶ
- ଜାନୁୟାରୀ ୧୦ ସୁଦ୍ଧା ସରିବ ବାର୍ଷିକ କ୍ରୀଡ଼ା ଉତ୍ସବ

ଆସନ୍ତାବର୍ଷ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ୱାର୍ଲ୍ଡ କପ୍-୨୦୨୩ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି କରୁଛନ୍ତି। ତେବେ ପିଲାଙ୍କ ମଧ୍ୟରେ କିପରି ହକି ଖେଳ ଏବଂ ପୁରୁଷ ହକି ବିଶ୍ୱ କପ୍‌ର ପ୍ରଚାର କରିହେବ, ସେଥିପାଇଁ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ଯୋଜନା କରିଛି। ସ୍କୁଲ, ବ୍ଲକ୍ ଓ ଜିଲାସ୍ତରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜନ କରି ସେଥିରେ ହକିକୁ ପ୍ରାଧାନ୍ୟ ଦେବା ପାଇଁ ଓସେପା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି କ୍ରୀଡ଼ା ଉତ୍ସବ ଆୟୋଜନ ନେଇ ଏସ୍‌ଓପି ମଧ୍ୟ ଜାରି ହୋଇଛି। ଏ ନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ମଙ୍ଗଳବାର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସ୍କୁଲ, ବ୍ଲକ ଓ ଜିଲାସ୍ତରରେ ଥିବା ଖେଳପଡ଼ିଆରେ ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ୱାର୍ଲ୍ଡ କପ୍‌ର ହୋର୍ଡିଂ, ବ୍ୟାନର, ପୋଷ୍ଟର ଲଗାଇବା ପାଇଁ କୁହାଯାଇଛି। ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଇଁ କ'ଣ ଯୋଜନା କରାଯାଉଛି ସେ ସମ୍ପର୍କରେ ସମସ୍ତ ସୂଚନା ୮ତାରିଖ ସୁଦ୍ଧା ଓସେପା ୱେବ୍‌ସାଇଟ୍‌କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏସ୍‌ଓପି ଅନୁସାରେ, ବାର୍ଷିକ କ୍ରୀଡ଼ା ଉତ୍ସବରେ ହକି ବିଶ୍ୱକପ୍ -୨୦୨୩ ଥିମ୍‌କୁ ନେଇ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା କରାଯିବ। ଯେଉଁ ଜିଲାରେ ହକି ଲୋକପ୍ରିୟ ରହିଛି, ସେଠାରେ ବାର୍ଷିକ କ୍ରୀଡ଼ା ଉତ୍ସବରେ ହକିକୁ ପ୍ରାଧାନ୍ୟ ଦେବା ପାଇଁ କୁହାଯାଇଛି। ଯେହେତୁ ହକି ବିଶ୍ୱକପ୍ ଭୁବନେଶ୍ୱର ଏବଂ ରାଉରକେଲାରେ ଅନୁଷ୍ଠିତ ହେବ, ସେଥିପାଇଁ ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାର ପିଲାଙ୍କ ମଧ୍ୟରେ ଯେତେ ସମ୍ଭବ ହକି ଖେଳ ଆୟୋଜନ କରିବେ। ବିଭିନ୍ନ ସ୍ତରରେ ସ୍ପୋର୍ଟସ ଆକ୍ଟିଭିଟି କ'ଣ ହେଉଛି ସେ ନେଇ ଇନ୍ସପେକ୍ଟର ଅଫ୍ ଫିଜିକାଲ ଏଜୁକେଶନ(ଆଇପିଇ) ଦୈନିକ ରିପୋର୍ଟ ଦାଖଲ କରିବେ। ସ୍କୁଲ ଓ ବ୍ଲକ ସ୍ତରରେ ଡିସେମ୍ବର ୮ ରୁ ୨୦ତାରିଖ ଏବଂ ଜିଲାସ୍ତରରେ ଜାନୁୟାରୀ ୨ରୁ ୧୦ତାରିଖ ସୁଦ୍ଧା ବାର୍ଷିକ କ୍ରୀଡ଼ା ଉତ୍ସବ ଶେଷ କରିବେ। ଏଥିପାଇଁ ଆର୍ଥିକ ଅନୁଦାନ ମଧ୍ୟ ଦିଆଯାଇଛି। ସ୍କୁଲଗୁଡ଼ିକ କ୍ରୀଡ଼ା ପାଇଁ ପୂର୍ବରୁ ପାଇଥିବା ଅର୍ଥକୁ ଖର୍ଚ୍ଚ କରିପାରିବେ। ତେବେ ୩୧୪ ବ୍ଲକ ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମୋଟ ୧,୬୯,୫୬,୦୦୦ ଟଙ୍କା ଦିଆଯାଇଛି। ପ୍ରତି ବ୍ଲକ୍ ପିଛା ୫୪ ହଜାର ଟଙ୍କା ଖର୍ଚ୍ଚ ହେବ। ସେହିପରି ଜିଲାସ୍ତରରେ ଖେଳ ଆୟୋଜନ ପାଇଁ ସମସ୍ତ ଜିଲା ଓ ଭୁବନେଶ୍ୱର ସ୍କୁଲ ସ୍ପୋର୍ଟସ ଆସୋସିଏଶନ ସଚିବଙ୍କୁ ମୋଟ ୧,୪୭,୪୯,୬୮୦ ଟଙ୍କା ଦିଆଯାଇଛି। ଜିଲା ସ୍ତରୀୟ ଖେଳ ପାଇଁ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୋଜିତ କରାଯାଇଥିବାବେଳେ ସ୍କୁଲ ଓ ବ୍ଲକ ସ୍ତରରେ ବ୍ଲକ ଶିକ୍ଷାଧିକାରୀଙ୍କୁ ନୋଡାଲ ଅଫିସର କରାଯାଇଛି।

# ଯୁକ୍ତ୨ ପରୀକ୍ଷା: ଦୈନିକ ଯାଞ୍ଚ ହେବ ଟ୍ୟାଗ୍ ସେଣ୍ଟର

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

- ପରୀକ୍ଷାରେ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ
- ଆଡ୍‌ମିଟ୍ କାର୍ଡରେ ରହିବ ବାର୍‌କୋଡ୍

୨୦୨୩ ଯୁକ୍ତ୨ ପରୀକ୍ଷା ଲାଗି ଫର୍ମ ପୂରଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ତାରିଖ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଉଦ୍ୟମ ହେଉଛି। ତେବେ ଚଳିତବର୍ଷ ୨ଥର ଫର୍ମ ପୂରଣ କରିବାକୁ ପିଲାଙ୍କୁ ସୁଯୋଗ ଦିଆଯାଇଥିଲା। ଆବଶ୍ୟକ ହେଲେ ପୁଣି ଫର୍ମପୂରଣ କରିବାକୁ ଶେଷ ସୁଯୋଗ ଦିଆଯିବ ବୋଲି ବିଚାର କରାଯାଉଛି। ହେଲେ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।

୨୦୨୦ ଓ ୨୦୨୧ରେ ଅଫ୍‌ଲାଇନ୍ ପରୀକ୍ଷା କରା ନ ଯାଇ ବିକଳ୍ପ ବ୍ୟବସ୍ଥାରେ ମାର୍କିଂ କରାଯାଇଥିଲା। ୨୦୨୨ରେ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ପରୀକ୍ଷାରେ ସ୍ୱଚ୍ଛତା ଲାଗି ଯେତିକି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା ତାହା ବିଳମ୍ବ କାରଣରୁ ଲାଗୁ କରାଯାଇ ପାରି ନ ଥିଲା। ମାତ୍ର ୨୦୨୩ ପରୀକ୍ଷାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଯୁକ୍ତ୨ ପରିଷଦ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଜାନୁୟାରୀରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଓ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରୁ ଥିଓରି ପରୀକ୍ଷା କରିବାକୁ ଯୋଜନା କରାଯାଇଛି। ରାଜ୍ୟରେ ୨,୦୬୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ଚଳିତବର୍ଷ ପ୍ରାୟ ୧,୧୫୦ରୁ ୧,୨୦୦ ଉଚ୍ଚ ମାଧ୍ୟମିକ ସ୍କୁଲକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିବାକୁ ନିଷ୍ପତ୍ତି ହୋଇଛି। ପରୀକ୍ଷା ସୁପରିଚାଳନା ଲାଗି ପ୍ରଥମକରି ସରକାରୀ ତଥା ଜିଲା କଲେଜ ଅଧୀନରେ ଥିବା ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଟ୍ୟାଗ୍ କରାଯିବ। ଏହି ଟ୍ୟାଗ୍ ସେଣ୍ଟରକୁ ଦୈନିକ ଯାଞ୍ଚ ହେବ। ପରୀକ୍ଷା କେନ୍ଦ୍ରରେ ଗୋଟିଏ ଶ୍ରେଣୀରେ ଯେପରି କମ୍ ସଂଖ୍ୟକ ପରୀକ୍ଷାର୍ଥୀ ବସି ପରୀକ୍ଷା ଦେବେ ସେଥିଲାଗି ଅଧିକ ସଂଖ୍ୟକ ଉଚ୍ଚ ମାଧ୍ୟମିକ ସ୍କୁଲକୁ ମନୋନୀତ କରାଯିବ। କଲେଜରେ ସିସିଟିଭି ସହ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଲାଗି ପଦକ୍ଷେପ ଗ୍ରହଣ କରାଯିବ। ପ୍ରତି ଜୋନ୍‌ୱାରି ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ରହିବ। ଆଡମିଟ୍ କାର୍ଡରେ ବାର୍‌କୋଡ୍ ବ୍ୟବସ୍ଥା ରଖିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ନକଲି ପରିକ୍ଷାର୍ଥୀଙ୍କୁ ଧରିବାରେ ସହଜ ହେବ। ବିଶେଷକରି ପରୀକ୍ଷା ପରିଚାଳନା ସହ ମୂଲ୍ୟାଙ୍କନ ଏବଂ ରେଜଲ୍ଟ ପ୍ରକାଶ ଯେପରି ସୁରୁଖୁରୁରେ ଶେଷ ହେବ ସେଥିଲାଗି ପରିଷଦ ପକ୍ଷରୁ ମାନସ ମନ୍ଥନ ଆରମ୍ଭ ହୋଇଥିବା ସୂଚନା ମିଳିଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର, ହୁସେନ ହାଉସ୍, ଅଇଁଠାପାଲି, ସମ୍ବଲପୁର, ଓଡିଶା - ୭୬୮୦୦୪, ଇ-ମେଲ ଆଇଡି: sbi.18398@sbi.co.in, ଲ୍ୟାଣ୍ଡ ଲାଇନ୍ ନଂ. (କାର୍ଯ୍ୟାଳୟ): ୦୬୬୩-୨୫୪୦୦୨୫

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ** ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୧୨.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ୩.୦୦ ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନମ୍ବର | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ନବୀନ ରାଇସ୍ ମିଲ୍ ପ୍ରା. ଲିଃ.,** ସା: କନ୍ଦମୁଣ୍ଡା, ପୋ.: ଇଚ୍ଛାପୁର, ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୨୩, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ନବୀନ କୁମାର ସାହୁଙ୍କ ଦ୍ୱାରା ପ୍ରତିନିଧିତ୍ୱ,** ପିତା: ଶ୍ରୀ ନାରାୟଣ ସାହୁ, ସା/ପୋ.: ଇଚ୍ଛାପୁର, ଥାନା: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡିଶା-୭୬୭୦୨୩, **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ନାରାୟଣ ସାହୁ,** ପିତା: ଲୋକନାଥ ସାହୁ, ସା/ପୋ.: ଇଚ୍ଛାପୁର, ଥାନା: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡିଶା-୭୬୭୦୨୩, **୨) ଶ୍ରୀ ନରହରି ସାହୁ,** ପିତା: ୰ ଭଗବାନ ସାହୁ, ସା: କଟକିଆପଡା, ପୋ.: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା-୭୬୭୦୩୩, **୩) ଶ୍ରୀ ଉମାକାନ୍ତ ସାହୁ,** ପିତା: ୰ ଗୌରାଙ୍ଗ ସାହୁ, ସା: କଟକିଆପଡା, ପୋ.: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା-୭୬୭୦୩୩, **୪) ଶ୍ରୀ ବେଣୁଧର ଭୁଏ,** ପିତା: ୰ ବୁଧୁ ଭୁଏ, ସା/ପୋ.: ଫଟାମୁଣ୍ଡା, ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୧୬, **୫) ଶ୍ରୀ ସୁକଦେବ ସାହୁ,** ପିତା: ୰ ଗୌରାଙ୍ଗ ସାହୁ, ସା: କଟକିଆପଡା, ପୋ.: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା-୭୬୭୦୩୩ / **ଆକାଉଣ୍ଟ ନଂ.: ୩୨୧୫୫୦୫୧୨୮୦, ୩୨୫୯୧୯୫୩୯୫୦** | ନବୀନ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୨୦୧/୬୪, ପ୍ଲଟ୍ ନଂ.: ୩୭ ଏବଂ ୯/୮୫୨, କ୍ଷେତ୍ର: ଏକର୩.୩୭୨ଡିସିମିଲି, ମୌଜା: କନ୍ଦମୁଣ୍ଡା, ଥାନା: ଡୁଙ୍ଗୁରିପାଲି, ତହସିଲ: ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର | ୩୧.୦୮.୨୦୧୫ ସୁଦ୍ଧା ଟ.୨,୪୦,୩୯,୪୭୨/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୧.୦୯.୨୦୧୫ | ଟ.୪୨,୮୪,୦୦୦/- / ଟ. ୪,୨୮,୪୦୦/- / ଟ. ୫୦,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ପ୍ରତିକ ଭାରତ ଗ୍ୟାସ୍, ସ୍ୱତ୍ତ୍ୱାଧିକାରୀ: ପ୍ରଫୁଲ୍ଲ ବଡ୍ଢେଇ,** ଗ୍ରାମ: ପଡ଼ା, ପୋ.: ବିଜେପୁର, ଜିଲ୍ଲା: ବରଗଡ଼, ଓଡ଼ିଶା - ୭୬୮୦୩୨/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭାଗବତ ପଣ୍ଡା,** ପିତା: ବଳଭଦ୍ର ପଣ୍ଡା, ଗ୍ରାମ: ଜଗନ୍ନାଥ ମନ୍ଦିର ସମ୍ମୁଖ, ବିଜେପୁର, ପୋ.: ବିଜେପୁର, ଜିଲ୍ଲା: ବରଗଡ଼, ଓଡ଼ିଶା - ୭୬୮୦୩୨/ **ଆକାଉଣ୍ଟ ନଂ.: ୩୬୭୩୦୦୯୫୨୯୨** | ପ୍ରଫୁଲ୍ଲ ବଡ୍ଢେଇଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଡ଼ା, ତହସିଲ: ବିଜେପୁର, ଜିଲ୍ଲା: ବରଗଡ଼, ଖାତା ନଂ.: ୨୩୬/୩୨୧, ପ୍ଲଟ୍ ନଂ.: ୧୭୮୩/୨୯୦୧, କ୍ଷେତ୍ର: ଏକର୦.୨୦ ଡିସିମିଲି | ୦୫.୦୯.୨୦୧୯ ସୁଦ୍ଧା ଟ.୨୦,୧୯,୭୨୯.୫୬ ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୬.୦୯.୨୦୧୯ | ଟ.୧୪,୦୦,୦୦୦/- / ଟ.୧,୪୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୩.୧୨.୨୦୨୧, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ଼ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in
ସମ୍ପତ୍ତି ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ ମୋ.: ୯୦୭୮୧୩୬୧୯୯, ୮୯୧୭୩୮୮୪୦୮ରେ ଯୋଗାଯୋଗ କରନ୍ତୁ।

ସ୍ଥାନ : ସମ୍ବଲପୁର, ତାରିଖ : ୦୭.୧୨.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର




"ପ୍ରକୃତ ରୂପାନ୍ତର ହେଲା– ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। –ଶ୍ରୀମା



# ଧର୍ମୀୟ ଧାରାରେ ନୃତ୍ୟ



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁଧର୍ମରେ ନାଚ ବା ନୃତ୍ୟକୁ ଆମେ ଗ୍ରହଣ କରୁ। ହିନ୍ଦୁ ଦେବତାମାନେ ନାଚନ୍ତି। ଶିବ ତାଣ୍ଡବନୃତ୍ୟ କରିଥାନ୍ତି ଏବଂ ଏଥିରେ ନଟରାଜଙ୍କୁ ଗଣ ଓ ଯୋଗିନୀମାନେ ଘେରି ରହିଥାଆନ୍ତି। କୃଷ୍ଣଙ୍କ ରୂପରେ ନଟବର ଭାବେ ବିଷ୍ଣୁ ସର୍ପ ଫଣା ଉପରେ କିମ୍ବା ଗୋପୀଙ୍କ ମେଳିରେ ରାସଲୀଳାରେ ନୃତ୍ୟ କରିଛନ୍ତି। ମା' କାଳୀ ଶିବଙ୍କ ସହ ନୃତ୍ୟ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ଶ୍ମଶାନରେ ଚାମୁଣ୍ଡାଙ୍କୁ ଭୂତ ଓ ପିଶାଚଗଣଙ୍କ ସହ ନୃତ୍ୟ କରିବା ଦେଖାଯାଏ। କେବଳ ଦେବତାଗଣ ନାଚନ୍ତି ନାହିଁ, ବରଂ ନୃତ୍ୟ ଭାଗବାନଙ୍କ ପାଇଁ ଏକ ଭେଟି କିମ୍ବା ଅର୍ପଣ। ପୁରାଣ ସାହିତ୍ୟରେ ଉଲ୍ଲେଖ ରହିଛି ଯେ, ଇନ୍ଦ୍ର ସ୍ୱର୍ଗରେ ଅପ୍‌ସରାଙ୍କ ନୃତ୍ୟ ଉପଭୋଗ କରନ୍ତି। ଅପ୍‌ସରାଙ୍କ ମଧ୍ୟରେ ନୃତ୍ୟ ପ୍ରତିଦ୍ୱନ୍ଦ୍ୱିତା ହୁଏ ବୋଲି ଆମେ ଶୁଣିଛେ। ମନ୍ଦିରଗୁଡ଼ିକରେ ଦେବଦାସୀ ଏବଂ ଦେବ ଉପାସନା ଓ ସେବାରେ ସମର୍ପିତ ମହିଳାମାନଙ୍କୁ ଦେବତାଙ୍କ ସମ୍ମୁଖରେ ନାଚିବା ଲାଗି ଉତ୍ସାହିତ କରାଯାଉଥିଲା। ଏପରି କି ଏବେ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ମନ୍ଦିରଗୁଡ଼ିକରେ ଦେବଦେବୀଙ୍କ ପାଇଁ ନୃତ୍ୟ ପରିବେଷଣ କରିବାକୁ ନର୍ତ୍ତକୀ ପାଇବାକୁ ଟଙ୍କା ଦେବାକୁ ପଡ଼ିଥାଏ। ୧,୦୦୦ ବର୍ଷ ପୂର୍ବେ ସମୁଦ୍ର ପଥରେ ବଣିକମାନେ ଭାରତୀୟ ପରମ୍ପରାଗୁଡ଼ିକୁ ସେଠାରେ ପହଞ୍ଚାଇଥିଲେ। ଚିଦାମ୍ବରମ ମନ୍ଦିରରେ ଦେବତାଙ୍କ ସମ୍ମୁଖରେ ଝିଅମାନେ ବି ନୃତ୍ୟ ଭେଟି ଦିଅନ୍ତି।

ସାରା ବିଶ୍ୱରେ ଆଦିବାସୀ ସମୁଦାୟ ସାମାଜିକ ଓ ଧାର୍ମିକ ଉତ୍ସବଗୁଡ଼ିକୁ ନାଚ ମାଧ୍ୟମରେ ପାଳନ କରିଥାନ୍ତି। ସେମାନେ ସାମୂହିକ ଭାବେ ଗୋଲାକାର ହୋଇ ନିର୍ଦ୍ଦିଷ୍ଟ ତାଳରେ ନାଚନ୍ତି। ଲୋକମାନଙ୍କ ମଧ୍ୟରେ ଏକ ସାମୂହିକ ସମ୍ପର୍କ ସୃଷ୍ଟି କରିବା ପାଇଁ ସେମାନେ ନାଚିଥାନ୍ତି। ସମାନ୍ତରାଳ ଭାବେ ଆଦିବାସୀ ମୂଲ୍ୟବୋଧଗୁଡ଼ିକୁ ସେଥିରେ ନିଶ୍ଚିତ କରିବା ସହ ସବୁ ଲୋକଙ୍କୁ ସେଥିରେ ସାମିଲ କରିବାକୁ ଏଭଳି ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ବିଭିନ୍ନ ପର୍ବ, ବିବାହ ଓ ଦେବଦେବୀଙ୍କ ଶୋଭାଯାତ୍ରାରେ ବି ନାଚନ୍ତି। ଦିବ୍ୟ ପରମାତ୍ମାଙ୍କ ସହ ସମ୍ପର୍କ ସ୍ଥାପନ କରିବାରେ ନୃତ୍ୟକୁ ଏକ ରହସ୍ୟମୟ ଆରାଧନା ରୀତି ଭାବେ ଗଣାଯାଏ ; ଯାହା ସୁଫିସନ୍ଥଙ୍କ କୃତ୍ରିମନିଦ୍ରା ଭଙ୍ଗୀରେ ଚକ୍ରାକାର ନୃତ୍ୟ ବିଧିରେ ଦେଖିବାକୁ ମିଳେ। ତେବେ ଧର୍ମୀୟ ସଂଗଠନଗୁଡ଼ିକ ଧର୍ମକୁ ମୌନ ଓ ପବିତ୍ରତା ସହ ଜଡ଼ିତ ଏକ ପବିତ୍ର ଅସ୍ତିତ୍ୱ ଭାବେ ବିବେଚନା କରୁଥିବାରୁ ସେମାନେ ବହୁ ସମୟରେ ନୃତ୍ୟ ପରମ୍ପରାକୁ ଅସ୍ୱୀକାର କରନ୍ତି।

ଖ୍ରୀଷ୍ଟ ଧର୍ମର ପ୍ରଥମ ଭାଗ ବାଇବେଲ ସିଦ୍ଧାନ୍ତରେ ଇସ୍ରାଏଲୀମାନଙ୍କ ପବିତ୍ର ସ୍ମାରକ ପ୍ରତୀକ ଆର୍କ ଅଫ୍ କୋଭେନାଣ୍ଟ ସମ୍ମୁଖରେ ନୃତ୍ୟ ପାଇଁ ରାଜା ଡେଭିଡଙ୍କୁ ଭତ୍ସନା କରାଯାଇଛି। କିନ୍ତୁ ନୂତନ ଭାଗ ବାଇବେଲ ସିଦ୍ଧାନ୍ତରେ ଖ୍ରୀଷ୍ଟ ନୃତ୍ୟକୁ ସ୍ୱୀକୃତି ଦେଇଥିବା ବିଷୟ ଉଲ୍ଲେଖ ରହିଛି। ହେଲେ ଏସବୁ କାଳ୍ପନିକ ବୋଲି କୁହାଯାଏ। କୃଷ୍ଣ କିମ୍ବା ଶିବ ଅବା ଗଣେଶଙ୍କୁ ଯେଭଳି ନର୍ତ୍ତକ ଭାବେ ଗଣାଯାଏ ଯିଶୁଖ୍ରୀଷ୍ଟଙ୍କୁ ଜଣେ ନର୍ତ୍ତକ ଭାବେ କେହି ବିଶ୍ୱାସ କରନ୍ତି ନାହିଁ। ଦିବ୍ୟ ପରମାତ୍ମା ବା ଈଶ୍ୱରଙ୍କ ଉପସ୍ଥିତିରେ ଯେଭଳି ସଦାଚାର କିମ୍ବା ଶାନ୍ତ ଆଚରଣ ରହିବା କଥା ତାହା ସେଥିରେ ନ ଥିବାରୁ ଖ୍ରୀଷ୍ଟ ଧର୍ମରେ ନୃତ୍ୟକୁ କ୍ରୀତଦାସ ଓ ବର୍ବରଙ୍କ କାର୍ଯ୍ୟକଳାପ ଭାବେ ଦେଖାଯାଉଥିଲା। ଇସ୍‌ଲାମ ଧର୍ମରେ ନୃତ୍ୟ ଅବୈଧ। କିନ୍ତୁ ଆରବ ଆଦିବାସୀ ସମୁଦାୟଗୁଡ଼ିକରେ ନୃତ୍ୟ ପରମ୍ପରା ଦେଖିବାକୁ ମିଳେ। ପୁରୁଷଙ୍କ ପରିସରରେ କେବଳ ପୁରୁଷ ଓ ମହିଳାଙ୍କ ପରିସରରେ କେବଳ ମହିଳାମାନେ ନାଚିଥାନ୍ତି। ଆଦିବାସୀ ନିବିଡ଼ ସମ୍ପର୍କର ପରମ୍ପରା ଭାବେ ଏହି ନୃତ୍ୟ ଇସ୍‌ଲାମ ଧର୍ମ ପୂର୍ବରୁ ଚାଲିଆସିଛି। ମନୋରଞ୍ଜନ କିମ୍ବା ସେମାନଙ୍କ ଭାବ ପ୍ରକାଶ କରିବା ଲାଗି ମହିଳା ନୃତ୍ୟର ଯେଉଁ ଧାରଣା ରହିଛି ତାହାକୁ ଶାରୀରିକ, କାମୁକ ଏବଂ ପାପ ଭାବେ ଦେଖାଯାଏ।



ମଠ କିମ୍ବା ଆଶ୍ରମ ପରମ୍ପରାରେ ନୃତ୍ୟକୁ ଶରୀର ଉପଭୋଗ କରୁଥିବା ଅତିଶୟ ବିଷୟାସକ୍ତ କାର୍ଯ୍ୟ ଭାବେ ଦେଖାଯାଏ। ବୌଦ୍ଧ ଓ ଜୈନ ଧର୍ମ ଶରୀର ଓ ବିଷୟାସକ୍ତି ତ୍ୟାଗ କରେ। ଏହି ଧର୍ମଗୁଡ଼ିକ ଶରୀରକୁ ଲାଳସା ଭାବେ ଦେଖେ। ସେମାନେ ନୃତ୍ୟଠାରୁ ଦୂରରେ ରହନ୍ତି। ବୁଦ୍ଧ ଓ ତୀର୍ଥଙ୍କରମାନେ ସିଧା ହୋଇ ନିଶ୍ଚଳ ଭାବେ ବସି ରହନ୍ତି କିମ୍ବା ଠିଆ ହୋଇଥିବା ଦୃଶ୍ୟ ହୋଇଥାନ୍ତି। ସେମାନଙ୍କ ନିଶ୍ଚଳ ସ୍ଥିତି ନୃତ୍ୟ କିମ୍ବା ଲୟର ଶାରୀରିକ ସଙ୍କେତରେ ବହୁତ କମ୍ ଦେଖାଯାଏ।

ହିନ୍ଦୁ ମନ୍ଦିର ସହ ନୃତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କିନ୍ତୁ ବୌଦ୍ଧଧର୍ମ ସାହିତ୍ୟରେ ନୃତ୍ୟର ବିଚାର ନାହିଁ। ନୃତ୍ୟଦେବୀଙ୍କ ସମ୍ପର୍କରେ ବେଦ ସୂଚିତ କରିଥିଲେ ମଧ୍ୟ ନୃତ୍ୟକୁ ଏକ ମୁଖ୍ୟ ବିଷୟ ଭାବେ ଦର୍ଶାଇଥିବା ଜଣାପଡ଼େ ନାହିଁ। ଆଦିବାସୀ ଏବଂ ବେଦର ପବିତ୍ର ରୀତି ସହ ଜଡ଼ିତ ସ୍ଥାନୀୟ ପରମ୍ପରା ସମ୍ମିଶ୍ରଣରେ ହିନ୍ଦୁ ଧର୍ମ ସୃଷ୍ଟି ହୋଇଥିବାରୁ ଉପାସନାର କେନ୍ଦ୍ର ଭାବେ ନୃତ୍ୟ ବହୁ ପରେ ପ୍ରକାଶ ପାଇଥିଲା। ଏହା ନୃତ୍ୟର କେତେକ ବିଷୟ ଯଥା ମୁଦ୍ରାକୁ ପ୍ରେରିତ କରିଥିଲା। ନୃତ୍ୟକୁ ଏକ ସାଧନ ଭାବେ ଦେଖାଯାଉଥିଲା ; ଯାହା ମାଧ୍ୟମରେ ଜଟିଳ ବିଚାରଗୁଡ଼ିକୁ ଆଦାନପ୍ରଦାନ କରାଯାଇପାରୁଥିଲା। ଶିବ ବେଦର ଅର୍ଥକୁ ନୃତ୍ୟ ମାଧ୍ୟମରେ ପ୍ରକଟ କରିଥିଲେ। ସେଥିପାଇଁ ନୃତ୍ୟ ଏକ ଦିବ୍ୟ ମାଧ୍ୟମ ହୋଇଛି ଯାହା ଦ୍ୱାରା ବିଚାର ବା ଧାରଣାଗୁଡ଼ିକୁ ବ୍ୟକ୍ତ କରାଯାଇପାରେ। ନୃତ୍ୟ କେବଳ ମନୋରଞ୍ଜନ ନୁହେଁ, ବରଂ ଏହା ଏକ ପ୍ରକାର ଭାଷା। ଏଣୁ ଏକ ଭାଷା ଭାବେ ନୃତ୍ୟ ହିନ୍ଦୁଧର୍ମ ଓ ହିନ୍ଦୁ ମନ୍ଦିର ନୃତ୍ୟ ପରମ୍ପରାଗୁଡ଼ିକରେ ଏକ ମୁଖ୍ୟ ଅଂଶ ହୋଇରହିଛି। କିନ୍ତୁ ଏବେ ଦେବତାଙ୍କୁ ଖୁସି କରୁଥିବା ଦେବଦାସୀ ଓ ଟେମ୍ପଲ ଓମେନଙ୍କ ନୃତ୍ୟ ଭିନ୍ନ ପ୍ରକାରର। ଏହି ନୃତ୍ୟର ଗ୍ରହଣୀୟତା ବୈଶ୍ୱିକ ସଂସ୍କୃତିରେ ରହୁନାହିଁ। ଶେଷରେ ଭାରତରେ ବୌଦ୍ଧଧର୍ମ ହରାଇଥିବା ଅସ୍ତିତ୍ୱ ସମ୍ପର୍କରେ ବହୁ ସମୟରେ ଆଲୋଚନା କରାଯାଏ। ଏହାର ଗୋଟିଏ କାରଣ ହୋଇପାରେ, ସଦାଚାରୀ ତଥା ନିଶ୍ଚଳ ଭିକ୍ଷୁ ସାଧାରଣ ଲୋକଙ୍କ ସହ ସେମାନଙ୍କ ଭାବକୁ ବ୍ୟକ୍ତ କରିପାରି ନ ଥିଲେ।

ଲୋକେ ଏଠାରେ ନୃତ୍ୟ ଓ ଗୀତକୁ ଉପଭୋଗ କରୁଛନ୍ତି। କୃଷ୍ଣ, ମୁରୁଗାନ ଓ ଶିବ ଭଳି ଦେବତାଙ୍କ ନାଚ ଉପଭୋଗ କରୁଛନ୍ତି। ଗଣେଶ ପୂଜା ଏବଂ ନବରାତ୍ରିରେ ସେମାନେ ନାଚୁଛନ୍ତି ଓ ଗାଉଛନ୍ତି। ଏହା ଚର୍ଚ୍ଚ ଓ ମସ୍‌ଜିଦରେ ନୃତ୍ୟ ଦେଖି ନ ଥିବା ପାଶ୍ଚାତ୍ୟ ପର୍ଯ୍ୟଟକଙ୍କୁ ଆଶ୍ଚର୍ଯ୍ୟ କରିଛି। ସବୁଠୁ ଭଲ କଥା ହେଉଛି, ପାରମ୍ପରିକ ଖ୍ରୀଷ୍ଟିଆନ ମ୍ୟୁଜିକ, ରୋମାନ କ୍ୟାଥୋଲିକ ଚର୍ଚ୍ଚ ମ୍ୟୁଜିକ ଓ ସୁଫି ମ୍ୟୁଜିକକୁ ଭଓା ଦିଆଯାଉଛି। ହେଲେ ନୃତ୍ୟ ଏକେଶ୍ୱରବାଦ ବିଶ୍ୱାସର ରୂଢ଼ୀବାଦୀ ଧର୍ମଯାଜକଙ୍କର ହୋଇ ରହିଯାଇଛି। ଫ୍ରାଇଡେ ନାଇଟ ପାର୍ଟିକୁ ସବୁବେଳେ ବିଧର୍ମୀ ଓ ପୈଶାଚିକ ଭାବେ ଦେଖାଯାଉଛି।

ହଜ୍ କିମ୍ବା ଭାଟିକାନ୍ ସିଟିରେ ତୀର୍ଥଯାତ୍ରାର କେନ୍ଦ୍ରରେ ନୃତ୍ୟ ନାହିଁ। ଏପରି କି ଶିଖ ନୃତ୍ୟ ଧର୍ମୀୟ ଉତ୍ସବର ଏକ ଅଂଶ ହୋଇନାହିଁ। କିନ୍ତୁ ପୁରୀ ରଥଯାତ୍ରାରେ ଜଗନ୍ନାଥ ତାଙ୍କ ମନ୍ଦିରରୁ ରଥକୁ ଝୁଲିଝୁଲି ନାଚି ନାଚି ଆସିଥାଆନ୍ତି। ପ୍ରତିବର୍ଷ ମହାରାଷ୍ଟ୍ରରେ ପାଣ୍ଡରପୁର ମନ୍ଦିର ଅଭିମୁଖେ ଯାଉଥିବା ତୀର୍ଥଯାତ୍ରୀମାନେ ବିଠଲଙ୍କ ଉଦ୍ଦେଶ୍ୟରେ ନାଚି ନାଚି ଯାଆନ୍ତି। ସେମାନେ ବିଠଲଙ୍କୁ ସେମାନଙ୍କ ଗୋପାଳକ ସଖା ଭାବେ ବିଚାର କରିଥାନ୍ତି। ଏପରିକି ସମବେତ ଭକ୍ତଙ୍କୁ ଆନନ୍ଦ ଦେବା ଲାଗି ଦୋଳିରେ ଦେବତାଙ୍କ ମୂର୍ତ୍ତି ରଖି ସେବିକାମାନେ ସେମାନଙ୍କୁ ଝୁଲାଇଥାଆନ୍ତି। କିନ୍ତୁ ଖ୍ରୀଷ୍ଟଧର୍ମ, ଇସ୍‌ଲାମ, ଶିଖ ଓ ବୌଦ୍ଧ କିମ୍ବା ଜୈନ ଧର୍ମର ଉତ୍ସବଗୁଡ଼ିକରେ ଦେବତା, ଧର୍ମଯାଜକ କିମ୍ବା ଲୋକମାନଙ୍କ ଠାରୁ ନୃତ୍ୟ ଆଶା କରାଯାଏନାହିଁ। ହେଲେ ସମସ୍ତେ ହିନ୍ଦୁ ଧର୍ମୀୟ ଉତ୍ସବଗୁଡ଼ିକରେ ସବୁବେଳେ ନାଚନ୍ତି।

–devduttofficial@gmail.com

# ଇ-ଆବର୍ଜନା ସଙ୍କଟ



ବିପିନ ବିହାରୀ ରାଉତ

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ। ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି। ଚାଇନାରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି। ଏହାସହ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି। ମୋବାଇଲ୍ ଫୋନ, ଆଇପ୍ୟାଡ ବା ଆଇପଡ ଅଥବା ଘରେ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର କାର୍ଯ୍ୟ ଅବଶ୍ୟ ଦିନେ ଶେଷ ହୋଇଯିବ। କିନ୍ତୁ ଏଗୁଡ଼ିକ ମାଟିରେ ମିଶିଯିବ ନାହିଁ। ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ। ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତା'ର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି। ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନାର (ଗୋଟିଏ ବ୍ୟାଟେରିଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସମ୍ପର୍କରେ ସମ୍ୟକ ସୂଚନା ମିଳିଛି। ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ। ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି। ଚାଇନାରେ ଏହି ପରିମାଣ ମୁଣ୍ଡ ପିଛା ୫.୪ କେଜି। ବ୍ରିଟେନ୍‌ରେ ଏହି ପରିମାଣ ମୁଣ୍ଡ ପିଛା ୨୨ କେଜି।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ, ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ନିୟୁତ ଟନ୍ ଓଜନର ଇ-ଆବର୍ଜନା। ତା' ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି। ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍, ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍। ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ। ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗୀର୍ଜା ପିରାମିଡର ଓଜନ ସହିତ ସମାନ ହେବ। ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ। ୨୦୧୨ରେ ଚାଇନା ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା। ତା'ର ପରିମାଣ ଥିଲା ୧୧.୧ ନିୟୁତ ଟନ୍। ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ। ଏବେ ଏ କ୍ରମ ବଦଳି ଯାଇଛି। ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନା ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି। ତେବେ ଆମେରିକା ଓ ଚାଇନାର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚାଇନାର ପ୍ରାୟ ପାଞ୍ଚଗୁଣ।

ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍)ଇ ଆବର୍ଜନା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି। ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ। କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷଠାରୁ ଚାଇନା ଓ ମାଲେସିଆରେ ବନ୍ଦ ହୋଇଯିବ। କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶଗୁଡ଼ିକ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡମ୍ପିଂ ଗ୍ରାଉଣ୍ଡରେ ପରିଣତ କରିଦେବେ। ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ। କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ, ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ। ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି।

ଶ୍ରୀବିହାର କଲୋନୀ, କଟକ
ମୋ : ୯୪୩୭୬୬୬୪୫୩

## ଏଇ ଭାରତରେ

ବର ବିବାହ ପରେ ଆନନ୍ଦରେ ଘରକୁ ଫେରିବା ବଦଳରେ ରାସ୍ତା ନିର୍ମାଣ ଲାଗି ଧାରଣାରେ ବସିଥିବା ଘଟଣା ଏବେ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡରେ। ପ୍ରକୃତ ଘଟଣା ହେଲା, ରାସ୍ତା ଖରାପ ଯୋଗୁ ବର ଜଣକ ବିବାହ ପାଇଁ କନ୍ୟାଘରେ କଷ୍ଟେମଷ୍ଟେ ପହଞ୍ଚିଥିଲେ। ଏଣୁ ବିବାହ ପରେ ଧାରଣାରେ ବସିବା ଲାଗି ନିଷ୍ପତ୍ତି ନେଇଥିଲେ। ଉକ୍ତ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହୈଡାଖାନ୍‌ଠାରୁ ରିଠାସାହିବ ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇ ଯାଇଥିବାରୁ ତାହାକୁ ୨୦ ଦିନ ଧରି ବନ୍ଦ ରଖାଯାଇଥିଲା। ଏହା ଉପରେ ଯାତାୟାତ ବନ୍ଦ ରହିବା ଦ୍ୱାରା ପ୍ରାୟ ୨୦୦ ଗାଁକୁ ଯିବା ଆସିବାରେ ସମସ୍ୟା ଉପୁଜୁଥିଲା। ଏନେଇ ଲୋକେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବାପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିବାହ କରିବାକୁ ଆସି ବରଙ୍କୁ ମଧ୍ୟ ବରଯାତ୍ରୀଙ୍କ ସହିତ ପାଦରେ ଚାଲିଚାଲି କନ୍ୟାଘରେ ପହଞ୍ଚିବାକୁ ପଡ଼ିଥିଲା। ଏନେଇ ସ୍ଥାନୀୟ କଂଗ୍ରେସ ନେତା ଯଶପାଲ ଆର୍ଯ୍ୟ ଧାରଣାରେ ବସିଥିଲେ। ବର କନ୍ୟାଘରୁ ଫେରିବା ସମୟରେ କଂଗ୍ରେସ ନେତାଙ୍କ ସହିତ ଧାରଣାରେ ବସି ଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପ୍ରଶାସନ ପକ୍ଷରୁ ରାସ୍ତାରେ ଜମା ହୋଇଥିବା ମାଟି ହଟାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୮ ଡିସେମ୍ବର ୧୯୯୭

- ବିଶାଖାପାଟଣାର ଗଙ୍ଗାବରମ ଉପକୂଳରେ ବଙ୍ଗୋପସାଗରରେ ଏକ ନୌକା ବୁଡ଼ିଯିବା ଫଳରେ ୩୨ ମୃତ।
- ଆସାମରେ ପୋଲିସ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ ପୋଲିସ ଅଫିସର ଓ ୭ ଉଗ୍ରପନ୍ଥୀଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ।
- କେନ୍ଦ୍ର ଟେଲିକମ କମିଶନର ପରାମର୍ଶଦାତା ଆର୍.ଏମ୍. ଗୋଏଲ ଆନୁଷ୍ଠାନିକ ଭାବେ କଟକ-ଭୁବନେଶ୍ୱର ମଧ୍ୟରେ ଲୋକାଲ କଲ୍ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି।

# ପିଏଫ୍‌ଆଇ ଭଳି ମାନସିକତାର ସମାଧାନ କ'ଣ



ଅନିଲ ବିଶ୍ୱାଳ

ଇତି ମଧ୍ୟରେ ଆତଙ୍କବାଦୀ ସଙ୍ଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆକୁ କେନ୍ଦ୍ର ସରକାର ପ୍ରତିବନ୍ଧକ ଲଗାଇବାର ଦୁଇ ମାସ ବିତିଗଲାଣି। ପୂର୍ବରୁ ଇସ୍‌ଲାମିକ ଆତଙ୍କବାଦୀ ସଙ୍ଗଠନ ସିମି (ଷ୍ଟୁଡେଣ୍ଟ ଇସ୍‌ଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ)କୁ ମଧ୍ୟ କେନ୍ଦ୍ର ସରକାର ପ୍ରତିବନ୍ଧକ ଲଗାଇଥିଲେ। ପଞ୍ଜାବରେ ଖଲିସ୍ଥାନ ଆତଙ୍କବାଦୀମାନଙ୍କୁ ଯଦିଓ ସରକାର ଅନେକାଂଶରେ ଦମନ କରିଛନ୍ତି ତଥାପି ଆଜି ବି ସମୟ ସମୟରେ ସେଠାରେ ସେମାନଙ୍କ ପ୍ରଭାବ ଅନୁଭୂତ ହୁଏ। ପିଏଫ୍‌ଆଇ ହେଉ ବା ସିମି, ବିଭିନ୍ନ ସମୟରେ ଗିରଫ ହେଉଥିବା ଏହି ସଙ୍ଗଠନର ଅଭିଯୁକ୍ତମାନଙ୍କର ବୟାନ ଆଧାରରେ ଏହା ପ୍ରମାଣିତ ହୁଏ ଯେ ଏମାନେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଚାହାନ୍ତି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପିଏଫ୍‌ଆଇ ହେଉ ବା ସିମି ଏମାନଙ୍କୁ ପ୍ରତିବନ୍ଧକ କରିବା କ'ଣ ସମସ୍ୟାର ସମାଧାନ କରିପାରିବ ? କାରଣ ଯେବେ ସିମିକୁ ପ୍ରତିବନ୍ଧକ ଲଗାଗଲା ସେହି ସଙ୍ଗଠନ ଓ ସେହି ବିଚାରରେ କାମ କରୁଥିବା ଲୋକମାନେ ପରବର୍ତ୍ତୀ ସମୟରେ ପିଏଫ୍‌ଆଇ ଗଠନ କରିଥିଲେ। ଏବେ ପିଏଫ୍‌ଆଇ ବ୍ୟାନ ହେବା ପରେ ସେମାନେ ଆଉ ଏକ ସଙ୍ଗଠନ ଖୋଲିପାରନ୍ତି। ତା'ହେଲେ ଏଭଳି ମାନସିକତାର ସ୍ଥାୟୀ ସମାଧାନ କ'ଣ ?

ଯେତେବେଳେ ପିଏଫ୍‌ଆଇକୁ ସାରା ଦେଶରେ କେନ୍ଦ୍ର ସରକାର ପ୍ରତିବନ୍ଧିତ କରିଥିଲେ ଦେଶର କିଛି ତଥାକଥିତ ବୁଦ୍ଧିଜୀବୀ ଏହା ଉପରେ ଆପତ୍ତି ଉଠାଇଥିଲେ। ଯେଉଁମାନେ ଆଜି ବି ମାନନ୍ତି ଯେ କଶ୍ମୀରରେ ହେଉଥିବା ଆତଙ୍କବାଦୀ କାର୍ଯ୍ୟକଳାପ ପଛରେ ଭାରତୀୟ ସେନାର ଭୁଲ୍ ଅଛି ବା ସେଠାରେ ଥିବା ପଣ୍ଡିତମାନଙ୍କ ପାଇଁ ହିଁ କଶ୍ମୀରରେ ସବୁ ସମସ୍ୟା ଆରମ୍ଭ ହୋଇଥିଲା ସେହି ବର୍ଗର ଲୋକମାନେ ଏବେ ପପୁଲାର ଫ୍ରଣ୍ଟ ଉପରେ ପ୍ରତିବନ୍ଧକକୁ ମଧ୍ୟ ଉଦ୍ଦେଶ୍ୟମୂଳକ ପଦକ୍ଷେପ ବୋଲି ମାନନ୍ତି। ଏହା ସିଧାସଳଖ ଭାବରେ ପିଏଫ୍‌ଆଇ ଭଳି ସଙ୍ଗଠନଗୁଡ଼ିକୁ ଏକ ନୈତିକ ବଳ ଯୋଗାଏ, ଯାହା ପରବର୍ତ୍ତୀ ସମୟରେ ଦେଶ ପାଇଁ ବିପଦ ଆକାରରେ ଉଭା ହୁଏ।

ବିହାରରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆର ଏକ ଗୁପ୍ତ ଦସ୍ତାବିଜ ମିଳିଥିଲା ଯେଉଁଥିରେ ୨୦୪୭ ସୁଦ୍ଧା ଭାରତକୁ ଇସ୍‌ଲାମିକ ଦେଶରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଉଲ୍ଲେଖ ଥିଲା। ଯଦି ଆବଶ୍ୟକ ହୁଏ ତେବେ ସଶସ୍ତ୍ର ବିଦ୍ରୋହ କରିବା ପାଇଁ ଆବଶ୍ୟକ ରୋଡ ମ୍ୟାପ ମଧ୍ୟ ସେହି ଦସ୍ତାବିଜରେ ଥିଲା। ପିଏଫ୍‌ଆଇ ତା'ର ଭିଜନ ଡକ୍ୟୁମେଣ୍ଟରେ ଏକଥା ମଧ୍ୟ ଲେଖିଥିଲା ଯେ ଆବଶ୍ୟକ ପଡିଲେ ତୁର୍କୀ ଭଳି ଦେଶ ସେମାନଙ୍କୁ ସାହାଯ୍ୟ କରିବେ। ଏଥିରୁ ସ୍ପଷ୍ଟ ଯେ ଭାରତକୁ ଆଉ ଥରେ ବିଭାଜନ କରିବାକୁ ସେମାନେ ସଙ୍କଳ୍ପବଦ୍ଧ ଭାବରେ କାମ କରୁଛନ୍ତି। ଏମାନେ କେବେ ବି ଭାରତ ଗୋଟିଏ ସାର୍ବଭୌମ ଦେଶ ଏକଥା ସ୍ୱୀକାର କରନ୍ତି ନାହିଁ। ଭାରତ ଏକ ସାଂସ୍କୃତିକ ରାଷ୍ଟ୍ର, ଭାରତର ଏକ ପ୍ରାଚୀନ ଗୌରବଶାଳୀ ଇତିହାସ ଅଛି ତାହା ମଧ୍ୟ ସେମାନେ ସ୍ୱୀକାର କରନ୍ତି ନାହିଁ। ସବୁବେଳେ ନିଜର ଧାର୍ମିକ ଭାବନାରେ ଦେଶର ପରିକଳ୍ପନା କରନ୍ତି ଯାହା ସବୁ ସମସ୍ୟାର ମୂଳ କାରଣ। ଆଜି ୟୁରୋପର ଅନେକ ଦେଶରେ ପିଏଫ୍‌ଆଇ ଭଳି ବିଚାର ରଖୁଥିବା ସଙ୍ଗଠନ ବ୍ୟାପି ସେଠାକାର ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଗଲାଣି। ଫ୍ରାନ୍ସ, ଯୁକ୍ତରାଜ୍ୟ, ଇଟାଲୀ ଆଦି ଦେଶ ପ୍ରଭାବିତ ହୋଇସାରିଲେଣି। ସେମାନେ ମଧ୍ୟ ଆମ ଦେଶ ଭଳି ରାସ୍ତା ଖୋଜୁଛନ୍ତି ଏହାର ସମାଧାନ କ'ଣ। ପିଏଫ୍‌ଆଇ, ସିମି ଭଳି ସଙ୍ଗଠନଗୁଡ଼ିକ ପାଇଁ ଭାରତରେ ଦେଶକୁ ଭଲ ପାଉଥିବା, ଭାରତୀୟ ବୋଲି ଗର୍ବ ଅନୁଭବ କରୁଥିବା ଓ ଦେଶର ପ୍ରଗତିରେ ଭାଗୀଦାରି ହେଉଥିବା ସାଧାରଣ ମୁସଲମାନମାନେ ଆଜି ଅଡୁଆରେ। ଏକ ସନ୍ଦେହର ବାତାବରଣ ସୃଷ୍ଟି କରିବାରେ ପିଏଫ୍‌ଆଇର ବଡ଼ ଭୂମିକା ରହୁଛି। ପିଏଫ୍‌ଆଇ ହେଉ ବା ସିମି ଏମାନେ କେବଳ ଭାରତର ଶତ୍ରୁ ନୁହନ୍ତି ବରଂ ଭାରତୀୟ ମୁସଲମାନମାନଙ୍କର ମଧ୍ୟ ଶତ୍ରୁ।



ପୂର୍ବରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାନୁୟାରୀ ୩, ୧୯୪୮ରେ କୋଲକାତାରେ ଏକ ଭାଷଣ ବେଳେ ଯେଉଁ କଥା ଉଠାଇ ଭବିଷ୍ୟତରେ ଭାରତ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୋଇପାରେ ବୋଲି ଆଶଙ୍କା କରିଥିଲେ ତାହା ଆଜି ସତ ପ୍ରମାଣିତ ହେବାକୁ ଯାଉଛି। ସର୍ଦ୍ଦାର ପଟେଲଙ୍କ ପୂରା ଭାଷଣ ଲୋକପ୍ରିୟ ଭିଡିଓ ପ୍ଲାଟଫର୍ମ ୟୁଟ୍ୟୁବରେ ଉପଲବ୍ଧ। ପ୍ରଖର ଚିନ୍ତାନାୟକ, ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକର ତାଙ୍କ ବହି 'ଥଟ୍‌ସ ଅନ୍ ପାକିସ୍ତାନ'ରେ ମଧ୍ୟ ସମାନ କଥା କହିଥିଲେ ଯେ ଭାରତରେ ଏଭଳି ବିଭାଜନକାରୀ ତତ୍ତ୍ୱମାନେ ରହିବେ, ଯେଉଁମାନେ ଦେଶର ସ୍ଥିରତା, ଅଖଣ୍ଡତା ପ୍ରତି ବିପଦ ଆଣିବେ। ସେମାନେ ଯାହା ଯାହା ସବୁ ଆଶଙ୍କା କରିଥିଲେ ଦେଶ ବିଭାଜନର ୭୫ ବର୍ଷ ପରେ ମଧ୍ୟ ସେଭଳି କିଛି ସମସ୍ୟା ସାମନା କରିଚାଲିଛୁ। ବର୍ତ୍ତମାନ ସମୟର ଏକ ଆହ୍ୱାନ ହେଉଛି କିଭଳି ଏହି ସମସ୍ୟା ଶେଷ ହେବ। କାରଣ ଏଠାରେ ଆଇନ ଶୃଙ୍ଖଳା, ଆତଙ୍କବାଦୀ ଦମନର ସମସ୍ୟା କଥା ଯେତିକି ତା'ଠାରୁ ଅଧିକ ଚିନ୍ତାଜନକ ଓ ଆହ୍ୱାନଯୁକ୍ତ ହେଉଛି ବିଭାଜନ ଓ ମୌଳବାଦୀ ମାନସିକତାକୁ ପ୍ରତିହତ କରିବା। ଏବେ ସରକାର ଦେଶ ବିରୋଧୀ ଶକ୍ତିମାନଙ୍କ ବିରୋଧରେ ଯେଉଁଭଳି ଶୂନ ସହନଶୀଳତା (ଜିରୋ ଟଲେରାନ୍ସ) ନୀତି ଆପଣାଇଛନ୍ତି ଯଦି ସେମିତି ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆପଣା ଯାଇଥାଆନ୍ତା ତା'ହେଲେ ହୁଏତ ଆଜି ଏହି ପରିସ୍ଥିତି ଉପୁଜୁ ନ ଥା'ନ୍ତା। ସେମାନଙ୍କୁ ଏବେ ନିୟନ୍ତ୍ରଣ କରିବାକୁ ହେଲେ ସେମାନଙ୍କର ପୃଷ୍ଠପୋଷକମାନେ, ଯେଉଁମାନେ ଭୋଟ ରାଜନୀତିରେ ତିଷ୍ଠିରହିବା ପାଇଁ ଏଭଳି ବିଭାଜନକାରୀ ଶକ୍ତିମାନଙ୍କୁ ସାହାଯ୍ୟ କରୁଛନ୍ତି ସେମାନଙ୍କର ମୁଖା ଖୋଲିବାକୁ ପଡିବ। ସେହି ସଙ୍ଗଠନମାନେ ଅଳ୍ପ ବୟସର ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ବିଭିନ୍ନ ମାଧ୍ୟମରେ ଟ୍ରାପ କରି ସେମାନଙ୍କୁ ନିଜ ସଙ୍ଗଠନରେ ସାମିଲ କରିବାର ଖବର ମଧ୍ୟ ଆସୁଛି। ସେସବୁ ଉପରେ ନଜର ରଖାଯିବା ଉଚିତ। ଆଜି ପିଏଫ୍‌ଆଇ ହେଉ, ସିମି ହେଉ ଅବା ଖଲିସ୍ଥାନ ହେଉ ଏମାନଙ୍କର ମୂଳ ଅର୍ଥର ଉତ୍ସ ହେଉଛି ବିଦେଶରୁ। ତାହା ଉପରେ ରୋକ ଲାଗିବା ଆବଶ୍ୟକ। ପିଏଫ୍‌ଆଇ, ସିମିକୁ ବିଭିନ୍ନ ଏନ୍‌ଜିଓ ମାଧ୍ୟମରେ ତୁର୍କୀ, ଆରବ ଦେଶଗୁଡ଼ିକରୁ ଅର୍ଥ ଆସିବାର ପ୍ରମାଣ ମିଳିଛି। କେନ୍ଦ୍ର ସରକାର ଏ ଦିଗରେ ପ୍ରୟାସ ଆରମ୍ଭ କରିଛନ୍ତି, କିଭଳି ଏହା ଉପରେ ରୋକ ଲାଗିପାରିବ। ଦେଶର ନାଗରିକମାନଙ୍କର ମଧ୍ୟ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ ବଡ଼ ଭୂମିକା ରହିଛି। ସବୁକିଛି ସରକାର କରିବେ ସେମିତି ଚାହିଁ ବସିଲେ ଦେଶରେ ଏହି ଗମ୍ଭୀର ସମସ୍ୟାର ପରିସମାପ୍ତି ହେବ ନାହିଁ। ଏଥିପାଇଁ ଲୋକଙ୍କୁ ମଧ୍ୟ ଜାଗ୍ରତ ହେବାକୁ ପଡ଼ିବ।

ମୋ–୮୨୪୯୮୬୮୯୬୧

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 1 | | | 8 | | 6 |
| | | 4 | | | | | | 1 |
| | | | 7 | 6 | | | 5 | |
| | | 2 | | | 6 | | | |
| | 1 | | 4 | | | | | 3 |
| | | 9 | 2 | 5 | | | | |
| | 4 | | 5 | | 1 | | | 8 |
| | 2 | | | | | | | |
| | | | 8 | 2 | | 3 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 4 | 8 | 9 | 2 | 5 | 6 | 7 |
| 8 | 9 | 7 | 1 | 5 | 6 | 4 | 2 | 3 |
| 5 | 6 | 2 | 3 | 4 | 7 | 9 | 8 | 1 |
| 6 | 4 | 8 | 2 | 3 | 5 | 7 | 1 | 9 |
| 9 | 1 | 5 | 4 | 7 | 8 | 6 | 3 | 2 |
| 7 | 2 | 3 | 6 | 1 | 9 | 8 | 4 | 5 |
| 3 | 8 | 9 | 7 | 6 | 1 | 2 | 5 | 4 |
| 2 | 5 | 1 | 9 | 8 | 4 | 3 | 7 | 6 |
| 4 | 7 | 6 | 5 | 2 | 3 | 1 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଘରୋଇ କୋଚିଂ ବ୍ୟବସ୍ଥା କ'ଣ ପାଇଁ

ମହାଶୟ,

ଶିକ୍ଷା ବ୍ୟବସ୍ଥା ଆମ ରାଜ୍ୟରେ ବିପର୍ଯ୍ୟସ୍ତ ହୋଇଗଲାଣି। ଗତ କିଛିବର୍ଷ ଧରି କୌଣସି ବେସରକାରୀ ମହାବିଦ୍ୟାଳୟରେ ଆଇନଗତ ଭାବେ ପରିଚାଳନା ସଂସଦ ଗଠିତ ହୋଇପାରିଲା ନାହିଁ। ସରକାରୀ ସ୍କୁଲ, କଲେଜ ଶିକ୍ଷକମାନଙ୍କୁ ଘରୋଇ ଟ୍ୟୁସନ କିମ୍ବା କୋଚିଂ ଦେବାକୁ ରାଜ୍ୟ ସରକାର କଟକଣା ଜାରି କରିଥିବାବେଳେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ସରକାରୀ ଶିକ୍ଷାନୁଷ୍ଠାନରେ କର୍ମରତ କେତେକ ଶିକ୍ଷକ-ଅଧ୍ୟାପକ ଘରୋଇ ଟ୍ୟୁସନ ଅବା କୋଚିଂ ଆଳରେ ଶିକ୍ଷାକୁ ବ୍ୟବସାୟରେ ପରିଣତ କରୁଛନ୍ତି। ତେବେ ଘରୋଇ କୋଚିଂ ବ୍ୟବସ୍ଥା କ'ଣ ପାଇଁ ? ସତ୍ୟବାଦୀ ବଜାରରେ ଥିବା କୋଚିଂ ସେଣ୍ଟରଗୁଡ଼ିକୁ ପିଲାମାନେ ସନ୍ଧ୍ୟା ସମୟରେ ଧାଡ଼ିବାନ୍ଧି ସାଇକେଲରେ ଯିବାବେଳେ ଟ୍ରାଫିକ୍ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣାରେ ଆହତ ହେବା ଏବଂ କୋଚିଂ ସେଣ୍ଟର ସମ୍ମୁଖରୁ ପିଲାମାନଙ୍କୁ ସାଇକେଲ ଚୋରି ହେଉଥିବା ଆଲୋଚ୍ୟ ବିଷୟ ହୋଇପଡ଼ିଛି। ଶିକ୍ଷା ଅଧିକାରୀମାନେ ଘରୋଇ ଟ୍ୟୁସନ- କୋଚିଂ ବ୍ୟବସ୍ଥା ଉଚ୍ଛେଦ କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ
ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର,
କରିଛି ତାକୁ ମଉନ ମୂକ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଇଖାନାରେ ଲୁଚାଇଥିଲେ ବୋମା, ଦୁର୍ଘଟଣା ପୂର୍ବରୁ ନିଷ୍କ୍ରିୟ

ରାୟଗଡ଼ା ଅଫିସ,୭।୧୨



ପାଇଖାନା ଭିତରେ ଲୁଚାଇ ରଖାଯାଇଥିଲା ବୋମା। ହେଲେ କୌଣସି ଅପରାଧ କିମ୍ବା ଦୁର୍ଘଟଣା ଘଟିବା ପୂର୍ବରୁ ପୋଲିସ ଏବଂ ସିଆରପିଏଫ୍ ଟିମ୍ ବୁଧବାର ପହଞ୍ଚି ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ବୋମାକୁ ସତର୍କତାର ସହ ନିଷ୍କ୍ରିୟ କରିଛନ୍ତି। ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅଧୀନ ସୁଙ୍ଗେର ଗ୍ରାମରେ ବୁଧବାର ଏଭଳି ଘଟଣା ଘଟିଥିବାବେଳେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ବୋମା ଲୁଚାଇ ରଖିଥିଲେ ତାହା ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ଏହି ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ସୁଙ୍ଗେର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ପଛପାର୍ଶ୍ୱରେ ଥିବା ପାଇଖାନାରେ ବୋମା ଥିବା କାଶୀପୁର ପୋଲିସ ସୂଚନା ପାଇଥିଲା। ଏହାପରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟକୁ ଖବର ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଏବଂ ସିଆରପିଏଫ୍‌ର ବୋମା ନିଷ୍କ୍ରିୟକାରୀ ଦଳ ସେଠାକୁ ଯାଇ ବୋମାକୁ ଠାବ କରିଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା ଓ ଏସ୍‌ଡିପିଓ ଦେବଜ୍ୟୋତି ଦାସଙ୍କ ଉପସ୍ଥିତିରେ ବୋମାକୁ ନିଷ୍କ୍ରିୟ କରାଯାଇଥିଲା। ତେବେ ପାଇଖାନାରେ ବୋମା କିଏ ଲୁଚାଇ ରଖିଥିଲେ ତାହାର ତଦନ୍ତ ଚାଲିଥିବା ଏସ୍‌ଡିପିଓ କହିଛନ୍ତି।

# 'ନିର୍ମାଣ ଶ୍ରମିକ ପଞ୍ଜୀକରଣ ଅନ୍‌ଲାଇନ ହେଉ'



ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର

ରାୟଗଡ଼ା ଅଫିସ,୭।୧୨

ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଦାବି ପୂରଣ ନେଇ ରାୟଗଡ଼ା କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଓସିଡବ୍ଲ୍ୟୁଏ ଆଇନକୁ ଅନ୍ୟ ଆଇନ ସହ ମିଶ୍ରଣ ପ୍ରତ୍ୟାହାର, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣକୁ ଅଫ୍‌ଲାଇନ କରିବା, ପଞ୍ଜୀକରଣ ପାଇଁ ଦାଖଲ ହୋଇଥିବା ଦରଖାସ୍ତଗୁଡ଼ିକର ଠିକ୍ ଯାଞ୍ଚ କରିବା ପାଇଁ ଦାବି ହୋଇଛି। ଏହି ଅବସରରେ ଶ୍ରମିକମାନେ ଶ୍ରମ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେହିଭଳି ମୃତ୍ୟୁକାଳୀନ, ବିବାହ, ଚିକିତ୍ସା ଏବଂ ମେଡ଼ିକାଲ ଆଦି ସହାୟତା ଶୀଘ୍ର ପ୍ରଦାନ, ଶ୍ରମିକ ପକ୍କାଘର ଯୋଜନା କାର୍ଯ୍ୟକାରୀ କରିବା ସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶ୍ରମିକଙ୍କୁ ମାସିକ ୧୦ହଜାର ଟଙ୍କା ପେନ୍‌ସନ, କାର୍ଯ୍ୟଦିବସରେ ପଞ୍ଜୀକୃତ ଶ୍ରମିକଙ୍କଠାରୁ ବାର୍ଷିକ ଦେୟ ଗ୍ରହଣ କରିବା ପାଇଁ ଦାବି ରହିଛି। ଏଥିସହ କରୋନା ଯୋଗୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାର୍ଷିକ ଦେୟ ପୈଠ କରି ନ ଥିବା ଶ୍ରମିକଙ୍କ ନବୀକରଣ କରିବା, ସେସ୍ ଆଦାୟକୁ କାର୍ଯ୍ୟକାରୀ କରିବା ଏବଂ ଶ୍ରମିକଙ୍କ ଉନ୍ନତି ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଘଗୁଡ଼ିକ ସହ ମିଳିତ ବୈଠକ ପାଇଁ ଦାବି ହୋଇଛି। ରାଜ୍ୟ ସରକାର ଉକ୍ତ ଦାବିଗୁଡ଼ିକୁ ଶୀଘ୍ର ପୂରଣ ନ କଲେ ସଂଘ ପଞ୍ଜୀକୃତ ୩୮ ଲକ୍ଷ ଶ୍ରମିକଙ୍କ ସମର୍ଥନରେ କୋଠାବାଡ଼ି ନିର୍ମାଣ ଶ୍ରମିକ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଏବଂ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଆଇଏନ୍‌ଟିୟୁସିର ସଭାପତି ଭବାନୀ ଶଙ୍କର ଜେନା କହିଛନ୍ତି। ଧାରଣା ଏବଂ ଶ୍ରମ କାର୍ଯ୍ୟାଳୟ ଘେରାଉ ସମୟରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏସ୍‌ଇଡବ୍ଲ୍ୟୁଏ, ଏଲ୍‌ପିଏଫ୍ ସଂଘର ସମସ୍ତ କର୍ମକର୍ତ୍ତା ଏବଂ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।

## ବନ୍ଦ ଘରୁ ଲୁଟିନେଲେ ଟଙ୍କା, ସୁନା ଅଳଙ୍କାର: ୩ ଅଟକ

### ଗୁଣପୁରରେ ପୁଣି ଚୋରି ବୃଦ୍ଧି

ଗୁଣପୁର,୭।୧୨(ଡି.ଏନ୍.ଏ.)- ଗୁଣପୁରଠାରେ କିଛି ମାସର ବ୍ୟବଧାନରେ ପୁଣି ଚୋରି ବୃଦ୍ଧି କେହି ନ ଥିବାର ସୁଯୋଗ ନେଇ ମଙ୍ଗଳବାର ରାତିରେ ଘରେ ପଶି ଟଙ୍କା ସହ ସୁନା ଅଳଙ୍କାର ଚୋରିକରି ନେଇଥିବା ଅଭିଯୋଗ ଥାନାରେ ବୁଧବାର ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ,



ପୁରୁଣା ଗୁଣପୁର ପାଇକ ସାହିର ପ୍ରଶାନ୍ତ କୁମାର ଜେନା ଏକ ବିବାହ ଭୋଜିରେ ଯୋଗ ଦେବାପାଇଁ ପରିବାର ସହ ଶନିବାର ରାଉରକେଲା ଯାଇଥିଲେ। ଏହାର ସୁଯୋଗ ନେଇ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଘର କବାଟ ଭାଙ୍ଗି ଭିତରେ ପଶିବା ସହ ଆଲମୀରା ତାଡ଼ି ୫୦ ହଜାର ଟଙ୍କା ସହ ୬ଟି କାନଫୁଲ ଏବଂ ଅନ୍ୟ କାଗଜ ପତ୍ର ନେଇ ଚାଲିଯାଇଥିବା ଅଭିଯୋଗ ହୋଇଛି। ଘରକାମ ଚାଲିଥିବାରୁ ବୁଧବାର ଘରର ମାଲିକ ଉପରକୁ ଯାଇଥିବାବେଳେ ତଳ ଘରର କବାଟ ଖୋଲାଥିବା ଦେଖିଥିଲେ। ଏହାପରେ ସେ ସାହିଲୋକ ଏବଂ ପ୍ରଶାନ୍ତଙ୍କୁ ଘଟଣା ଜଣାଇଥିଲେ। ପ୍ରଶାନ୍ତ ରାଉରକେଲାରେ ଥିବାରୁ ଘର ମାଲିକ ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ରବିନ୍ଦ୍ର ଗୌଡ଼ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନରେ ରାୟଗଡ଼ାରୁ ସନ୍ଧାନି କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏହାକୁ ନେଇ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଦୁର୍ବୃତ୍ତମାନେ ଚୋରି କରିବା ପରେ ଭଙ୍ଗାଭାଙ୍ଗି କରିବା ପାଇଁ ବ୍ୟାବହର କରିଥିବା ଜିନିଷ ପାଚେରୀ କାନ୍ଥ ଉପରେ ଛାଡ଼ି ଚାଲିଯାଇଥିଲେ। ଏହା ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ପଞ୍ଚାୟତର ବିକାଶ ଯୋଜନା ପ୍ରସ୍ତୁତି ନେଇ ଆଲୋଚନା

## ରାୟଗଡ଼ା ପଞ୍ଚାୟତ ସମିତି ବୈଠକ

ରାୟଗଡ଼ା ଅଫିସ,୭।୧୨



ରାୟଗଡ଼ା ପଞ୍ଚାୟତ ସମିତିର ପଞ୍ଚମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷା ପୁଲି ହୁଇକା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲ୍ଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା, ପଦ୍ମାବତୀ ମାଣ୍ଡାଙ୍ଗି, ସନ୍ଧ୍ୟା ପୁଲାକା, ଏମ୍‌ପିଙ୍କ ପ୍ରତିନିଧି ଏସ୍. ଜିଭିଟେଶ୍ୱର ରାଓ, ବିଧାୟକଙ୍କ ପ୍ରତିନିଧି ଦେବଗିରି ପଟ୍ଟନାୟକ, ୨୮ ସମିତି ସଭ୍ୟା/ସଭ୍ୟ ଓ ସରପଞ୍ଚ, ବ୍ଲକସ୍ତରୀୟ ସରକାରୀ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଲକ୍ଷ୍ମୀନାରାୟଣ ସାବତ, ଏବିଡିଓ କାଳୁଚରଣ ନାୟକ, ସହକାରୀ ଯନ୍ତ୍ରୀ ଏ. ସାନମୁଖା କୁମାର ପାତ୍ର ଯୋଗଦେଇ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ୨୦୨୩-୨୪ ବର୍ଷ ନିମନ୍ତେ ପଞ୍ଚାୟତର ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ୯ ତତ୍ତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ୟୁଏନ୍‌ଓ ଦ୍ୱାରା ନିର୍ଦ୍ଧାରିତ ଦୀର୍ଘସ୍ଥାୟୀ ବିକାଶ ଯୋଜନା ମାଧ୍ୟମରେ ୨୦୩୦ ସୁଦ୍ଧା ଦାରିଦ୍ର୍ୟ ଦୂରୀକରଣ ସହ ବିଶ୍ୱ ତଥା ଭୂଖଣ୍ଡକୁ ପ୍ରଦୂଷଣ ମୁକ୍ତ କରିବା, ସାମାଜିକ, ଆର୍ଥିକ ଓ ଜୈବିକ ସନ୍ତୁଳନ ହାସଲ ନିମନ୍ତେ ବ୍ଲକ ସମେତ ବିଭିନ୍ନ ବିଭାଗର ଯୋଜନାକୁ ସଙ୍ଗତିତ ଓ ସମନ୍ୱିତ କରି ଗ୍ରାମ୍ୟ ସ୍ତରରେ ଯୋଜନା ପ୍ରସ୍ତୁତ କରିବା ପ୍ରଣାଳୀ ବିଷୟରେ ବିଭାଗ ଦ୍ୱାରା ଆଲୋଚନା ହୋଇଥିଲା।

ଦୀର୍ଘସ୍ଥାୟୀ ବିକାଶ ଯୋଜନାକୁ ସଫଳ କରାଇବା ନିମନ୍ତେ ଦାରିଦ୍ର୍ୟ ଦୂରୀକରଣ ଓ ଜୀବିକା ପ୍ରଦାନ, ସ୍ୱାସ୍ଥ୍ୟ, ଶିଶୁ ସୁଲଭ ଗ୍ରାମ, ଜଳ ସମ୍ପନ୍ନ, ସ୍ୱଚ୍ଛ ଓ ସବୁଜ ଗ୍ରାମ, ସ୍ୱାବଲମ୍ବୀ ସମ୍ପଦ ସୃଷ୍ଟି, ସାମାଜିକ ସୁରକ୍ଷିତ ଗ୍ରାମ, ସୁପରିଚାଳନା ଗ୍ରାମ ଓ ମହିଳା ଏବଂ ଗ୍ରାମ ବିକାଶ ଆଦି ଲକ୍ଷ୍ୟ ନେଇ ସମସ୍ତ ବିଭାଗର ସହଯୋଗରେ କାର୍ଯ୍ୟ ଖସଡ଼ା ପାଇଁ ଯୋଜନା ପ୍ରସ୍ତୁତି ନିମନ୍ତେ ବିଷୟଭିତ୍ତିକ ଆଲୋଚନା ହୋଇଥିଲା। ଆଲୋଚନାରେ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଡିସେମ୍ବର ୯ ରେ ପ୍ରଥମ ଗ୍ରାମସଭା ଓ ଜାନୁଆରୀ ୯ ତାରିଖରେ ଦ୍ୱିତୀୟ ଗ୍ରାମସଭା ପଞ୍ଚାୟତ ସ୍ତରରେ ଆୟୋଜନ କରାଯାଇ ପଞ୍ଚାୟତ ବିକାଶ ଯୋଜନାର ପ୍ରସ୍ତୁତି ଓ ଅନୁମୋଦନ ହେବାର ଯୋଜନା ଥିବା ବିଡିଓ ଲକ୍ଷ୍ମୀନାରାୟଣ ସାବତ କହିଛନ୍ତି। ଜିପିଓ ଗୋପାଳ ପଣ୍ଡା ପୂର୍ବ ବିବରଣୀ ପାଠ କରିଥିଲେ। ଏବିଡିଓ ଧନ୍ୟବାଦ ଦେଇଥିଲେ।

## ବ୍ୟବସାୟୀଙ୍କ ମୃତଦେହ ଜବତ

ରାୟଗଡ଼ା ଅଫିସ,୭।୧୨

ରାୟଗଡ଼ା ସହର ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ନିକଟସ୍ଥ କେନ୍ଦ୍ରୀୟ ପଣ୍ୟାଗାର ପଛପାର୍ଶ୍ୱରୁ ଜଣେ ବ୍ୟବସାୟୀଙ୍କ ମୃତଦେହ ବୁଧବାର ଠାବହୋଇଛି। ସେ ହେଲେ ଟାଉନ ଥାନା ଅଧୀନ କସ୍ତୁରୀ ନଗର ୬ଷ୍ଠ ଲାଇନ୍‌ର ରମାକାନ୍ତ ପଣ୍ଡା (୫୫)। ପାରିବାରିକ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। ଘଟଣାରୁ ପ୍ରକାଶ, ରମାକାନ୍ତଙ୍କ ମୃତଦେହ ପଡ଼ିଥିବା ନେଇ ବୁଧବାର ସକାଳେ ସ୍ଥାନୀୟ ଲୋକେ ଦେଖି ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦେଇଥିଲେ। ରମାକାନ୍ତଙ୍କ ସ୍ତ୍ରୀ ଏବଂ ୨ ସନ୍ତାନ ରହିଛନ୍ତି। ସେମାନଙ୍କ କହିବା ହେଲା, ଘରୋଇ କଳହକୁ କେନ୍ଦ୍ରକରି ରମାକାନ୍ତ କେଉଁଆଡ଼େ ଚାଲିଯାଇଥିଲେ। ତେବେ ମଙ୍ଗଳବାର ରାତିରେ କୀଟନାଶକ ମିଶା ମଦ ପିଇବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହା ଆତ୍ମହତ୍ୟା ନା ଏଥିରେ ଅନ୍ୟ କୌଣସି ରହସ୍ୟ ରହିଛି ତଦନ୍ତ ଚାଲିଥିବା ପୋଲିସ କହିଛି।

# ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସ୍ମାରକପତ୍ର

ରାୟଗଡ଼ା ଅଫିସ,୭।୧୨

ରାୟଗଡ଼ା ଜିଲ୍ଲା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବୁଧବାର ଜିଲ୍ଲାପାଳଙ୍କୁ




ପ୍ରଦାନ କରାଯାଇଛି। ସମିତି ପକ୍ଷରୁ ଶାଖାର ଜିଲ୍ଲା ସଭାପତି ପ୍ରମୋଦ କୁମାର ପରିଡ଼ାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଆସି ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସପ୍ତମ ବେତନ କମିଶନ ଲାଗୁ, ପୁରୁଣା ପେନ୍‌ସନ ନୀତି ଲାଗୁ କରିବା ସମେତ ୮ ଦଫା ଦାବିନେଇ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏହି ଆନ୍ଦୋଳନ କରାଯାଇଛି। ଏହି ଅବସରରେ ରାଜ୍ୟ ସଂଘର ଉପସଭାପତି ଲୀଳାଧର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ବେଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ପାଢ଼ୀ, ସମସ୍ତ ସ୍କୁଲ ଓ କଲେଜ ପ୍ରତିନିଧି ଉପସ୍ଥିତ ଥିଲେ।

# ଆଦି ଆଦର୍ଶ ଗ୍ରାମ୍ୟ ଯୋଜନାରେ ୩୦ ପଞ୍ଚାୟତ ସାମିଲ

## ଯୋଜନା ଓ ପର୍ଯ୍ୟାଲୋଚନା କମିଟି ବୈଠକ

ମାଲକାନଗିରି, ୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କମିଟି ବୈଠକ ବୁଧବାର ଆଇଟିଡିଏ ପିଏ ତ୍ରିନାଥ ମାଝୀଙ୍କ ଅଧ୍ୟକ୍ଷତାରେ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆଦିବାସୀ ଉନ୍ନୟନ ସଂସ୍ଥା, ମଙ୍ଗଳ ବିଭାଗ, ସ୍ୱଚ୍ଛ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ବିଜୁଳି, ଶିକ୍ଷା ଆଦିବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବିଶେଷ କରି ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ୍ୟ ଯୋଜନାରେ ଜିଲ୍ଲାର ୭ ବ୍ଲକରେ ଚିହ୍ନଟ କରାଯାଇଥିବା ୩୦ ପଞ୍ଚାୟତ, ୪୧ ଗ୍ରାମରେ ବସବାସ କରୁଥିବା ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ଗ୍ରାମ ଗୁଡ଼ିକୁ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଯେଉଁ ସବୁ କର୍ଯ୍ୟର ଆବଶ୍ୟକତା ରହିଛି ତାହା କିପରି ତୁରନ୍ତ କରାଯିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥଲା। ଅଇଟିଡିଏ ପିଏ ଏହା ଉପରେ ଗୁରୁତ୍ୱ ଦେଇ ଏହିଗ୍ରାମ ଗୁଡ଼ିକର ସଂଯୋଗୀକରଣ ପାଇଁ ମୁଖ୍ୟରାସ୍ତାରୁ ଗ୍ରାମ ରାସ୍ତାକୁ ପକ୍କା କରିବା, ଗ୍ରାମରେ ବିଜୁଳି, ଗ୍ରାମବାସୀଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ, କୃଷିର ଉନ୍ନତି ପାଇଁ ତାଲିମ ସହ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ, କୃଷି ଯନ୍ତ୍ରପାତି ଯୋଗାଣ,ଏସ୍‌ଏଚ୍‌ଜିଙ୍କ ଛେଳି, କୁକୁଡ଼ା, ବତକ, ଚାଷ ସହ ଯୁବତୀ ଓ ମହିଳାଙ୍କୁ ସିଲେଇ ଶିକ୍ଷା, ଗରିବ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ବ୍ୟବସାୟ ନମନ୍ତେ ସ୍ୱଳ୍ପ ସୁଧରେ ଋଣ ଯୋଗାଇବା ଆଦି ବିଷୟରେ ଆଲୋଚନା କରାଯାଇ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଉପଖଣ୍ଡ ସ୍ତରୀୟ ଚଇତି ପାଳନ ଦାବି

ଗୁଣପୁର,୭।୧୨(ଡି.ଏନ.ଏ)

ଗୁଣପୁର ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉପଖଣ୍ଡ ସ୍ତରୀୟ ଚଇତି ଉତ୍ସବ ଇଡିତାଲ ପାଳନ କରିବାକୁ ଦାବି ହୋଇଛି। ଗୁଣପୁର ସହରର ମାନ୍ୟଗଣ୍ୟ ବ୍ୟକ୍ତି ସମେତ ରାଜନେତା ମାନେ ଉପଜିଲ୍ଲାପାଳ ଲଳିତ କୁମାର କହଁରଙ୍କୁ ଭେଟି ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନବେଳେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।


**MILK UNION SAMBALPUR**

**VEHICLE REQUIRED ON HIRE**

1. TATA ACE or similar type of vehicle required on Hire for Munikel-Jharbandh Milk Route running morning shift only covering 88 K.M.
2. Max Pick Up or similar type of vehicle required on Hire for Samasingha-Kirmira Milk Route running both morning & evening covering 162 K.M.

Interested Parties may purchase and submit Tenders by **20.12.2022.**

**Tender Paper Cost - Rs.200/-+GST**
**EMD - Rs.2,000/-**

**PARADIP PORT AUTHORITY**
**e-TENDER CALL NOTICE**

Name of the Work: **"Construction of new gates near Administrative building and Gate No-2,3 & 4 at Paradip Port."**. EMD cost: **Rs. 6,13,006/-**. Last Date & time of submission of Bid **27.12.2022 upto 17:15 Hrs.** For details please refer our website: **eprocure.gov.in/eprocure/app.**

Executive Engineer,
Harbour Works Division-III,
Paradip Port Authority.

PPA/PR/211/22-23, Dt.07.12.2022

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୨-୨୩

**ପ୍ରେସ୍ ବିଜ୍ଞପ୍ତି**
(ଇ ଏନ୍‌ଆଇଟି_ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୨-୨୩/୧୦)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ବଲଜିତପଡ଼ା (ଓଡ଼ିଶା)ଠାରେ ଆଭ୍ୟନ୍ତରୀଣ ସଡ଼କରେ ଖାଲଖମାଗୁଡ଼ିକର ମରାମତି ସହିତ ଅଫିସ୍ ବ୍ଲକ୍‌ର ପୁନଃ ନିର୍ମାଣ । | ୩୫.୭୬ | ୨୧।୧୨।୨୦୨୨ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।

**ନିର୍ବାହୀ ଯନ୍ତ୍ରୀ**

**GOVERNMENT OF ODISHA** No.O-1390
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
**Tel. 06766-258301 (O), e-mail: se_nerwkjr@rediffmail.com**

**e-Procurement Notice for Building Work**

**Identification No. Building Online NCB No. 352 | No. 2667/Date: 06.12.2022**

1. Name of the work :- **Construction of New Office Building for Chief Construction Engineer of Rural Works Circle Office at Keonjhar for the year 2022-23**
2. No. of work :- **01** (One) No.
3. Estimated Cost :- **Rs.185.66 Lakhs** (Approximately)
4. Class of Contractor (Eligible) :- **'B' & 'A' Class.**
5. Period of Completion :- **11 (Eleven) Calendar months.**
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Building Online NCB No. 352 | Dt.13.12.22 at 11.00 A.M. | Dt.27.12.22 up to 5.00 P.M. | Dt.26.12.22 up to 5.00 P.M. | Dt.28.12.22 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in

OIPR-25177/11/0029/2223 Sd./- Chief Construction Engineer, R.W. Circle, Keonjhar

**GOVERNMENT OF ODISHA** Annexure-I
**PLANNING & CONVERGENCE DEPARTMENT**
No. 16807/P., Bhubaneswar, Dated the 6th December, 2022
PC-OEII-MV-0004-2022

**CORRIGENDUM**

No. X-20:- In continuation to this Department Auction-cum-Sale Notice No.**15480/P dtd.11/11/2022**, the due date for the receipt of sealed bid documents for the auction-cum-sale of this Department Ambassador car (Diesel) bearing No. OR-02-AN-2378 is hereby extended till 12 Noon of 31.12.2022 and the bid documents shall be opened on 3rd January, 2023 at 3.30 P.M. All other terms and conditions remain unchanged.

**Sd./- Deputy Secretary to Government**
OIPR-50001/11/0008/2223

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ**
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ, ନୟାଗଡ଼, ଓଡ଼ିଶା, ୭୫୨୦୮୧
ଫୋନ୍: ୦୬୭୫୩-୨୬୦୦୬୨, ଇମେଲ୍: nacodagaon@gmail.com
ପତ୍ର ସଂଖ୍ୟା: /ଏନଏସି. ତାରିଖ:

**୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ଗ୍ରୁପ୍ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

ସଂଖ୍ୟା: 2059 ତାରିଖ 05.12.22

No.C-1783:- ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ଗ୍ରୁପ୍ ଦ୍ୱାରା ପୌର ସଂସ୍ଥାମାନଙ୍କର ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) **ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ** ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ୍ ପୋଷ୍ଟ କରିଆରେ ତା୨୦.୧୨.୨୦୨୨, ସମୟ- ପୂର୍ବାହ୍ନ ୦୫.୦୦ଟା ସୁଦ୍ଧା ପହଞ୍ଚିବା ଆବଶ୍ୟକ ।
ଟେକ୍ନିକାଲ୍ ବିଡ୍ ସମ୍ପୃକ୍ତ ପୌରସଂସ୍ଥା ସଭାଗୃହରେ ତା-୨୧.୧୨.୨୦୨୨, ସମୟ- ପୂର୍ବାହ୍ନ ୧୧.୦୦ଟାରେ ଖୋଲାଯିବ । ମୁଦା ଲଫାପା ଉପରେ **"୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ଗ୍ରୁପ୍ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)"** ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ ।
ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ମିଳିପାରିବ ।

**http://www.odagaonnac.in**

ସ୍ୱା./- ନିର୍ବାହୀ ଅଧିକାରୀ
OIPR-13142/11/0020/2223 ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ

**OFFICE OF PANCHAYAT SAMITI, SADAR, KEONJHAR**
**BID IDENTIFICATION No.: TCN No.-06/Sadar/2022-23**
**Notice No. 4783/DEV/ Dt.06.12.2022**

**No. i-259:-** The **Block Development Officer, Sadar, Keonjhar** invites sealed Percentage Rate tenders in single cover system on behalf of Governer of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD/ (R&B)/ Water Resources/Rural Works/MI/CPWD for the following works eventually to be drawn up in the P.W.D P-1 Agreement form in conformity with the Detailed Tender Call Notice.

| Sl. No. | Name of the Work | Estimated cost put to Tender (In Rs.) |
|---|---|---|
| 01 | Construction of Two Nos. of Additional class room at Mahalaxmi High School, Padmapur GP. | 2026675.00 |

The tender papers (including Tender Call Notice, Approved Tender Schedule & DTCN) will be available in the official website **http//:www.kendujhar.nic.in** from **Dt.07.12.2022** to **16.12.2022 up to 5.00 PM** and can be downloaded from the website.

Bids shall be received by this Agency up to **5.00 PM on date 16.12.2022** through Registered Post/Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.

The Bid will be opened on **Dt. 17.12.2022 at 11.00 A.M.** in the office of the undersigned in the presence of the members of the District Level Tender/Purchase Committee and the bidders or their authorised representatives. If the office happens to be closed on the date of receipt / opening of the bids as specffied, above will be received / opened on the next working day at the same time and venue.

**Sd./- Block Development Officer, Sadar, Keonjhar**
OIPR-19123/11/0013/2223

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**Enquiry of quotation for Supply, installation and commissioning of Projector System at NLUO, Cuttack**

Sealed quotations in prescribed format are invited by the undersigned from interested and eligible bidders for **"Purchase of miscellaneous items for the IT department of NLUO"**. Last Date of receipt of quotation is **13-12-2022**. For details please visit: **www.nluo.ac.in**.

**Sd/- Registrar**

**GOVT. OF ODISHA** No. O-1392
**OFFICE OF THE SUPERINTENDING ENGINEER**
**RURAL WORKS DIVISION No.II, KEONJHAR**
E-mail: eerw_kjr2@yahoo.com
**e-Procurement Notice for Road Works**
**Identification No. Online NCB-10/2022-23**

1. Name of the Work : 02 Nos. Road Works
2. Total Number of Work : 02 Nos.
3. Estimated Cost : Rs.25.17 Lakhs to Rs.29.37 Lakhs
4. Class of Contractor : 'C' & 'B'
5. Period of Completion : 2 (Two) Calendar Months.
6. Other details :

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No.-II, Keonjhar | Road Works Online N.C.B. 10/2022-23 | Dt. 12.12.2022 at 02.00 PM | Dt. 22.12.2022 up to 5.00 PM | Dt. 23.12.2022 at 11.30 AM |

Further details can be seen from the Website **www.tenderorissa.gov.in**

**Sd./- Superintending Engineer, R.W. Divn. No.-II, Keonjhar**
**OIPR-25093/11/0012/2223**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE EXECUTIVE DIRECTOR, CENTRAL ZONE, BHUBANESWAR
CIN:U40102OR2004SGC007553
Lifeline of Odisha

No./**Sr.GM (TP&C/Publication/Gaz/08/(Vol.V)/2318** Dated:**02.12.2022**

**NOTIFICATION** No.CAD-4032

In accordance with Section-164 of Indian Electricity Act,2003 and in exercise of the power conferred upon OPTCL vide Department of Energy, Government of Odisha Order No:R&R-II-10\2006\2353, dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution are published for general information. This will facilitated the uninterrupted power supply to the villagers' covers under the Tahasil of Danagadi, Sukinda, Dharmasala, Darpan, Bari, Kendrapara, Mahakalpara, Marshghai, Kujanga, Tritol, Erasama, Balikuda command area & overall developement of Odisha State in general. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Executive Director, Central Zone, Bhubaneswar, OPTCL, (1st Floor) Multi Storied Building, Bhoinagar, Bhubaneswar-751022 within two months from the date of publication of this notification. Full Details of the scheme and plan may be seen in the office of the DGM(Elect), EHT(Const.) Division, Cuttack on any working day during office hours.

**Name of the Work:-** Construction of revised route from Loc no-182 to Loc no-278 of 400kV DC line from 400/220kV grid substation, New Duburi to proposed 400/220kV GIS Sub Station, Paradeep at Erasama.

**Name of the Village in which the line will pass**:

**Tahasil:-** Kendrapada, R.I Circle: Nikirai, Revenue Village: Charpara, Paikarapur, Mathasahi; R.I Circle: Dihamugabari, Revenue Village: Jamara; R.I Circle: Kora, Revenue Village: Tanar, Pingal, Gaidua, Koro, Koromirjapur, R.I Circle: Baro, Revenue Village: Uchharparararaypur, Baro, Itipur, Ghidia; R.I Circle: Sahaspur, Reveune Village: Ender, Kankdia, Chandanpur, Chandiapali; R.I Circle: Era, Revenue Village: Era, Kanheipur; R.I Circle: Ayeba, Revenue Village: Kanipada. **Tahasil:** Marshaghai, R.I Circle: Nembara, Revenue Village: Nembara, Balia; R.I Circle: Palaspur, Revenue Village: Dasipur; R.I Circle: Dumuka, Revenue Village: Giranga. **Tahasil:** Mahakalapara, R.I Circle: Alailo, Revenue Village: Gobindpur, Manatiri.

Sd/- Jayanta Kumar Senapati
Executive Director,Central Zone, Bhubaneswar
FIPR-55/2022-23 OIPR-04011/11/0138/2223

## ଜୟପୁରରେ ଅବକାରୀ ଚଢାଉ, ୪ ଗିରଫ

ଜୟପୁର,(ନି.ପ୍ର.)- ଜୟପୁରରେ ଅବକାରୀ ଚଢାଉ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ଘାଟବାଗ୍ରା ଓ ଧନପୁରରେ ଚଢାଉ କରି ଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଠାରୁ ୭୫ ଲିଟର ଦେଶୀ ମଦ ସହ ବାଇକ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ୧୦ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୭।୧୨(ବି.ପ୍ର.)- ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ୮ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ବୁଧବାର ନବରଙ୍ଗପୁର ଜିଲା ଦୌରା ଜଜ୍ ସଞ୍ଜୀବ ଦୂବେ କୋଷାଗୁମୁଡା ଥାନା ଅଞ୍ଚଳର ସୁଧୀର ହରିଜନଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟ କ୍ଷେତ୍ରରେ ଆହୁରି ଏକ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଗତ ଜାନୁୟାରୀ ୨୬ରେ ଅଭିଯୁକ୍ତ ଜଣେ ବିବାହିତା ମହିଳାଙ୍କ ପାଟି ବନ୍ଦ କରି ତାଙ୍କୁ ବଳାତ୍କାର କରିଥିଲେ। ଜାନୁୟାରୀ ୨୭ରେ ମହିଳାଙ୍କ ପରିବାର ଲୋକେ କୋଷାଗୁମୁଡ଼ା ଥାନାରେ ଏକ ଏତଲା ଦେଇଥିଲେ। ଏତଲା ଆଧାରରେ କେସ ନଂ ୨୦/୨୨ରେ ଏକ ମାମଲା ରୁଜୁ କରି ସୁଧୀର ହରିଜନଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିବା ବେଳେ ବୁଧବାର ଜେଲକୁ ପଠାଇ ଦିଆଯାଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ମାମଲା ପରିଚାଳନା କରିଥିଲେ ।

## ପରବ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା

କୋରାପୁଟ,୭।୧୨(ସ୍ୱ.ପ୍ର.)-ପରବ ଉପଲକ୍ଷେ କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବକ୍ତୃତା, ପ୍ରବନ୍ଧ, କୁଇଜ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି, ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି, ଡିଇଓ ରାମଚନ୍ଦ୍ର ନାହାକ ଏବଂ ବିଇଓ ଶ୍ରୀକାନ୍ତ ଜାନୀ ଉପସ୍ଥିତ ଥିଲେ। ବକ୍ତୃତା, ପ୍ରବନ୍ଧ ଓ କୁଇଜ୍‌ରେ ଜିଲାରୁ ୮୯ ଜଣ ଛାତ୍ରୀ ଛାତ୍ର ଭାଗ ନେଇଥିଲେ। ମୀନା ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଯଶନ ବେନ୍ୟା, ଶିଶିର ପାତ୍ର, ପ୍ରଦୀପ ପାତ୍ର, ଭାବେଶ ପତି, ଗଜାନୀ ଚନ୍ଦ୍ରଶେଖର, ପ୍ରିୟ ଦାସ, ହର ମିଶ୍ର, ରମେଶ ସାହୁ, ଧରଣୀଧର ରଣା, ସୁବୋଧ ମାଝୀ, ଜ୍ୟୋତି ପାଢ଼ୀ, ତ୍ରିଲୋକେଶ୍ ପଣ୍ଡା,ସୂର୍ଯ୍ୟ ବେହେରା ସହଯୋଗ କରିଥିଲେ।

## ଜୟପୁରରେ ନିଯୁକ୍ତି ମେଳା




ଜୟପୁର, ୭।୧୨(ନି.ପ୍ର.)- ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ନିଯୁକ୍ତି ମେଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ରାଜୀବ ଦାସ ଜିଲା ଶ୍ରମ ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ଉପସ୍ଥିତ ଥିଲେ। ନିଯୁକ୍ତି ମେଳାରେ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଓ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣରେ ସୁଯୋଗ ମିଳିଛି।

## ନାବାଳିକା ଅପହରଣ ମାମଲାରେ ଯୁବକ ଥାନାରେ ଅଟକ

ଚନ୍ଦାହାଣ୍ଡି, ୭।୧୨ (ଡି.ଏନ୍.ଏ.)- ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ ଅଭିଯୋଗରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଜାମପଡା ଗ୍ରାମର ବିଶ୍ୱମ୍ଭର ଭୈସାଲ(୨୩)ଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଛତିଶଗଡ଼ରୁ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଛି। ଗୁରୁବାର ନାବାଳିକାଙ୍କ ବୟାନ ରେକର୍ଡ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ଥାନା କେସ ନଂ ୧୫୨/୨୨ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଭାର ଏସ୍.ଆଇ ଖଗେଶ୍ୱର ଖୋସଲାଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ନାୟକ କହିଛନ୍ତି। ବିଶ୍ୱମ୍ଭର ଜଣେ ନାବାଳିକାଙ୍କୁ ଦୀର୍ଘ ଦିନ ହେବ ପ୍ରେମ କରି ଆସୁ ଥିଲେ। ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ବିବାହକୁ ସାମାଜିକ ସ୍ୱୀକୃତି ନ ମିଳିବା ଆଶଙ୍କାରେ ବିଶ୍ୱମ୍ଭର ୨୮ ତାରିଖରେ ନାବାଳିକାଙ୍କୁ ଅପହରଣ କରି ନେଇଯାଇଥିଲେ। ନାବାଳିକାଙ୍କୁ ନ ପାଇ ତାଙ୍କ ପରିବାର ଲୋକେ ଚନ୍ଦାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବିଶ୍ୱମ୍ଭର ନାବାଳିକାଙ୍କୁ ଅପହରଣ କରି ପଡୋଶୀ ଛତିଶଗଡ ରାଜ୍ୟ ଇନ୍ଦାଗାଁ ଥାନା ଅଧୀନ ଶଗଡା ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରେ ରଖିଥିବା ଖବରପାଇ ଚନ୍ଦାହାଣ୍ଡି ପୋଲିସ ବୁଧବାର ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଧାର କରିଥିଲା।

# ୫ବର୍ଷରେ ଦୈନିକ ୧ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ ଲକ୍ଷ୍ୟ

**ଦୁଗ୍ଧ ଉତ୍ପାଦକ ସଂଘ ବୈଠକ**

ଜୟପୁର, ୭।୧୨(ନି.ପ୍ର.)

କୋରାପୁଟ ମାଲକାନଗିରି ନବରଙ୍ଗପୁର ରାୟଗଡ଼ା ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ଜୟପୁରର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟପୁରସ୍ଥିତ ଆମ୍ରା ସଭାଗୃହରେ ଆଞ୍ଚଳିକ ଦୁଗ୍ଧ ସଂଘ ସଭାପତି ଅନୁପ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୧୪ତମ ପରିଚାଳନା ପରିଷଦ ବୈଠକରେ ଓମ୍‌ଫେଡ୍ ପକ୍ଷରୁ ବିଶ୍ୱରଞ୍ଜନ ତ୍ରିପାଠୀ ଓ କୋରାପୁଟର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରବିନାରାୟଣ ପଣ୍ଡା, ସଂଘ ଜୁନିୟର ମ୍ୟାନେଜର କୁନି ରାଉତ, ପ୍ରୋକ୍ୟୁରମେଣ୍ଟ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଆକାଉଣ୍ଟାଣ୍ଟ ପ୍ରକାଶ ମିଶ୍ରଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର ପରିଚାଳନା ପରିଷଦର ସମସ୍ତ




ବୈଠକରେ ଉପସ୍ଥିତ ଅତିଥିମାନେ ।

ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ଦୁଗ୍ଧ ବୃଦ୍ଧି ନିମନ୍ତେ ସଂଘ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଛି। ଦୁଗ୍ଧ ସଂଗ୍ରହ ବଢ଼ାଇବା ପାଇଁ ଦୁଗ୍ଧ ସମବାୟ ସମିତି ଓ କ୍ଷେତ୍ର ପରିଚାଳକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ନେଇ ବୈଠକରେ ଆଲୋଚନା କରାଯାଇଛି। ଏଥିସହ ବନ୍ଦ ହୋଇ ଯାଇଥିବା ଦୁଗ୍ଧ ସମବାୟ ସମିତିର ପୁନରୁଦ୍ଧାର କରାଯିବା ସହ ଓ ଅଧିକରୁ ଅଧିକ ସଂଖ୍ୟକ ଦୁଗ୍ଧଚାଷୀଙ୍କୁ ସମିତି ସହ ଅନୁବନ୍ଧିତ କରାଯିବାକୁ ଆଲୋଚନା ହୋଇଛି। ଦୁଗ୍ଧ ସମିତି ଅଞ୍ଚଳରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର, ବାକିଥିବା ବ୍ଲକଗୁଡ଼ିକରେ ଦୁଗ୍ଧସଂଘର କାର୍ଯ୍ୟ ପରିସର ବୃଦ୍ଧି, ୨ରୁ ୩ ମାସ ଭିତରେ ଦୈନିକ ଦୁଗ୍ଧ ସଂଗ୍ରହ ପରିମାଣ ୧୨ରୁ ୨୦ ହଜାର ଲିଟରକୁ ବୃଦ୍ଧି କରିବାକୁ ଆଲୋଚନା ହୋଇଛି। ୫ ବର୍ଷ ଭିତରେ ଦୈନିକ ୧ ଲକ୍ଷ ଲିଟରରେ ଦୁଗ୍ଧ ସଂଗ୍ରହ କରାଯିବ ବୋଲି ସଭାପତି ଅନୁପ ପାତ୍ର ସୂଚନା ଦେଇଛନ୍ତି। ଦୁଗ୍ଧ ସଂଘ ଅଧୀନରେ ବର୍ତ୍ତମାନ ୨୪୦ ଦୁଗ୍ଧ ସମବାୟ ସମିତି ରହିଛି। ସଂଘରେ ୧୧ ହଜାର ୭୭୬ ଦୁଗ୍ଧଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରୁ ୨ହଜାର ୩ ଶହ ଜଣ ଚାଷୀ ସଂଘକୁ ଦୁଗ୍ଧ ପ୍ରଦାନ କରୁଛନ୍ତି। ସଂଘ ଅଧୀନରେ ୩୫ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ରହିଛି। ବର୍ତ୍ତମାନ ୪ଟି ଜିଲାରୁ ଦୈନିକ ହାରାହାରି ୧୨ ହଜାରରୁ ୧୫ ହଜାର ଲିଟର ଦୁଗ୍ଧ ସମବାୟ ସମିତି ଜରିଆରେ ସଂଗ୍ରହ କରି ଜୟପୁରଠାରେ ଥିବା ଓମ୍‌ଫେଡ୍ ଡେରୀକୁ ପଠାଯାଉଛି। ପ୍ରତି ୧୦ ଦିନରେ ଥରେ ଚାଷୀଙ୍କୁ ଦୁଗ୍ଧର ମୂଲ୍ୟ ବ୍ୟାଙ୍କ ଜମା ଖାତା ଜରିଆରେ ପ୍ରଦାନ କରାଯାଉଥିବା ସୂଚନା ମିଳିଛି। ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ହେମନ୍ତ କୁମାର ଓଝା ସଭା ପରିଚାଳନା କରିଥିଲେ।

## ମୃତକଙ୍କ ସ୍ତ୍ରୀଙ୍କୁ ମିଳିଲା ୨ଲକ୍ଷର ବୀମାରାଶି

ଦଶମନ୍ତପୁର, ୭।୧୨(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତସ୍ଥିତ ଡ଼କାମରା ଗ୍ରାମର ସ୍ୱର୍ଗତ କେତନ ପରଜାଙ୍କ ସ୍ତ୍ରୀଙ୍କୁ ଷ୍ଟେଟ ବ୍ୟାଙ୍କ ସେବା ପକ୍ଷରୁ ପ୍ରଥମ କରି ବିମାରାଶି ମଧ୍ୟରୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। କେତନ ପରଜା ଏସ୍‌ବିଆଇ ଦଶମନ୍ତପୁର ଶାଖାରେ ଜମାଖାତା ଖୋଲି ବାର୍ଷିକ ୩୩୦ ଟଙ୍କାର ଜୀବନ ବୀମା ରାଶି ଜମା କରୁଥିଲେ। ଏହାର ୩ମାସ ମଧ୍ୟରେ ଅଜଣା ରୋଗରେ ଏହି କେତନଙ୍କ ମୃତ୍ୟୁ ହୋଇଯାଇଥିବା ତାଙ୍କ ସ୍ତ୍ରୀ ସୁଲୋଚନା କହିଛନ୍ତି। ବାର୍ଷିକ ଜୀବନ ବୀମା ରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନିୟମାନୁଯାୟୀ, ମୃତ୍ୟୁର ପ୍ରମାଣ ପତ୍ର ସହ ଅନ୍ୟ ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ କରିବାପରେ ବ୍ୟାଙ୍କ ପକ୍ଷରୁ କେତନଙ୍କ ନୋମିନି ଥିବା ସ୍ତ୍ରୀ ସୁଲୋଚନାଙ୍କୁ ୨ ଲକ୍ଷ ଟଙ୍କାର ଜୀବନ ବୀମା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଅଧିକାରୀ ସାଲେନ କିଶୋର ମିଞ୍ଜ ଓ କର୍ମଚାରୀଙ୍କ ଉପସ୍ଥିତରେ ଦଶମନ୍ତପୁର ବିଡ଼ିଓ ଡମ୍ବୁରୁ ଧର ମଲ୍ଲିକ ସୁଲୋଚନାଙ୍କୁ ଏହି ବୀମାରାଶି ପ୍ରଦାନ କରିଥିଲେ।

# ଶ୍ରମ ଅଫିସ୍ ଘେରିଲେ, ବିକ୍ଷୋଭ ପ୍ରଦର୍ଶନ କଲେ

ଜୟପୁର/ନବରଙ୍ଗପୁର, ୭।୧୨(ନି.ପ୍ର./ବି.ପ୍ର.)

କୋରାପୁଟ ଜିଲାର କୋଠାବାଡ଼ି ନିର୍ମାଣ କରୁଥିବା କୁଲି ମିସ୍ତ୍ରି ଓ ଅନ୍ୟ କାରିଗରମାନଙ୍କ ମିଳିତ ସଂଘ ସଦସ୍ୟମାନେ ସ୍ଥାନୀୟ ଶ୍ରମ ଅଫିସ ଘେରାଉକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଆଇଟିୟୁସି,ଟିୟୁସିସି,ଏଆଇୟୁଟିୟୁସି, ବିଶ୍ୱକର୍ମା ନିର୍ମାଣ ସଂଘ ଓ ଅନ୍ୟ ନିର୍ମାଣ ସଂଘ ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ଜୟପୁର ରାଜନଅର ଛକରୁ ବାହାରି ସହର ପରିକ୍ରମା କରି ଶ୍ରମ ବିଭାଗ ଅଫିସରେ ପହଞ୍ଚିଥିଲେ। ସେଠାରେ ଏଆଇଟିୟୁସି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କୋଠାବାଡ଼ି ନିର୍ମାଣ ବୋର୍ଡ ଆଇନ ଭିତରେ ଅନ୍ୟ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ସାମିଲ କରିବାକୁ ବିରୋଧ କରିଛି ସଂଘ। ଅନ୍‌ଲାଇନ ଓ ଅଫ୍ ଲାଇନ ଉଭୟ ବ୍ୟବସ୍ଥା ଚାଲୁ ରଖି ରେଜିଷ୍ଟ୍ରେଶନ, ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରି ସବୁ ଆବେଦନକୁ ଯାଞ୍ଚକରି ତୁରନ୍ତ କାର୍ଡ ଦେବା, ନିର୍ମାଣ ଶ୍ରମିକଙ୍କ ବିବାହ, ଶିକ୍ଷା, ଦେହାନ୍ତ ଓ ଚିକିତ୍ସା ସହାୟତା ତୁରନ୍ତ ଦେବାକୁ ଦାବି ହୋଇଛି। କରୋନା ମହାମାରୀ ପାଇଁ ୩ବର୍ଷରୁ ଊର୍ଦ୍ଧ୍ୱ ନବୀକରଣ କରି ନ ଥିବା ଶ୍ରମିକଙ୍କୁ ପୁଣି ଥରେ ସୁଯୋଗ ଦେବା ଏବଂ ନିର୍ମାଣ ଶ୍ରମିକ ବୋର୍ଡ ବୈଠକ ଡକାଯାଇ ଯେଉଁ ସମସ୍ୟା ଅଛି ତାହାର ସମାଧାନ କରିବାକୁ ଦାବି ହୋଇଛି। ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏଲ୍‌ଓଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଯୁଧିଷ୍ଠିର ରାଉଳ, ଶମ୍ଭୁନାଥ ମହାନ୍ତି, ସୂର୍ଯ୍ୟ ବିଷୋୟୀ, ଉତ୍ତମ ମଲ୍ଲିକ, ଉପେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭା ଓ ରାଲିର ନେତୃତ୍ୱ ସତ୍ୟବ୍ରତ ନନ୍ଦ, ରାମକୃଷ୍ଣ ଦାସ, କାହ୍ନୁ ଚରଣ ବାରିକ, ସୁବାସ ଭଟ୍ଟାଚାର୍ଯ୍ୟ ଓ ନନ୍ଦ ହରିଜନ ପ୍ରମୁଖ ନେଇଥିଲେ।



ନବରଙ୍ଗପୁରରେ ସଂଘ ପକ୍ଷରୁ ଜିଲା ଶ୍ରମ ବିଭାଗ ମୁଖ୍ୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ସେହିଭଳି ନବରଙ୍ଗପୁରରେ ଜିଲା ରାଜମିସ୍ତ୍ରୀ ମହା ସଙ୍ଘ ଓ ଓଡ଼ିଶା କୋନଷ୍ଟ୍ରକ୍ସନ୍ ୱାର୍କସ ୟୁନିୟନ୍ ପକ୍ଷରୁ ଜିଲା ସଭାପତି ବିପିନ ନାଗ, ଜିଲା ଉପସଭାପତି ଫାଲଗୁନି ଟାକ୍ରି, ସମ୍ପାଦକ ପର୍ଶୁ ନାୟକ, ସହ ସମ୍ପାଦକ ରାଜେଶ୍ ଜାନି, କୃପା ପାତ୍ର ଗରଡା , ସୁଜିତ୍ ହିଆଲ୍, ସାହିଲ୍ , କମଲଚନ୍ ମାଝି, ନରସିଂହ ନାୟକ, ଲଳିତ ଭତ୍ରା , ଦୀଙ୍ଗର୍ ନାୟକ ଓ ସୁନ୍ଦର କନ୍ଧପାନ ପ୍ରମୁଖ ଜିଲା ଶ୍ରମବିଭାଗ ମୁଖ୍ୟ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।

# ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟିଥିବା ଅଭିଯୁକ୍ତ ଗିରଫ

ଉମରକୋଟ, ୭।୧୨(ସ୍ୱ.ପ୍ର.)

ଏଟିଏମ୍ କାର୍ଡ ବଦଳାଇ ଲୋକଙ୍କ ଟଙ୍କା ଲୁଟି ନେଉଥିବା ଜଣେ ଲୁଟେରାଙ୍କୁ ଉମରକୋଟ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଚନ୍ଦାହାଣ୍ଡି ଥାନା ଅଧୀନ ପୂଜାରିଗୁଡା ଗ୍ରାମର ଚଇତନ ନାଗ (୨୬)। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଚନ୍ଦାହାଣ୍ଡିରୁ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ୪ଟି ନକଲି ଏଟିଏମ୍ କାର୍ଡ, ନଗଦ ୧୦ ହଜାର ଟଙ୍କା, ବ୍ୟାଙ୍କ ପାସ୍ ବୁକ୍, ଗୋଟାଏ ମୋବାଇଲ ଓ ବାଇକ୍ (ଓଡ଼ି-୦୮କ୍ୟୁ-୩୪୫୧)କୁ ଜବତ କରାଯାଇଛି ବୋଲି ବୁଧବାର ଉମରକୋଟ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ କୁମାର ଶବର ଓ ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଚଇତନଙ୍କ ନାମରେ ପଡୋଶୀ ଛତିଶଗଡର ଦେଓଭୋଗ ଥାନାରେ ଗଞ୍ଜେଇ ମାମଲା ରହିଥିବା ସହ କଳାହାଣ୍ଡିର ଜୁନାଗଡ଼ ଥାନାରେ ୪ଟି ଅପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଚଇତନ ଏଟିଏମ୍ କାଉଣ୍ଟରରେ ଛିଡ଼ା ହୋଇ ଲୋକଙ୍କ ପିନ୍ ନୀରିକ୍ଷଣ କରୁଥାଏ। ବୃଦ୍ଧ କିମ୍ବା ନ ଜାଣିବା ଲୋକେ ତାଙ୍କୁ ଟଙ୍କା କାଢ଼ିବାରେ ସହାୟତା ମାଗିବା କ୍ଷଣି ସେ ଚାଲାକି କରି ଏଟିଏମ୍ କାର୍ଡ ବଦଳାଇ ଦେଇ ଟଙ୍କା ବାହାରୁନାହିଁ କହି ଚାଲି ଯାଆନ୍ତି। ପରେ ଅନ୍ୟ ଏକ ଏଟିଏମ୍‌ରୁ ଟଙ୍କା ଉଠାଇ ଥାଆନ୍ତି ବୋଲି ପୋଲିସ କହିଛି। ସୂଚନାନୁଯାୟୀ, ନଭେମ୍ବର ୪ରେ ଉମରକୋଟ ସହରର ୱାର୍ଡ ନ ୪ ଟିକିରା ସାହିର ଅବସର ପ୍ରାପ୍ତ ଶିକ୍ଷକ ଏସ୍. କେ ହୁସେନଙ୍କୁ ଅନୁରୂପ ପ୍ରକାରେ ଠକିଥିଲେ। ହୁସେନ ଘଟଣା ସମ୍ପର୍କରେ ତାଙ୍କ ପୁଅକୁ ଜଣାଇବା ପରେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆକାଉଣ୍ଟ ଷ୍ଟେଟମେଣ୍ଟ ଯାଞ୍ଚ କରିବା ପରେ ଚୋର ଡିସିବି ବ୍ୟାଙ୍କ ଏଟିଏମ୍‌ରୁ ୫୦ହଜାର ଟଙ୍କା ଉଠାଇଥିବା ଜଣାପଡିଥିଲା। ଥାନା ଅଧିକାରୀ ବ୍ୟାଙ୍କକୁ ଯାଇ ୪ ତାରିଖର ସିସିଟିଭି ଫୁଟେଜ ଯାଞ୍ଚ କରି ଚଇତନ ଅଭିଯୁକ୍ତ ବୋଲି ଜାଣିବାକୁ ପାଇଥିଲେ।

## ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଗ୍ରହଣ କଲେ ଡାକ୍ତର

କୁନ୍ଦୁଗୁଲୁଗୁମ୍ମା,୭।୧୨(ଡି.ଏନ୍.ଏ.)

କୁନ୍ଦୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ଷଡ଼ଙ୍ଗୀ ବୁଧବାର ନିଜ ଜନ୍ମଦିନରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ନୂଆଗୁଡ଼ା ଅଞ୍ଚଳର ଯକ୍ଷ୍ମାରୋଗୀ ମୋତି ଗୋଲାରୀ(୬୦)ଙ୍କୁ ଡାକ୍ତର ପୋଷ୍ୟ ଗ୍ରହଣକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୬ ମାସ ପର୍ଯ୍ୟନ୍ତ ଡାକ୍ତର ମୋତିଙ୍କ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ଧ୍ୟାନ ରଖିବେ। ଏଥିସହ ତାଙ୍କର ପୁଷ୍ଟିକର ଆହାର ପାଇଁ ସମସ୍ତ ଖର୍ଚ୍ଚ ନିଜେ ବହନ କରିବେ ବୋଲି



କହିଛନ୍ତି। ପୁଷ୍ଟିକର ଖାଦ୍ୟ ସାମଗ୍ରୀ ମଧ ପ୍ରଦାନ କରିଛନ୍ତି। ଯକ୍ଷ୍ମାକୁ ଭାରତରୁ ମୂଳୋତ୍ପାଟନ ପାଇଁ ନିଜକୁ 'ନିକ୍ଷୟ ମିତ୍ର' ଯୋଜନାରେ ସାମିଲକରି ଏଭଳି ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ନିୟୋଜିତ ହେବା ସହ ଜଣେ ଜଣେ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଗ୍ରହଣ କରିବା ପାଇଁ ଡା. ଷଡ଼ଙ୍ଗୀ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।

## ସ୍ୱାମୀଙ୍କ ନିର୍ଯାତନା ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ

ମାଲକାନଗିରି,୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଏମ୍‌ପିଭି ୮୨ ଗ୍ରାମର ଜଣେ ମହିଳା ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ କରି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ନିର୍ଯାତନା ଦେବା ସହ ଅନ୍ୟଜଣେ ସ୍ତ୍ରୀଙ୍କ ସହ ରହୁଥିବା ଅଭିଯୋଗ କରି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀ ମହିଳା ହେଲେ ସୁପ୍ରିୟା ବେପାରୀ। ଏମ୍‌ଭି ୧୪ ଗ୍ରାମର ସୁପ୍ରିୟା ୨୦୧୭ ରେ ଏମ୍‌ପିଭି ୮୨ ଗ୍ରାମର ଅଶୋକ ବିଶ୍ୱାସଙ୍କ ସହ ବିବାହ କରିଥିଲେ। ତେବେ କିଛି ମାସ ପରେ ଅଶୋକ ସୁପ୍ରିୟାଙ୍କ ଠାରୁ ଦୂରେଇ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଏହା ପରଠାରୁ ସୁପ୍ରିୟା ସ୍ୱାମୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ପୂର୍ବରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ସମସ୍ୟାର ସମାଧାନ ନ ହେବା ଏବଂ ନିର୍ଯାତନା ପୂର୍ବଭଳି ଜାରି ରହିଥିବାରୁ ବୁଧବାର ସେ ନ୍ୟାୟ ଦାବିରେ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନିଙ୍କ ଦାରସ୍ଥ ହୋଇଥିଲେ।

# କୋଟିଆ ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟକୁ ପୁଣି ଚାଲିଲା ବସ୍

**ଛାତ୍ରାବାସ ଖୋଲିବାକୁ ଅଭିଭାବକଙ୍କ ଦାବି**

ପଟ୍ଟାଙ୍ଗୀ, ୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ ତଥା ପଡୋଶୀ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମ ନିକଟରେ ଥିବା ସ୍ୱତନ୍ତ୍ର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଜିଲା ପ୍ରଶାସନ ନାଲ୍‌କୋ ସହଯୋଗରେ ପୁଣି ବସ୍ ସେବା ଆରମ୍ଭ କରିଛି। ବିଦ୍ୟାଳୟର ୬୮ ପିଲାଙ୍କ ମଧ୍ୟରୁ ଏବେ ପ୍ରାୟ ୪୦ ଛାତ୍ରୀଛାତ୍ର ଏହି ବସ୍‌ରେ ଯାତାୟତ କରୁଛନ୍ତି।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପଢୁଥିବା ୬୮ ଛାତ୍ରୀଛାତ୍ରଙ୍କ ପାଇଁ ଗତ ଜୁଲାଇ ୮ରେ ନାଲ୍‌କୋ ସହଯୋଗର ଏକ ବସ ସେବା ଆରମ୍ଭ କରା ଯାଇଥିଲା। ଉକ୍ତ ସମ୍ବରେ ୩ ମାସ ଭିତରେ ପିଲାଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବାର ଥିଲା। ତେଣୁ ଏହି ୩ ମାସ ପର୍ଯ୍ୟନ୍ତ ପିଲାଙ୍କ ସୁବିଧା ପାଇଁ ଜିଲା ପ୍ରଶାସନ ଓ ନାଲ୍‌କୋ ମଧ୍ୟରେ ଚୁକ୍ତି ହୋଇ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଉକ୍ତ ଚୁକ୍ତି ଅନୁଯାୟୀ ୩ମାସ ପରେ ସ୍କୁଲକୁ ବସ୍ ସେବା ବନ୍ଦ ହୋଇଥିଲା। ଏହାପରେ 'ଧରିତ୍ରୀ'ରେ ଅକ୍ଟୋବର ୧୨ରେ ଏ ନେଇ ଏକ ଖବର ପ୍ରକାଶ କରାଯାଇଥିଲା। ଏହାପରେ ଜିଲା ପ୍ରଶାସନ ନାଲ୍‌କୋ ସହ କଥା ହୋଇ ଏକ ଚିଠି କରିଥିଲେ। ଯେପର୍ଯ୍ୟନ୍ତ ବିଦ୍ୟାଳୟରେ ହଷ୍ଟେଲ ସେବା ଆରମ୍ଭ ହୋଇନାହିଁ ସେ ପର୍ଯ୍ୟନ୍ତ ବସ ଚଳାଇବାକୁ ନାଲ୍‌କୋକୁ ଜିଲା ପ୍ରଶାସନ ଚିଠି କରି ଜଣାଇଥିଲେ। ଯାହାକୁ ନେଇ ନାଲ୍‌କୋ ବସ ସେବା ଚାଲୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ଦୀର୍ଘ ୪୯ ଦିନ ପରେ ପୁଣି ବସ ସେବା ଆରମ୍ଭ ହୋଇଛି। ଏହା ୧ବର୍ଷ ପର୍ଯ୍ୟନ୍ତ ଚାଲିବ। ବସ୍‌ଟି ପୂର୍ବଭଳି କୁନ୍ଦୁଲି ସାପ୍ତାହିକ ହାଟରୁ ବାହାରି ସ୍କୁଲ ପର୍ଯ୍ୟନ୍ତ ଯିବ। କିନ୍ତୁ ସାଲିମପଦର, ତଳ ପନିକି, ଉପର ପନିକି, ଗାଲିଗାବଦାର ଏବଂ ସିପାଇପୁଟ ଗ୍ରାମ ଦେଇ ବସ୍‌ଟି ଯାଉ ନ ଥିବାରୁ ୨୦ ଛାତ୍ରୀଛାତ୍ର ଏହି ସେବା ପାଇବାରୁ ଏଥିରୁ ବଞ୍ଚିତ ହେଉଛନ୍ତି। ସେମାନେ ସ୍କୁଲକୁ ଯାଉ ନାହାନ୍ତି। ଆମ ପିଲାମାନଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଉ ବୋଲି ଉପରୋକ୍ତ ୫ ଗାଁର ପିଲାଙ୍କ ଅଭିଭାବକମାନେ କହିଛନ୍ତି। ଏ ନେଇ ସ୍କୁଲ ଅଧକ୍ଷ ମାନସ ହେମ୍ବ୍ରମ୍‌ଙ୍କୁ ପଚାରିବାରୁ ଛାତ୍ରୀ ନିବାସ ପାଇଁ ପ୍ରକ୍ରିୟା ଆରମ୍ଭ ହେଲାଣି ବୋଲି ସେ କହିଛନ୍ତି। ଛାତ୍ରାବାସ ପାଇଁ ଯଦି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବ ତାହାଲେ ପିଲାମାନେ ବେଶୀ ଉପକୃତ ହେବେ ବୋଲି ସେ କହିଛନ୍ତି।

## ଜାତୀୟସ୍ତରରେ ଚମକିଲେ ସେମିଳିଗୁଡ଼ା କରାଟେ ପ୍ରତିଯୋଗୀ

ସେମିଳିଗୁଡ଼ା/ସୁନାବେଡା, ୭।୧୨ (ସ୍ୱ.ପ୍ର.)

ଦିଲ୍ଲୀ ତାଲକୋଟ ଇଣ୍ଡୋର ଷ୍ଟାଡିୟମରେ ଜାତୀୟ ସବ୍ ଜୁନିୟର ଓ କେଡ଼େଟ କାଟାଗୋରୀ ପ୍ରତିଯୋଗୀତାରେ ଓଡ଼ିଶାକୁ ୨୩ଟି ପଦକ ମିଳିଛି। ଚଳିତ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ପ୍ରତିଯୋଗିତାରେ ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ୭ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗୀଙ୍କ ମଧ୍ୟରୁ ସବ ଜୁନିୟର (୬ ରୁ ୧୩ )ବର୍ଷ ବର୍ଗରେ କୁମ୍ମି ଫାଇଟିଂରେ ଡାନିଏଲ ଜାନୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ କାଟାରେ ୬ ବର୍ଷୀୟ ଆକାଂକ୍ଷା ମହାନ୍ତି ରୌପ୍ୟ ପଦକ ଓ ହର୍ଷଦ କୁମାର ବ୍ରୋଞ୍ଜ ପଦକ ପାଇଛନ୍ତି । ସେହି ଭଳି ଦୀପ୍ତି ନାମଦେବ ୧୪ରୁ ୧୫ ବର୍ଷ କୁମିତ ଫାଇଟିଂ କାଟାଗୋରୀରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀ ମାନେ ସ୍କୁଲର କୋଚ୍ ସେନସେଇ ରାଜେନ୍ଦ୍ର ସାମଲଙ୍କର ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ଏହି ସଫଳତା ପାଇଁ ଉତ୍କଳ କରାଟେ ଏକାଡେମୀର ମୁଖ୍ୟ ଡ଼ଃ ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ଼ଃ ଗୌରୀ ମହାନ୍ତି, କୋରାପୁଟ କରାଟେର ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ରଥ, ଉତ୍କଳ କରାଟେ ସ୍କୁଲ ସେମିଳିଗୁଡାର ମୁଖ୍ୟ ଉପଦେଷ୍ଟା ଭଗବାନ ଦୋରା, ସଭାପତି ମନୋଜ ପଟ୍ଟନାୟକ କରଟେକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ପଦକ ଜିତିଥିବା କୃତୀ ପ୍ରତିଯୋଗୀମାନେ।

## କ୍ୟାମ୍ପ କୋର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାପଡାହାଣ୍ଡି,୭।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ବୁଧବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ତହସିଲଦାର ଯୋଗେଶ୍ୱର ଭୋଇଙ୍କ ଉପସ୍ଥିତିରେ ବିଭିନ୍ନ ରାଜସ୍ୱ ମାମଲାର ଫଇସଲା କରାଯାଇଛି। ମୋଟ ୭୨,୪୦୦ଟଙ୍କା ଆଦାୟ ହୋଇଥିଲା। ୪ଟି ଲିଗାଲ ହେୟାର ସହ ୭୨ଗୋଟି ଏନକ୍ଲୋଜମେଣ୍ଟ କେସର ଫଇସଲା ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସହ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥିଲା।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କଳା, ହସ୍ତଶିଳ୍ପ ପ୍ରଦର୍ଶନୀ

କୋରାପୁଟ,୭।୧୨(ସ୍ୱ.ପ୍ର)

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗ ଆନୁକୁଲ୍ୟରେ ବିଶ୍ୱବିଦ୍ୟାଳୟର ସୁନାବେଡାସ୍ଥିତ ମୁଖ୍ୟ କ୍ୟାମ୍ପସଠାରେ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ପ୍ରଦର୍ଶନକୁ ଉଦଘାଟନ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଡକ୍ଟର ରମେନ୍ଦ୍ର କୁମାର ପାଢୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ବିଭାଗର ତାଲିମ ନେଉଥିବା ଶିକ୍ଷକମାନେ ଏହି ପ୍ରଦର୍ଶନୀରେ ଆୟୋଜନ କରିଥିଲେ। ଡକ୍ଟର ପ୍ରାର୍ଥ ପ୍ରତୀମ ଦାସଙ୍କ ମାର୍ଗଦର୍ଶନରେ ଚିତ୍ରକଳା, କାଗଜ ହସ୍ତଶିଳ୍ପ, ମୂର୍ତ୍ତୀ, ସାଜସଜ୍ଜା କାରିଗଣୀ, ହସ୍ତଶିଳ୍ପ ଓ ଫ୍ୟାଶନ ହସ୍ତଶିଳ୍ପ ଏବଂ ଅଭିବାଦନ କାର୍ଡ ପ୍ରସ୍ତୁତ କରାଯାଇ ଏଠାରେ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଅଧ୍ୟାପକ, ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ଏବଂ କର୍ମଚାରୀମାନେ ହସ୍ତଶିଳ୍ପ ପ୍ରଦର୍ଶନୀ ବିଷୟରେ ମତାମତ ପ୍ରଦାନ କରିଥିଲେ।



କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ଉପସ୍ଥିତ ଅତିଥିମାନେ।

# ବେନାମୀ ଭେଣ୍ଡରଙ୍କୁ ଢାଲକରି ଚାଲିଛି ପିସି କାରବାର

**ବୈପାରିଗୁଡ଼ାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା**

ବୈପାରିଗୁଡ଼ା, ୭।୧୨(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ବିକାଶ ସହ ଦାଦନ ରୋକିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ ବୈପାରିଗୁଡ଼ା ବ୍ଲକରେ କେତେଜଣ ଅସାଧୁ କର୍ମଚାରୀ ବେନାମୀ ଭେଣ୍ଡରଙ୍କୁ ଢାଲକରି ବ୍ୟାପକ ପିସି କାରବାରରେ ଲିପ୍ତଥିବା ଅଭିଯୋଗ ହେଉଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତା ପାଇଁ ଶ୍ରମିକମାନଙ୍କ ବ୍ୟାଙ୍କ ଜମା ଖାତାକୁ ମଜୁରି ଟଙ୍କା ଯାଇଥାଏ। ନିୟମ ଅନୁସାରେ ପ୍ରତି କାମରେ ଜଣେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ଶ୍ରମିକ ନେତା ଭାବେ ଚୟନ କରାଯାଏ। କାମ ପାଇଁ ଶ୍ରମିକ ଯୋଗାଡ଼ କରିବା ଏବଂ ସେମାନଙ୍କ ଦୈନିକ ହାଜିରା ନେବା ତାଙ୍କର ପ୍ରମୁଖ ଦାୟିତ୍ୱ। ମଷ୍ଟର ରୋଲ୍ ପ୍ରସ୍ତୁତି ଓ ତଦାରଖ ଦାୟିତ୍ୱ ଗ୍ରାମରୋଜଗାର ସେବକଙ୍କର। ଜିପିଟିଏମାନଙ୍କ ଦ୍ୱାରାବୈଷୟିକ ଗାଇଡ୍‌ଲାଇନ ଦିଆଯାଏ। କିନ୍ତୁ ବାସ୍ତବକ୍ଷେତ୍ରରେ ବେସରକାରୀଭାବେ ଶ୍ରମିକ ନେତା ହିଁ ପ୍ରଥମେ ନିଜ ହାତରୁ ଅର୍ଥ ଖର୍ଚ୍ଚକରି କାମ କରାଇଥାନ୍ତି। ବିଲ୍ ହେବା ପରେ ଟଙ୍କା ଫେରିପାଇଥାନ୍ତି। ସାଧାରଣତଃ ପ୍ରତି କାମରେ ୬୦% ବିଲ୍ ଶ୍ରମିକମାନଙ୍କ ଜମାଖାତାକୁ ଯାଇଥାଏ ଓ ବାକି ୪୦% ମ୍ୟାଟେରିଆଲ ଯୋଗାଇଥିବା ଭେଣ୍ଡରଙ୍କ ଜମାଖାତାକୁ ଯିବା ନିୟମ ରହିଛି। ଏସବୁ ଭେଣ୍ଡରମାନେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ତାଲିକାଭୁକ୍ତ ହୋଇଥାନ୍ତି। କିନ୍ତୁ ଅଭିଯୋଗ ହେଉଛି ସ୍ଥାନୀୟ ଅଞ୍ଚଳରେ ଅନେକ ଭେଣ୍ଡର ତାଲିକାଭୁକ୍ତ ଥିବାବେଳେ ସେମାନଙ୍କୁ ଅଣଦେଖା କରାଯାଇ ବ୍ଲକ ବାହାରେ ଯଥା କୁନ୍ଦୁରା, ଜୟପୁର, ସେମିଳିଗୁଡ଼ାର ଭେଣ୍ଡରମାନଙ୍କଠାରୁ ବିଭାଗୀୟ କର୍ମଚାରୀମାନେ ଭାଉଚର ଯୋଗାଡ଼ କରି ମ୍ୟାଟେରିଆଲ ବିଲ୍ ଛାଡୁଛନ୍ତି। ସାଂଘାତିକ ଅଭିଯୋଗ ହେଲା ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସେସବୁ ସାମଗ୍ରୀରେ କୌଣସି କାରବାର ଆଦୌ ନ ଥିବାବେଳେ କେବଳ କାଗଜକଲମରେ ବ୍ୟବସାୟୀ ସଂସ୍ଥାର ନାଁ ରହିଛି। ଏହା ପଛରେ ମୁଖ୍ୟ ଉଦ୍ଦେଶ୍ୟ ପିସି କାରବାର। କୌଣସି ସାମଗ୍ରୀ ନ ଯୋଗାଇ ସେମାନେ ଘରେ ବସି ୨% ପିସି ପାଇଥାନ୍ତି। ଏହାବାଦେ ୫ ପ୍ରତିଶତ ପିସି ବିଲ୍ ଛାଡ଼ିବା କର୍ମଚାରୀମାନଙ୍କ ପକେଟକୁ ଯାଇଥାଏ। ୧୫ ରୁ ୧୭ ପ୍ରତିଶତ ପିସି ପଞ୍ଚାୟତସ୍ତରରୁ ଆରମ୍ଭକରି ଉପର ମହଲ ପର୍ଯ୍ୟନ୍ତ କର୍ମଚାରୀଙ୍କ ମଧ୍ୟରେ ଭାଗ ବଣ୍ଟାହୋଇଥାଏ। ଏହିପରି ପ୍ରାୟ ୨୪% ପିସି କଟାଯାଉଥିବା ଅଭିଯୋଗ ହେଉଛି। ଏପରିକି ସ୍ଥାନୀୟ ଅଞ୍ଚଳରେ ଅନେକ ଭେଣ୍ଡରଙ୍କଠାରୁ ମ୍ୟାଟେରିଆଲ୍ କିଣା ହେଉଥିଲେ ମଧ ସେମାନେ ଦେଉଥିବା ଭାଉଚର ଗ୍ରହଣ କରାଯାଉ ନ ଥିବା ଅନେକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୌଣସି ଶ୍ରମିକ ନେତା ପାଟି ଫିଟାଇବାକୁ ସାହସ କରୁନାହାନ୍ତି। ଏଠାରେ ସୂଚନାଯୋଗ୍ୟ, କିଛି ମାସ ତଳେ ବ୍ଲକର କେତେକ ନିର୍ବାଚିତ ଲୋକ ପ୍ରତିନିଧି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ବଦଳି କରାଇବା ଦାବିରେ କୋରାପୁଟ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅପରପକ୍ଷେ ଏ ସମ୍ପର୍କରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦାୟିତ୍ୱରେ ଥିବା ଏପିଓ ଉମାକାନ୍ତ ବେହେରାଙ୍କୁ ପଚାରିବାରୁ ସେ ଏଠାରେ ନୂଆରେ ଯୋଗଦେଇ ଥିବାରୁ ଏ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ମୁଁ ଆସିବା ପରେ କୌଣସି ବିଲ୍ କରାଯାଇନାହିଁ ବୋଲି ସେ କହିଛନ୍ତି।

# 'ବାହାର ରାଜ୍ୟକୁ ଚୋରାଚାଲାଣ ବନ୍ଦ ନେଇ ବ୍ୟବସ୍ଥା ହୋଇଛି'

## ମାଲକାନଗିରି ଜିଲ୍ଲାରେ ୧୪ ରୁ ଖୋଲିବ ଧାନମଣ୍ଡି

ମାଲକାନଗିରି,୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଡିସେମ୍ବର ୧୪ ରୁ ଧାନମଣ୍ଡି ଖୋଲିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର ୩୫୭ ଚାଷୀଙ୍କ ଠାରୁ ୧୧ ଲକ୍ଷ ୨ ହଜାର କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ରହିଛି। ଜିଲାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ୭ ବ୍ଲକରେ ମୋଟ ୬୬ ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ୮ ଲାମ୍ପସ ଓ ୪ ଏସ୍ଏଚ୍‌ଜି ମଣ୍ଡିରୁ ଧାନ କ୍ରୟ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଜିଲାର ୭ ବ୍ଲକରେ ୬୬ଟି ମଣ୍ଡିରେ ଧାନ କ୍ରୟ କରାଯିବ। ଏଥିପାଇଁ ଲାମ୍ପସ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମାଲକାନଗିରି ଜିଲାର ୮ ଲାମ୍ପସରେ ଏହାମଧ୍ୟରେ ୩୫ ହଜାର ୩୫୭ ଚାଷୀଙ୍କ ନାମ ପଞ୍ଜୀକରଣ ସରିଛି। ଚଳିତବର୍ଷ ଖରିଫରେ ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଓ ଗ୍ରେଡ୍ 'ଏ' କିସମ ଧାନ ୨୦୬୦ ଟଙ୍କା ସରକାରୀ ଦର ଧାର୍ଯ୍ୟ କରାଯାଇଛି। ମାଲକାନଗିରି ଜିଲାରୁ ଚୋରା ବେପାରୀମାନେ ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଧାନ କ୍ରୟକରି ଯେପରି ବାହର ରାଜ୍ୟକୁ ଚାଲାଣ ନ କରନ୍ତି ସେଥିପ୍ରତି ସଜାଗ ରହିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି। ତେବେ ଚାଷୀ ଫସଲର ଠିକ୍ ମୂଲ୍ୟ ପାଇବା ପାଇଁ ହନ୍ତସନ୍ତ ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ ଅଧିକ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଚାଷୀଙ୍କ ମଧ୍ୟରେ ଦାବି ହେଉଛି।

## ଆନ୍ଧ୍ର ଚାଲାଣ ବେଳେ ଧାନ ଜବତ, ଡ୍ରାଇଭର ଅଟକ

ମାଲକାନଗିରି,୭।୧୨(ଡି.ଏନ.ଏ.)


ଜବତ ଧାନ ଓ ଅଟକ ଡ୍ରାଇଭର।

ଧାନ ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ଏମ୍ଭି –୪୩ ଗ୍ରାମରୁ ବୁଧବାର ବିପୁଳ ପରିମାଣର ଧାନ ଜବତ କରାଯାଇଛି। ଏମ୍ଭି–୧୭ ଗ୍ରାମର ସୁଜନ ମଣ୍ଡଳ ଆନ୍ଧ୍ରର ଜଣେ ବେପାରୀଙ୍କୁ ନିକଟରୁ ଧାନ ଚାଲାଣ କରୁଥିବାବେଳେ ପୋଲିସ ଏବଂ ପ୍ରଶାସନିକ ଟିମ୍ ଚଢ଼ାଉ କରି ଧାନ ଜବତ କରିଛନ୍ତି। ସ୍ଥାନୀୟ ତହସିଲଦାର, ମାଲକାନଗିରି ଥାନା ଅଧିକାରୀ, ଉପ ଯୋଗାଣ ଅଧିକାରୀ ଏବଂ ଏମ୍ଆଇ ଚଢ଼ାଉ କରି ୮ କୁଇଣ୍ଟାଲ ଧାନ ଓ ଗାଡ଼ି ଜବତ କରିଛନ୍ତି। ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରାଯାଉଛି। ଧାନ ଜବତ ବେଳେ ଅନେକ ଚାଷୀ ପହଞ୍ଚି ମଣ୍ଡି ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀ ମଣ୍ଡିକାର୍ଡ ଏବଂ ଟୋକନ ନ ପାଇ ଦଲାଲଙ୍କୁ ଧାନବିକ୍ରି କରୁଥିବା ନେଇ କ୍ଷୋଭ ପକାଶ କରିଛନ୍ତି। ମଣ୍ଡିରେ ଯେପରି ସମସ୍ତ ସୁବ୍ୟବସ୍ଥା କରାଯିବ ଓ ଚାଷୀ ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେ ନେଇ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି। ପରେ ଘଟଣାସ୍ଥଳରେ ଥିବା ପୋଲିସ ଓ ପ୍ରଶାସନିକ ଅଧିକାରୀ ଚାଷୀଙ୍କୁ ବୁଝାଶୁଝା କରିଥିଲେ।

## ସେକ୍ସ ର୍ୟାକେଟ ଠାବ, ମହିଳାଙ୍କ ସମେତ ୩ ଗିରଫ

ମାଲକାନଗିରି,୭।୧୨(ଡି.ଏନ୍.ଏ.)

ମାଲକାନଗିରି ସହରରେ ଚାଲିଥିଲା ସେକ୍ସ ରାକେଟ। ରାଜ୍ୟ ବାହାରୁ ଆସି ଏଠାରେ ଚଳାଇଥିଲେ କାରବାର। ସଦର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତିରେ ଏହି ସେକ୍ସ ରାକେଟ ଠାବ କରିଛି। ରାକେଟ ଚଳାଇଥିବା ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ସମେତ ଛତିଶଗଡ଼ ସୁକ୍‌ମା ଜିଲାର ରାକେଶ ବାଲା ଏବଂ ଦୀପକ ଗାନ୍ଧୀଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ମାଲକାନଗିରି କୁମୁଟିଗୁଡ଼ା ସ୍ଥିତ



ଅନ୍ନପୂର୍ଣ୍ଣା ରାଇସ୍ ମିଲ ନିକଟ ଏକ ଗୃହରେ ସେକ୍ସ ରାକେଟ ଚାଲିଥିଲା। ମାଲକାନଗିରି ଆଦର୍ଶ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ଗିରଫ ମାନଙ୍କ ନିକଟରୁ ୧୦, ୫୦୦ ଟଙ୍କା ଏବଂ ଅନ୍ୟ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ପିଏମ୍‌ଜେଜେବିୱାଇରେ ମିଳିଲା ବୀମାରାଶି

ଏମ୍ଭି ୭୯,୭।୧୨ (ଡି.ଏନ୍.ଏ.)


ବ୍ୟାଙ୍କ ପକ୍ଷରୁ କ୍ଷିତିଶଙ୍କ ପରିବାରକୁ ବୀମାରାଶି ପ୍ରଦାନ କରାଯାଉଛି।

ମାଲକାନଗିରି ଜିଲା ଏମ୍ଭି ୭୯ ସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ)ରେ ଜଣେ ହିତାଧିକାରୀଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଏମ୍‌ପିଭି ୮୧ ଗ୍ରାମର ଆଳଦି ରାୟଙ୍କ ସ୍ୱାମୀ କ୍ଷିତିଶ ରାୟ ନିଜ ନାମରେ ପିଏମ୍‌ଜେଜେବିୱାଇରେ ବାର୍ଷିକ ୩୩୦ ଟଙ୍କା ଜମା କରୁଥିଲେ। କିଛିମାସ ତଳେ କ୍ଷିତିଶଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉତ୍ତରାଧିକାରୀ ଭାବେ ତାଙ୍କ ସ୍ତ୍ରୀ ଆଳଦିଙ୍କୁ ସ୍ୱାମୀଙ୍କ ମୃତ୍ୟୁକାଳୀନ ବୀମାରାଶି ପ୍ରଦାନ କରାଯାଇଛି। ଏମ୍ଭି ୭୯ ବ୍ୟାଙ୍କ ପରିଚାଳକ ଅମିୟ ବୈରାଗୀ, ଜିଲା ପରିଷଦ ଅଧକ୍ଷା ଅପର୍ଣ୍ଣା ମଣ୍ଡଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ପରିତୋଷ ସରକାର, ତାଣ୍ଡାବାଇ ସରପଞ୍ଚ ସତ୍ୟ ମାଡକାମିଙ୍କ ଉପସ୍ଥିତି ରେ ଏହି ଅର୍ଥରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଧାକର ନାୟକ, ବ୍ୟାଙ୍କମିତ୍ର ସୁପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ। କ୍ଷିତିଶଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବା ବେଳେ ପିଏମ୍‌ଜେଜେବିୱାଇରେ ଏହି ଅର୍ଥରାଶି ମିଳିଥିବାରୁ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

## ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ

ମାଲକାନଗିରି, ୭।୧୨(ଡି.ଏନ୍.ଏ.)



ମାଲକାନଗିରି ଜିଲାର ସ୍କୁଲ ଓ କଲେଜ ଶିକ୍ଷକ ମିଳିତ ମଞ୍ଚର କର୍ମକର୍ତ୍ତା ବିଭିନ୍ନ ଦାବି ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ବ୍ଲକ ଗ୍ରାଣ୍ଟ ଉଚ୍ଛେଦକରି ସପ୍ତମ ବେତନ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ତେଣୁ ସପ୍ତମ ବେତନ ପ୍ରଦାନ, ଚାକିରି କାଳ ୬୨ ବର୍ଷକୁ ବୃଦ୍ଧି, ଚାକିରି ସର୍ତ୍ତାବଳୀ ଲାଗୁ, ଅନୁଦାନ ପାଇ ନ ଥିବା ସମସ୍ତ ଶିକ୍ଷକଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ, ଭାଷାଗତ ଶିକ୍ଷକଙ୍କ ଦରମା ବୃଦ୍ଧି, ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ, ଅବସର ପରେ ପେନ୍‌ସନ ଲାଗୁ, ଠିକା ନିଯୁକ୍ତିକୁ ରଦ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ ପ୍ରମୁଖ ଦାବି ଶିକ୍ଷକଙ୍କ ପକ୍ଷରୁ ରହିଛି। ସରକାର ତୁରନ୍ତ ଦାବିଗୁଡ଼ିକ ପୂରଣ ନ କଲେ ମିଳିତ ମଞ୍ଚ ପକ୍ଷରୁ ସମଗ୍ର ରାଜ୍ୟରେ ଆନ୍ଦୋଳନ ହେବ ଏବଂ ସେଥିରେ ଜିଲାର ସମସ୍ତ କର୍ମଚାରୀ ସାମିଲ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଶିକ୍ଷକ ମନୋଜ ମହାପାତ୍ର, ଅଞ୍ଜନ ପରିଡ଼ା, ରମେଶ ମହାରଣା, ଯଦୁନାଥ ଖଗୁଆ, ଏ. ଈଶ୍ୱର ରାଓ, ଗଣେଶ ବିଶ୍ୱାଳ, ଜିତେନ୍ଦ୍ର ସ୍ୱାଇଁ, ରତ୍ନାକର ପାଢ଼ୀଙ୍କ ସମେତ ୨୪ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମହାବିଦ୍ୟାଳୟର ଅଧକ୍ଷ ଉପସ୍ଥିତ ଥିଲେ।


### ODISHA JOINT ENTRANCE EXAMINATION-2022 (OJEE - 2022)

No. OJEE/599 DATE: 07.12.2022

**NOTICE FOR OJEE COUNSELLING FOR ADMISSION IN BAMS/BHMS COURSES, 2022-23**

No. h-16:- The Counselling and Admission Process for BAMS/BHMS courses for the 2022-23 session of all the Govt. and Private Ayurvedic and Homoeopathic Colleges of Odisha will start from 08.12.2022 through web-counselling. Candidates interested for admission to BAMS/BHMS must have qualified in NEET-UG - 2022. Only natives of Odisha are eligible for all State Quota seats. All Odisha and outside Odisha State students are eligible for the All India Quota seats in Private colleges only.

For more information and other details, please visit OJEE website (www.ojee.nic.in).

OIPR-14020/11/0027/2223 Sd./- CHAIRMAN, OJEE



### ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର

**୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

ସଂଖ୍ୟା. ୧୪୮୭୧ ତାରିଖ: ୦୬.୧୨.୨୦୨୨

No.C-1806:- ବ୍ରହ୍ମପୁର ମହାନଗର ନିଗମ ୨୦୨୩–୨୦୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୌର ସଂସ୍ଥାମାନଙ୍କର ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ବ୍ରହ୍ମପୁର ମହାନଗର ନିଗମର ରୁମ୍ ନଂ.–୧୧, ଏକକ କାଉଣ୍ଟରରେ ତା୨୦।୧୨।୨୦୨୨ରିଖ ଅପରାହ୍ନ ଘ. ୫.୩୦ ମି. ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଗମ କାର୍ଯ୍ୟାଳୟର ୱେବ୍‌ସାଇଟ http://www.berhampur.gov.inରେ ସମସ୍ତ ତଥ୍ୟ ପାଇପାରିବେ ।

ଟେକ୍ନିକାଲ୍ ବିଡ୍ ସମ୍ପୃକ୍ତ ନିଗମ ସଭାଗୃହରେ ତା୨୧।୧୨।୨୦୨୨ରିଖ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ ଖୋଲାଯିବ । ମୁଦା ଲଫାପା ଉପରେ "୨୦୨୩–୨୦୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ମିଳିପାରିବ ।

ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେକୌଣସି ବା ସମସ୍ତ ଆବେଦନପତ୍ର ଖାରଜ କରିପାରିବେ ।

http://www.berhampur.gov.in

ସ୍ୱା./- କମିଶନର
ବ୍ରହ୍ମପୁର ମହାନଗର ନିଗମ
OIPR-13035/11/0056/2223



No. B-935

### OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-Cul12/2022 Lr. No.- 46255 Dt.2nd Dec. 2022

**Invitation for Bids**

**Bid Identification No. OSD C.E. (B) – 35 / 2022-23**

| | | | |
|---|---|---|---|
| 1. | The OSD Chief Engineer (Buildings), Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Beautification of Seaside Promenade from Talsari Udaipur on Talsari Beach, Balasore, Odisha"** amounting to **Rs.24,07,00,000/- (Approximate)** as detailed below. | | |
| 2. | Nature of Work | :- | **Building works** |
| 3. | No. of work | :- | **01 No.** |
| 4. | Bid Cost | :- | **₹ 10,000/- (Each)** |
| 5. | Class of Contractor | :- | **Special/Super Class** |
| 6. | Availability of Bid Documents in the website | :- | **From dt. 15.12.2022 to 17.00 hours of dt.29.12.2022** |
| 7. | Date of opening of Bids | :- | **Dt. 30.12.2022 at 11:30 AM.** |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | | |

Sd./- OSD Chief Engineer (Buildings), Odisha, Bhubaneswar
OIPR-34117/11/0081/2223



### ZILLA SWASTHYA SAMITI (ZSS) Kandhamal

Office of the CDM&PHO-cum-District Mission Director, NHM, Kandhamal

Corrigendum Advt. No.14513 / NHM/HR-Out House/2022/21 Date:06.12.2022

**Corrigendum**

**No.E-708:**The Age limit-upto 4038 years as on 01.11.2022 wrongly published Sl. No 14 (MO AYUSH-Co-located Unit) of this office Advt. No. 13985 Dt. 24.11.2022, which is corrected as "Age limit-upto 38 (Thirty eight) years as on 01.11.2022", all other eligibility criteria for different category of post under NHM, Kandhamal remain unchanged.

Sd/- Dr. M. K. Upadhayaya
CDM & PHO, cum District Mission Director
Kandhamal
OIPR-10175/11/0014/2223



### ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼

ଲଘୁ ଖଣିଜ ଲିଜ୍ ନିମନ୍ତେ

ସଂଖ୍ୟା.3651,ତା.7.12.22 ରିଖ

**ବିଜ୍ଞାପନ**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସଗୁଡିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ http://balangir.nic.in ସୈରାତ ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ସ୍ୱା./–ତହସିଲଦାର, ଟିଟିଲାଗଡ଼



Government of Odisha

### OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK

E-mail ID-sectcrb_2006@yahoo.co.in, Tel/Fax:0671-2301751/2302751

('e' - PROCUREMENT NOTICE )

**Bid Identification No.CCE.Ctc.(R&B) 17/2022-23.**

**No.B-937:**1.The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors Sports works as mentioned below.

2. No. of work :- 1 No.
3. Nature of work :- Sports work..
4. Class of contractor :- 'B' &'A' Class.
5. Tender paper cost :- Rs.10000/- (online)
6. Available of bid documents in the website. :- From 09.12.2022 to 16.00 Hours of 19.12.2022
7. Date of opening of bid :- Dt.20.12.2022 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./-P.K.Pradhan
Chief Construction Engineer
Cuttack (R&B) Circle
OIPR-34012/11/0021/2223



### OFFICE OF THE MUNICIPAL COUNCIL, BELPAHAR

Ph:06645-250458, Fax:06645-250236
E-mail:municipalitybelpahar@gmail.com

No.3998, Dt.05.12.2022

**Expression of Interest (EOI) for Management of Ward Offices by Mission Shakti SHG During the Year 2023-24**

**No.C-1789:**Office of the Belpahar Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the Year 2023-24. The sealed Expression of Interest should be submitted to the Belpahar Municipality, Belpahar, Dist. Jharsuguda-768218, Odisha on or before dt. 20.12.2022 by 5.00 P.M. through registered/speed post only.
The Technical Bid will be opened on dt.21.12.2022 at 11.30 A.M. in the Conference Hall of Belpahar Municipality. The sealed envelope should be superscripted with "EOI for Management of Ward Offices by Mission Shakti SHGs, 2023-24". The detailed terms and conditions of the Expression of Interest is available in website www.belpaharmunicipality.co.in.

Sd./- Executive Officer, Belpahar Municipality
OIPR-13050/11/0007/2223



### ODISHA UNIVERSITY OF AGRICULTURE & TECHNOLOGY BHUBANESWAR-3

Letter No. ACD-1/ADM-0002/2022/OSWAS/19716/UAT
Dt.7th December 2022

**DIPLOMA IN AGRO-POLYTECHNIC SPOT COUNSELING & ADMISSION NOTICE 2022-23**

**No.KK-275:**108 Nos. of seats are vacant for admission into Diploma in Agro-polytechnic courses for the Academic Session 2022-23. Interested candidates are informed to report on 16.12.2022 at 9.00 am to 10.00 am positively in the Dr. M. S. Swaminathan Conference Hall, 2nd floor, OUAT Administrative Building, Bhubaneswar-3 with all required documents & demand draft of required amount for spot counseling and admission.
**Candidates awarded rank in the Diploma admission process-2022-23 and the fresh candidates can participate for the spot counseling & Admission.** However, preference will be first given to candidates who have been awarded rank in agro-polytechnic. **The details guidelines with eligibility and documents required for spot counseling and admission is available in OUAT website www.ouat.nic.in (admission section). Candidates are advised to visit OUAT website: www.ouat.nic.in for**
i) Detailed spot counseling & Admission Notice with vacant seat position.
ii) Guidelines for Spot counseling and admission in Diploma in Agro-polytechnic, OUAT.

OIPR-01036/11/0035/2223 Sd./- REGISTRAR



GOVERNMENT OF ODISHA No.B-941:

### Office of the Executive Engineer Bhanjanagar (R&B) Division, Bhanjanagar

(Phone/Fax: (06821) 241133 / E -mail: eernbbngr@yahoo.in
Ltr. No.13286//Dtd.01.12.2022

**INVITATIONS FOR BIDS (IFB)**

**E-Procurement Bid Identification No. E.E -BNJ-R&B- 25 / 2022-23.**

1. Name of work : Supply of Transformer & shifting of Elect. Utilities.
2. No. of works : One No. supply of 500 KVA Transformer work & 3 Nos. Elect. Utility Shifting works
3. No. of covers : Single Cover
4. Estimated cost : Rs.6.331 to 10.75 lakhs
5. Period of completion : Three to Six Calendar Months
6. Date of time of availability of bid document in the portal : From 12.00 Noon of dated 12.12.2022 to 5.00 PM of dated 21.12.2022
7. Last date/time for receipt of bids in the portal : Upto 5.00 PM of dated 21.12.2022
8. Date of opening of bid documents : At 11.00 A.M. of 22.12.2022
9. Class of Contractor : "HT" Elect. Contractor
10. Name and address of Officer Inviting Bid : Executive Engineer Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Sd./- Executive Engineer, Bhanjanagar (R&B) Division
OIPR-34015/11/0021/2223



### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଛତ୍ରପୁର, ଗଞ୍ଜାମ

Website: www.chatrapurnac.in
Email: nacchatrapur@rediffmail.com; Contact No.: 06811-263975

ପତ୍ର ସଂ. ୨୫୦୭/ ତାରିଖ: ୦୫.୧୨.୨୦୨୨

**୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

No.C–1813:– ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର ୨୦୨୩–୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କର ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ସମ୍ପୃକ୍ତ **ବିଜ୍ଞାପିତ ଅଞ୍ଚଳ ପରିଷଦ** ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ୍ ପୋଷ୍ଟ ଜରିଆରେ ତା୨୦.୧୨.୨୦୨୨, ସମୟ ଅପରାହ୍ନ ୫.୩୦ ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

ଟେକ୍ନିକାଲ୍ ବିଡ୍ ସମ୍ପୃକ୍ତ **ବିଜ୍ଞାପିତ ଅଞ୍ଚଳ ପରିଷଦ** ସଭାଗୃହରେ ତା– ୨୧.୧୨.୨୦୨୨, ସମୟ ଦିବା ୧୧.୦୦ ଘଟିକାରେ ଖୋଲାଯିବ । ମୁଦା ଲଫାପା ଉପରେ **"୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)"** ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ମିଳିପାରିବ ।

ବିଜ୍ଞାପିତ ଅଞ୍ଚଳ ପରିଷଦର ୱେବ୍‌ସାଇଟ୍ www.chatrapurnac.in

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ
OIPR-13188/11/0002/2223 ତା: ୦୫।୧୨।୨୦୨୨



### BHUBANESWAR DEVELOPMENT AUTHORITY

AKASH SHOVA BUILDING,
SACHIVALAYA MARG, BHUBANESWAR - 751001
Visit us at: https://www.bda.gov.in

**INVITATION FOR BIDS**

Bid Identification No.1206/EM/BDA Date. 07.12.2022

**No.CAD-4028:**The Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible electrical contractors for the work as mentioned below:

1. Name of works : Illumination of the pathway of Nature trail at Netaji Subash Bose Park, Gandamunda, Bhubaneswar.
2. Total No. of works : 01 (One) No.
3. Estimated cost : Rs.80.02 Lakh
4. Class of Contractor : HT
5. Period of Completion : 15 Days
6. Cost of Bid Documents for each work : Rs.10,000.00+18% GST= Rs.11,800.00
7. Earnest Money Deposit (EMD) : Bid Security declaration
8. Availability of Tender : From 09.12.2022 to 5.00 PM of 23.12.2022 in the website.
9. Date of time of opening of Tender : Dt.27.12.2022 at 11.30 AM
10. Place of opening of Tender: O/o. The Engineer Member BDA, Bhubaneswar

Further details can be seen from the website: https://tendersodisha.gov.in. Any addendum/ corrigendum / cancellation of tender can also be seen in the said website.

Sd./- Engineer Member, BDA, Bhubaneswar
OIPR-13033/11/0402/2223



### ପୌର ପରିଷଦ, ମାଲକାନଗିରି OFFICE OF THE MUNICIPAL COUNCIL, MALKANGIRI

Odisha, Pin-764045
Ph:06861-230244, e-mail:-eomalkangiri@gmail.com

Lt.No.3394/Dev./2022 Dated: 06.12.2022

**Expression of Interest-II**

**No.C-1809:**Expression of Interest is hereby invited from the interested registered Supplier/Vendors/Firms for Supply of the Following Category of works:-

1. Civil & Miscellaneous Items,
2. Playing & Open Air Gym Equipments
3. Plantation & Landscaping Items
4. Electrical Items
5. Electronics Items

The tender schedule should be downloaded for each category of work from the District NIC Portal, Malkangiri i.e. www.malkangiri.nic.in. The applicant should be submitted self attested copy of PAN Card, GST Registration Certificate(Form-6) and Original Tender Schedule with Quoted Price for each category of work separately. All the documents should be reached through the Regd./ Speed Post from 07.12.2022 to 15.12.2022 in a single cover with super Scribed as "EXPRESSION OF INTEREST-II / 2022-23" to the Executive Officer, Malkangiri Municipality. The EOI will be opened on dt.16.12.2022 at 11.00 AM in Chamber of Executive Officer, Malkangiri Municipality.

The undersigned reserves the right to accept/ reject any / all proposals / cancel the entire selection process at any stage without assigning any reason thereof.

Sd./- Executive Officer, Malkangiri Municipality
OIPR-13125/11/0012/2223



### OFFICE OF THE NOTIFIED AREA COUNCIL,KHARIAR

AT/PO- KHARIAR, Dist- NUAPADA, PIN-766107
e-mail- khariarn.hud@ori.nic.in, khariarnac@gmail.com

**Expression of Interest (EOI) For Management of Ward Offices by Mission Shakti SHG During the Year 2023-24**

No.4423 Date:05.12.22

**No.C-1817:**The Notified Area Council, Khariar invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the Year 2023-24. The sealed Expression of Interest should be submitted to the address of respective ULBs on or before date 20/12/2022, Time 5 P.M. by registered/ speed post only.
The Technical Bid will be opened on date 21/12/2022 at 11 A.M. in the conference hall of ULB. The sealed envelope should be superscripted with "EOI for Management of Ward Offices by Mission Shakti SHGs, 2023-24". The detailed terms and conditions of the Expression of Interest is available in website: http://www.nuapada.nic.in, http://www.nackhariar.in.

Sd./- Executive Officer
Notified Area Council, Khariar
OIPR-13136/11/0017/2223

ଧରିତ୍ରୀ
DHARITRI
Thursday, December 8/2022



## ମିସ୍ତ୍ରିଙ୍କ ବ୍ୟବସାୟ ସମ୍ଭାଳିବେ ଫିରୋଜ,ଜାହାନ

ନୂଆଦିଲ୍ଲୀ: ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ଜଣାଶୁଣା ଶିଳ୍ପପତି ସାଇରସ ମିସ୍ତ୍ରି ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ହେଲେ ସାଇରସଙ୍କ ବ୍ୟବସାୟକୁ ନେଇ ଯେଉଁ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା, ତାହା ବର୍ତ୍ତମାନ ବନ୍ଦ ହେବାକୁ ଯାଉଛି। କାରଣ ମିସ୍ତ୍ରିଙ୍କ ଦୁଇ ପୁଅ ଫିରୋଜ୍ ଓ ଜାହାନ ବାପାଙ୍କ ବ୍ୟବସାୟରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ଫିରୋଜଙ୍କ ବୟସ ୨୬ ବର୍ଷ ହୋଇଥିବାବେଳେ ଜାହାନଙ୍କ ବୟସ ୨୪ ବର୍ଷ ହୋଇଥିବା ଜଣାପଡ଼ିଛି। ଏପରିକି ଉଭୟଙ୍କୁ ଗ୍ରୁପ୍‌ର ବିଭିନ୍ନ କମ୍ପାନୀ ସମ୍ପର୍କରେ ଅବଗତ କରାଇବା ସହ ଆବଶ୍ୟକ ତାଲିମ ସାପୁରଜୀ ପାଲୁନଜୀ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ସାଇରସଙ୍କ ବଡ଼ଭାଇ ସାପୁର ମିସ୍ତ୍ରି ଦେଉଛନ୍ତି।

# ‘ଆଇଫୋନ୍ ନିର୍ମାଣର ହବ୍ ହେବ ଭାରତ’

ନୂଆଦିଲ୍ଲୀ,୭।୧୨

ବିଶ୍ୱର ପ୍ରମୁଖ ତଥା ପ୍ରିମିୟମ ବର୍ଗର ସ୍ମାର୍ଟଫୋନ୍ ନିର୍ମାତା ‘ଆଇଫୋନ୍’ ଖୁବ୍‌ଶୀଘ୍ର ତା’ର ରଣନୀତି ପରିବର୍ତ୍ତନକରି ଭାରତକୁ ଅଗ୍ରାଧିକାର ଦେବ ବୋଲି ଜଣାପଡ଼ିଛି। କାରଣ ବିଗତ ୨ ବର୍ଷ ହେବ କୋଭିଡ୍ କଟକଣା ଓ ଅନ୍ୟାନ୍ୟା ସମସ୍ୟା ଯୋଗୁ କମ୍ପାନୀ ଠିକ୍ ଭାବେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିପାରିନାହିଁ। ଏପରିକି ଆଇଫୋନ୍‌ର ଚାହିଦା ଥିବା ସତ୍ତ୍ୱେ ମଧ୍ୟ ନିର୍ମାଣରେ ସମସ୍ୟା ଯୋଗୁ ଉଭୟ ଗ୍ରାହକ ଓ ରାଜସ୍ୱ ହ୍ରାସ ପାଉଥିବା ଜଣାପଡ଼ିଛି। ବିଶେଷ କରି ଆପଲ୍ ତା’ର ଉତ୍ପାଦନ କେନ୍ଦ୍ରକୁ ଚାଇନାରୁ ଉଠାଇନେବା ସହ ଅନ୍ୟ କୌଣସି ସ୍ଥାନରେ ପ୍ରତିଷ୍ଠା କରିବ ବୋଲି ଚର୍ଚ୍ଚା ହେଉଛି। ଏପରିକି ଆପଲ୍ ପାଇଁ ଭାରତ ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ହେବ ବୋଲି ଆଶଙ୍କା କରାଯାଉଛି। ଯଦି ଏହା ବାସ୍ତବରେ ହୋଇଯାଏ ତା’ହେଲେ ଭାରତ ଆଇଫୋନ୍ ନିର୍ମାଣର ଏକ ହବ୍ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ଆପଲର ମୋଟ ଆଇଫୋନ୍ ନିର୍ମାଣରେ ଭାରତର ଯୋଗଦାନ ବର୍ତ୍ତମାନ ସୁଦ୍ଧା ୫% ରହିଛି, ହେଲେ ଆସନ୍ତା ୩ରୁ ୪ବର୍ଷ ମଧ୍ୟରେ ଏହାର ପରିମାଣ ୨୦ରୁ ୨୫% ହେବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଅପରପକ୍ଷରେ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ସାଙ୍ଗକୁ ୪୧ହଜାର କୋଟି ଟଙ୍କାର ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ (ପିଏଲ୍‌ଆଇ ସ୍କିମ୍) ଯୋଜନା ମଧ୍ୟ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଇଟି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଆପଲ୍ ପାଇଁ କାର୍ଯ୍ୟ କରୁଥିବା ଫକ୍ସକନ, ପେଗାଟ୍ରନ ଏବଂ ୱିସ୍‌ଟ୍ରନ ଭଳି ନିର୍ମାତା ସଂସ୍ଥା ମଧ୍ୟ ସେମାନଙ୍କ ଉତ୍ପାଦନ କ୍ଷମତା ସହ ରପ୍ତାନି ବୃଦ୍ଧି କରିପାରିବେ ବୋଲି କୁହାଯାଉଛି। କୋଭିଡ୍ ସଂକ୍ରମଣ ଯୋଗୁ ଚାଇନାରେ ବର୍ତ୍ତମାନ ଲକ୍‌ଡାଉନ୍ ଜାରି ରହିଛି। ଫଳରେ ଚାଇନାରେ କମ୍ପାନୀର ଫୋନ୍ ଉତ୍ପାଦନ ବ୍ୟାହତ ହୋଇଛି। ବଜାର ଆବଶ୍ୟକତା ପୂରଣ ପାଇଁ କମ୍ପାନୀ ଚାଇନାରୁ ଭାରତକୁ ତା’ର ଉତ୍ପାଦନ ୟୁନିଟ୍ ସ୍ଥାନାନ୍ତର କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା କୁହାଯାଇଛି। ଚଳିତ ବର୍ଷ ଶେଷ ତ୍ରୈମାସରେ କେବଳ ୭୦ରୁ ୭୫ ମିଲିୟନ ୟୁନିଟ୍ ଆଇଫୋନ୍‌ର ଶିପ୍‌ମେଣ୍ଟ ହୋଇଛି, ଯାହା ଚାଇନାର କରୋନା ନୀତି ପୂର୍ବର ବଜାର ଆବଶ୍ୟକତାଠାରୁ ୧୦ମିଲିୟନ ୟୁନିଟ୍ କମ୍ ବୋଲି କୁହାଯାଉଛି। ଉକ୍ତ କାରଣରୁ କମ୍ପାନୀର ଆଇଫୋନ୍ ୧୪ ପ୍ରୋ ଏବଂ ଆଇଫୋନ୍ ୧୪ପ୍ରୋ ମ୍ୟାକ୍ସ ମଡେଲର ସପ୍ଲାଇ ଚେନ୍‌କୁ ବେଶି କ୍ଷତି ସହିବାକୁ ପଡିଛି। ଅନ୍ୟପଟରେ ଜେପି ମର୍ଗାନଙ୍କ ଅନୁସାରେ ୨୦୨୫ ସୁଦ୍ଧା ପ୍ରତି ୪ଟିରୁ ୧ଆଇଫୋନ ମେଡ୍ ଇନ୍ ଇଣ୍ଡିଆ ହେବ। ମାର୍କେଟ୍ ଇଣ୍ଟେଲିଜେନ୍ସି ଫାର୍ମ, ସାଇବର ମିଡିଆ ରିସର୍ଚ୍ଚ ଅନୁସାରେ ୨୦୨୨ରେ ଆଇଫୋନ୍‌ର ଇଣ୍ଡିଆକୁ ଆମଦାନୀ ହ୍ରାସ ହୋଇ ୧୫%ରେ ପହଞ୍ଚିଛି। ୨୦୧୯ରେ ଏହା ୫୦% ରହିଥିଲା। ଏପରିକି ଭାରତରେ ଆଇଫୋନ୍‌ର ଉତ୍ପାଦନ ୨୦୨୧ରେ ୭ମିଲିୟନ ଥିଲା, ଯାହା ୨୦୨୨ରେ ବଢ଼ି ୧୨ରୁ ୧୩ ମିଲିୟନ ହୋଇଛି।

## ଖସୁଛି ଶେୟାର ବଜାର

ନୂଆଦିଲ୍ଲୀ,୭।୧୨

କ୍ରମାଗତ ୪ର୍ଥଦିନ ଲାଗି ଶେୟାର ବଜାରର ଫଳାଫଳ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଯୋଗୁ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୧୬ (୨୧୫.୬୮) ପଏଣ୍ଟ ଖସି ୬୨,୪୧୧ (୬୨,୪୧୦.୬୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୨ (୮୨.୨୫) ପଏଣ୍ଟ ହ୍ରାସ ଘଟି ୧୮,୫୬୧ (୧୮,୫୬୦.୫୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ , ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରେପୋ ହାର ବୃଦ୍ଧି ସହ ଜିଡିପି ଆକଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ପ୍ରଭାବ ଗତ ୩ଟି କାର୍ଯ୍ୟଦିବସରେ ଶେୟାର ମାର୍କେଟରେ କାରବାର ଉପରେ ପଡ଼ିଥିବା ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ମିଶନ ଶକ୍ତି ସହ ଫ୍ଲିପ୍‌କାର୍ଟର ରାଜିନାମା



ଭୁବନେଶ୍ୱର, ୭।୧୨

ଦେଶର ପ୍ରମୁଖ ଇ-କମର୍ସ ସଂସ୍ଥା ଫ୍ଲିପ୍‌କାର୍ଟ ଏବଂ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି),କାରିଗର ଏବଂ ବୁଣାକାରମାନଙ୍କୁ ସ୍ଥାୟୀ ବିକାଶ, ବଜାର ସୁବିଧା ଏବଂ ଜୀବିକା ସୃଷ୍ଟି କରିବାରେ ଏହି ଏମ୍‌ଓୟୁ ବେଶ୍ ସହାୟତା କରିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ମିଶନ ଶକ୍ତିର କମିଶନର ସୁଜାତା ଆର୍ .କାର୍ତ୍ତିକେୟନ୍ କହିଛନ୍ତି, ଏକ ଉନ୍ନତ ଭବିଷ୍ୟତ ପାଇଁ ‘ଇ-କମର୍ସ ନିଃସନ୍ଦେହ ଭାବେ ଏକ ନୂତନ ମାର୍ଗ ଅଟେ। ସେହିଭଳି ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ସିସିଏଓ ରଜନୀଶ କୁମାର କହିଛନ୍ତି, ସ୍ଥାନୀୟ ବ୍ୟବସାୟଗୁଡ଼ିକୁ ପ୍ରୋତ୍ସାହିତ କରିବା ଓ ସେମାନଙ୍କୁ ଇ-କମର୍ସ ପ୍ଲାଟ୍‌ଫର୍ମରେ ବ୍ୟବସାୟ ଅଭିବୃଦ୍ଧି ସୁଯୋଗଗୁଡ଼ିକର ଆବିଷ୍କାର କରିବାରେ ସାହାଯ୍ୟ କରିବା ଓଡ଼ିଶା ସରକାରଙ୍କ ସହ ଏହି ସହଭାଗିତା ମାଧ୍ୟମରେ ଆମେ ଏକ ବିସ୍ତୃତ ଶୃଙ୍ଖଳାର ବ୍ୟବସାୟ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି।

## ‘ଆଇଏଲ୍‌ବିଏସ୍ ସହ ଜିଓ ଟ୍ରୁ-୫ଜିର ସହଯୋଗିତା’




ମୁମ୍ବାଇ,୭।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓ ଟ୍ରୁ-୫ଜି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବିଲିଆରି ସାଇନ୍‌ସେସ୍ (ଆଇବିଏଲ୍‌ଏସ୍) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ସ୍ଥାପନ ହୋଇଯାଇଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସାଙ୍ଗକୁ ଟେକ୍ନୋଲୋଜି ଜରିଆରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି ବିକାଶ କରିବା ନିମନ୍ତେ ଏହିସହଯୋଗିତା କରାଯାଇଛିବୋଲିଉଭୟ ପକ୍ଷରୁକୁହାଯାଇଛି। ଅପରପକ୍ଷରେ ଜିଓ ଟ୍ରୁ-୫ଜି ଜରିଆରେ ପ୍ରତି ଭାରତୀୟଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଜିଓର ମୂଳ ଲକ୍ଷ୍ୟ ରହିଛି। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ସଫଳତା ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି ପ୍ରସ୍ତୁତ କରିବାରେ ଜିଓ ଟ୍ରୁ-୫ଜି ଓ ଆଇଏଲ୍‌ବିଏସ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ସେହିପରି ଲୋ ଲାଟେନ୍‌ସି ସହ ଟ୍ରୁ-୫ଜି ପ୍ରଯୁକ୍ତି କେବଳ ପୁରୁଣା ପ୍ରଯୁକ୍ତିରେ ଉନ୍ନତି ଆଣିବ ନାହିଁ ବରଂ ରୋବୋଟିକ୍ସ ଭିତ୍ତିକ ଚିକିତ୍ସା-ଅସ୍ତ୍ରୋପଚାର, ରିମୋଟ-ଆଇସିୟୁ, ଆଇସିୟୁ-ଆମ୍ବୁଲାନ୍ସ, ଗୋଷ୍ଠୀ କ୍ଲିନିକ୍ ଭଳି ସ୍ୱାସ୍ଥ୍ୟସେବାର ବହୁ କ୍ଷେତ୍ରରେ ନୂତନ ଧାରା ସୃଷ୍ଟି କରିବ। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସୂଚନାଯୋଗ୍ୟ, ଜିଓ ପକ୍ଷରୁ ଦ୍ରୁତଗତିରେ ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଉଛି।

## ‘ନୂଆ ପ୍ଲାଟ୍‌ଫର୍ମ ସହ ଦର୍ଶକଙ୍କ ଆଦୃତି ପାଇଛି’

ଭୁବନେଶ୍ୱର ,୭।୧୨

ଚଳିତ ବର୍ଷ ଦୀପାବଳି ଅବସରରେ ‘ଜୀ-ସାର୍ଥକ’ ପକ୍ଷରୁ ଆୟୋଜିତ ‘ଦୀପାବଳିରେ ସୁନାର ବର୍ଷା’ ପ୍ରତିଯୋଗିତାର ବିଜେତାମାନଙ୍କୁ ନିକଟରେ ପୁରସ୍କୃତ କରାଯାଇଛି। ଏପରିକି ସ୍ଥାନୀୟ ପାହାଳଠାରେ ଜୀ-ସାର୍ଥକର କର୍ପୋରେଟ ଅଫିସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଭାଗ୍ୟଶାଳୀ ବିଜେତାମାନେ ପୁରସ୍କାର ଗ୍ରହଣ କରିଛନ୍ତି। ଏପରିକି ମୋଟ ୩୧ ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଜଗତ୍‌ସିଂହପୁରର ଚପଳା ସ୍ୱାଇଁ ମେଗା ବିଜୟିନୀ ଭାବେ ମନୋନୀତ ହୋଇ ୧୦ଗ୍ରାମ ଓଜନର ଏକ ସୁନା କଏନ୍ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେତାମାନେ କହିଛନ୍ତି, ମନୋରଞ୍ଜନ ସହ ଏପରି ପ୍ରତିଯୋଗିତାର ଆୟୋଜନ କରିବା ଦ୍ୱାରା ଜୀ-ସାର୍ଥକ ଦର୍ଶକମାନଙ୍କ ପାଇଁ ଏକ ନୂଆ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ସହ ଆହୁରି ଅଧିକ ଦର୍ଶକଙ୍କ ଆଦୃତ ହୋଇପାରିଛି ଏବଂ ଦର୍ଶକଙ୍କ ମନ ଜିଣିଛି।




ଦୀପାବଳିରେ ସୁନାର ବର୍ଷା ପ୍ରତିଯୋଗିତାର ବିଜେତା ଚପଳା ସ୍ୱାଇଁଙ୍କୁ ଜୀ ସାର୍ଥକର ବରିଷ୍ଠ ଅଧିକାରୀ ସୁନାମୁଦ୍ରାର ଲକି କୁପନ ପ୍ରଦାନ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୧୪ ରୁ ୨୩ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୫ ରୁ ରାତି ୧୦ ମଧ୍ୟରେ ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ଦିଦି ନମ୍ବର ୱାନ୍, ବିଜୟିନୀ, ଝିଲି, ସୁନା ଝିଅ ସାଥିରେ, ମା ଯାହାର ସାହା, ସର୍ବଜିତା ଅନୁ, ଭୋଳା ଓ ସା ରେ ଗା ମା ପା ସ୍ୱରର ମହାମଞ୍ଚ ଆଦି ଧାରାବାହିକ ସମୟରେ ପ୍ରଶ୍ନଗୁଡିକ ପଚରାଯାଇଥିଲା। ଅପରପକ୍ଷରେ ମନୋରଞ୍ଜନର ନୂଆ ନୂଆ ରୂପ ସହ ଆଗାମୀ ଦିନରେ ଜୀ-ସାର୍ଥକ ଏଭଳି ଆହୁରି ଅନେକ ପ୍ରକାର ପ୍ରତିଯୋଗିତା ନେଇ ଆସିବ ବୋଲି ଜୀ-ସାର୍ଥକ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

## ‘ଉତ୍ପାଦନ,ବଜାର ଉପଯୋଗିତାକୁ ଗୁରୁତ୍ୱ’

ଭୁବନେଶ୍ୱର,୭।୧୨

ବର୍ତ୍ତମାନ ସମୟରେ ଗୋପାଳନ ସଂଖ୍ୟା ହ୍ରାସ ପାଉଥିବାରୁ ଅନେକ ପ୍ରକାର ସମସ୍ୟା ଦେଖାଦେଉଛି। ବିଶେଷ କରି ଗୋସମ୍ପଦ ଓ ଉତ୍ପାଦର ପରିମାଣରେ ହ୍ରାସ ପାଇବାରେ ଲାଗିଛି। ଏପରିକି ଗୋପାଳନ ସହ ଦୁଗ୍ଧ ଉତ୍ପାଦନ ଓ ବଜାର ଉପଯୋଗିତାକୁ ଗୁରୁତ୍ୱ ଦେବାକୁ ଡ. ଦିଲୀପ ରଥ ଏକ ଗବେଷଣାତ୍ମକ କର୍ମଶାଳାରେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ , ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦର ଅଧ୍ୟକ୍ଷ ଦିଲୀପ ରଥଙ୍କୁ ନିକଟରେ ଗୁଜରାଟର ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟ ବଲ୍ଲଭ ବିଦ୍ୟାନଗର ଦ୍ୱାରା ମ୍ୟାନେଜମେଣ୍ଟରେ ପିଏଚ୍.ଡି. ଡିଗ୍ରୀ ପ୍ରଦାନ କରାଯାଇଛି। ତାଙ୍କର ଗବେଷଣା ବିଷୟ ଥିଲା ‘ଭାରତର ଚୟନିତ ଅଞ୍ଚଳରେ ଉତ୍ପାଦକ ଅନୁଷ୍ଠାନ ଓ ନୀତି ପରିବେଶକୁ ସକ୍ଷମ କରି ଡେରୀ ବିକାଶ ଜରିଆରେ ଜୀବିକା ସୃଷ୍ଟି କରିବା’ ଗ୍ରାମୀଣ ଦୁଗ୍ଧଚାଷୀଙ୍କ ଜୀବିକା ସମସ୍ୟାକୁ ପରିଚାଳନା କରିବାରେ ଉକ୍ତ ଗବେଷଣା ବେଶ୍ ସହାୟକ ହେବ। ରଥଙ୍କ ଅନୁସନ୍ଧାନ ଗ୍ରାମୀଣ ଜୀବିକାର ଉତ୍ସ ତଥା ଦୁଗ୍ଧ ଉତ୍ପାଦନକାରୀଙ୍କ ପାଇଁ ନ୍ୟାୟପୂର୍ଣ୍ଣ ତଥା ସ୍ୱଚ୍ଛ ଆନୁଷ୍ଠାନିକ ସରଞ୍ଜାମର ଆବଶ୍ୟକତା ଭାବେ ଗୁରୁତ୍ୱ ଦେବ। ଗତ ଦଶନ୍ଧି ମଧ୍ୟରେ ଦୁଗ୍ଧ ବିକାଶ ସହ ତାଙ୍କର କାର୍ଯ୍ୟଧାରା ଅନୁଭୂତିରୁ ସେ ବହୁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ଉପସ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉଚ୍ଚତର ଶିକ୍ଷା ଶେଷ ପରେ ରଥ ୧୯୭୯ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ପଶ୍ଚିମବଙ୍ଗ, ଓଡ଼ିଶା ସମେତ କେନ୍ଦ୍ର ସରକାରଙ୍କ ନିକଟରେ ମଧ୍ୟ ଦୀର୍ଘ ବର୍ଷ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ଏନ୍‌ଡିଡିବି ବୋର୍ଡର ଅଧ୍ୟକ୍ଷ ଥିଲେ। ଏହା ସହ ମଦର ଡେରୀ ଫ୍ରୁଟ୍ ଓ ଭେଜିଟେବୁଲ ପ୍ରା.ଲିଃ, ଇଣ୍ଡିଆନ ଇମ୍ୟୁନୋଲୋଜିକାଲ ଲିଃ, ଏନ୍‌ଡିଡିବି ଡେରୀ ସର୍ଭିସେସ୍, ଆଇଡିଏମସି ଲିଃ ଓ ପ୍ରିଷ୍ଟାଇନ ବାୟୋଲୋଜିକାଲ ଲିଃରେ କାର୍ଯ୍ୟ ମଧ୍ୟ କରିଛନ୍ତି। ରଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦରେ ୨୦୧୭ ଠାରୁ ଯୋଗଦେଇ ଚେୟାରମ୍ୟାନ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ରଚିତ ଅନେକ ମୂଲ୍ୟବାନ୍ ପୁସ୍ତକ ବହୁ ଆଦୃତି ଲାଭ କରିଛି।

ଫୁର୍‌ସତ୍

## ମାଛି ପାଇଁ ହୋଇପାରୁନି ବାହାଘର

ଲକ୍ଷ୍ନୌ





ଉତ୍ତର ପ୍ରଦେଶର ଅହିରୋରି ବ୍ଲକ୍ ଅନ୍ତର୍ଗତ ହାରଦୋଇ ଗ୍ରାମ ଏବେ ବୋହୂ ଶୂନ୍ୟ ହୋଇପଡ଼ିଛି । ଗ୍ରାମରେ ବିବାହଯୋଗ୍ୟ ଥିବା ଯୁବକଙ୍କୁ ଝିଅ ମିଳୁନାହାନ୍ତି। ତେବେ ଏ ପ୍ରକାର ସମସ୍ୟାର କାରଣ ସାଜିଛନ୍ତି ମାଛି। ହାରଦୋଇ ଗ୍ରାମରେ ମାଛିଙ୍କ ମାତ୍ରା ଏତେ ବଢ଼ିଯାଇଛି ଯେ ସେଠାରେ ଲୋକେ ରହିବା ଏବେ କଷ୍ଟକର ହୋଇପଡ଼ିଛି।

ଗତବର୍ଷ ଗ୍ରାମର ୩ ଯୁବକ ଓ ୪ ଜଣ ଝିଅଙ୍କ ବାହାଘର ହୋଇଥିଲା। ଯେଉଁ ଯୁବକମାନଙ୍କ ବାହାଘର ହୋଇଥିଲା ତାଙ୍କ ସମସ୍ତଙ୍କ ସ୍ତ୍ରୀମାନେ ଏବେ ନିଜ ନିଜ ବାପଘରକୁ ଫେରିଯାଇଛନ୍ତି। ତାଙ୍କୁ ଯେତେ ବୁଝାଶୁଝା କଲେ ସୁଦ୍ଧା ଶାଶୁଘରକୁ ସେମାନେ ଫେରିବାକୁ ଅରାଜି। ଯଦି ସ୍ୱାମୀମାନେ ହାଇଦୋଇ ଗ୍ରାମ ଛାଡ଼ି ଅନ୍ୟତ୍ର ଯାଇ ରହିବେ ତେବେ ସେମାନେ ତାଙ୍କ ନିକଟକୁ ଫେରିବା ଲାଗି ସର୍ତ୍ତ ରଖୁଛନ୍ତି। ଅହିରୋରି ବ୍ଲକ୍ ଅନ୍ତର୍ଗତ ବଧାଇୟାନ ପୁରୱା, କୁୟିଆନ, ପଡି, ଦାହି ସାଲେମପୁର, ଫତେହପୁର ଇତ୍ୟାଦି ଗ୍ରାମରେ ଏବେ ମାଛିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଗ୍ରାମ ସରପଞ୍ଚ ବିକାଶ କୁମାରଙ୍କ କହିବା ଅନୁସାରେ ୨୦୧୪ରେ ଗାଁ ପାଖରେ ଏକ କୁକୁଡ଼ା ଫାର୍ମ ତିଆରି ହେବା ପରଠାରୁ ହାରଦୋଇ ଏବଂ ଏହାର ଆଖପାଖ ଅଞ୍ଚଳଗୁଡ଼ିକରେ ମାଛିଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଥିଲା। ତେବେ ମାଛିକୁ କେନ୍ଦ୍ରକରି ଚଳିତବର୍ଷ ଗ୍ରାମରେ ଗୋଟିଏ ବି ବାହାଘର ହୋଇ ନାହିଁ।

## ସବୁଠୁ ଲୋକପ୍ରିୟ ଧନୁଷ

ନୂଆଦିଲ୍ଲୀ

ଇଣ୍ଟରନେଟ୍ ମୁଭି ଡେଟାବେସ୍ (ଆଇଏମ୍‌ଡିବି) ପକ୍ଷରୁ ଚଳିତବର୍ଷର ଲୋକପ୍ରିୟ ତାରକା ସୂଚୀର ଶୀର୍ଷରେ ସାଉଥ ଇଣ୍ଡିଆନ୍ ଫିଲ୍ମ ସୁପରଷ୍ଟାର ଧନୁଷ ରହିଛନ୍ତି। ଗତ ଜୁଲାଇ ୨୨ରେ ରିଲିଜ୍ ହୋଇଥିବା ହଲିଉଡ୍ ଫିଲ୍ମ ‘ଗ୍ରେ ମ୍ୟାନ୍’ରେ ଧନୁଷ୍‌ଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରିଥିବା ଜଣାପଡ଼ିଛି। ସବୁଠାରୁ ପପୁଲାର ଷ୍ଟାର ସୂଚୀର ଦ୍ୱିତୀୟ ସ୍ଥାନରେ ଆଲିଆ ଭଟ୍ଟ ଥିବାବେଳେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ରାମ ଚରଣ ରହିଛନ୍ତି। ସେହିପରି ବାହୁବଳି ଫେମ୍ ପ୍ରଭାସ ପଞ୍ଚମ ସ୍ଥାନରେ ରହିଥିବାବେଳେ ୱାର୍ଲ୍ଡର ସବୁଠାରୁ ହ୍ୟାଣ୍ଡସମ୍ ହଙ୍କ କୁହାଯାଉଥିବା ହ୍ରିତିକ ରୋଶନ୍ ଷଷ୍ଠ ସ୍ଥାନରେ ରହିଛନ୍ତି। ଆଇଏମ୍‌ଡିବି ଏହି ସୂଚୀକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛି। ଦେଶବାସୀଙ୍କୁ ଯାହାର ଅପେକ୍ଷା ଥିଲା, ତାହା ଏବେ ପ୍ରକାଶ ପାଇଯାଇଛି ବୋଲି କ୍ୟାପ୍‌ସନ୍‌ରେ ଲେଖାଯାଇଥିଲା।



## ଗାଡ଼ିରେ ତେଲ ଭରିବାକୁ ଯାଇ ୮ କୋଟିର ଲଟେରି

ୱାଶିଂଟନ୍

ଗାଡ଼ିରେ ତେଲ ଭର୍ତ୍ତି କରିବାକୁ ଯାଇଥିବା ଆମେରିକାର ଜଣେ ମହିଳା ଲଟେରି ଟିକେଟ୍ କିଣି ମାଲାମାଲ ହୋଇଛନ୍ତି। ରିପୋର୍ଟ ମୁତାବକ, ନର୍ଥ କାରୋଲିନାରେ ରହିଥିବା ଜଣେ ମହିଳା ଲୋରା କିନ୍ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଶପିଂ କରିବାକୁ ଯାଇଥିଲେ। ଯିବା ସମୟରେ ତାଙ୍କ ଗାଡ଼ିରେ ତେଲ କମ୍ ଥିବାରୁ ସେମାନେ ସେହି ଅଞ୍ଚଳର ଏକ ପେଟ୍ରୋଲ ପମ୍ପରେ ପହଞ୍ଚିଲେ। ସେଠାରେ ତେଲ ଭରିବା ସମୟରେ ଲୋରା ଏକ ଲଟେରି ଟେକେଟ୍ କିଣିଥିଲେ। ଏହାର କିଛି ସମୟ ମଧ୍ୟରେ ସେ ସେହି ଲଟେରି ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜିତିଥିବା ଜାଣିବାକୁ ପାଇଲେ। ଏହା ଜାଣି ସେ ଅତ୍ୟନ୍ତ ଖୁସି ହୋଇପଡିଥିଲେ। ତାଙ୍କ ଗାଡ଼ିରେ କମ୍ ତେଲ ଥିବାରୁ ସେମାନଙ୍କୁ ଏହି ଲଟେରି ମିଳିଥିବା ଜଣାପଡିଛି।

## ବ୍ୟୁଟି ପାଇଁ ମେନ୍‌ଷ୍ଟ୍ରୁରାଲ୍ ମାସ୍କିଂ



ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ଅନେକ ସମୟରେ ବିଭିନ୍ନ ପ୍ରକାରର ଟ୍ରେଣ୍ଡ ଚାଲିଥିବା ଦେଖିବାକୁ ମିଳେ। ବର୍ତ୍ତମାନ ସୋସିଆଲ ମିଡିଆରେ ମେନ୍‌ଷ୍ଟ୍ରୁରାଲ୍ ମାସ୍କିଂ ଭଳି ହାସ୍ୟାସ୍ପଦ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏଥିରେ ୧୧ ଲକ୍ଷ ଲୋକ ସାମିଲ ହୋଇଥିବା ଜଣାପଡିଛି, ଯାହା ସମସ୍ତଙ୍କୁ ଚକିତ କରିଛି। ରିପୋର୍ଟ ମୁତାବକ, ଟ୍ରେଣ୍ଡ ଅନୁସାରେ ମହିଳାଙ୍କ ଋତୁସ୍ରାବ ସମୟରେ ନିର୍ଗତ ହେଉଥିବା ରକ୍ତକୁ ମହିଳା ମୁହଁରେ ଫେସ୍ ମାସ୍କ ଭାବେ ବ୍ୟବହାର କରୁଛନ୍ତି। ଯାହାକି ମୁହଁର ବ୍ୟୁଟି ପାଇଁ ଏକ ବିକଳ୍ପ। ଏଥିରେ ଜରୁରୀ ପୋଷକତତ୍ତ୍ୱ ରହିଛି। ଏପରି କିଛି ଇନ୍‌ଫ୍ଲୁଏନ୍‌ସରଙ୍କ କଥାରେ ବିଶ୍ୱାସ କରି ଅନେକ ମହିଳା ଏପରି କରୁଥିବା ଦେଖିବାକୁ ମିଳିଛି। ତେବେ ଏଥିରେ ଜଣେ ଏହାର କୌଣସି ବୈଜ୍ଞାନିକ ପ୍ରମାଣ ନ ଥିବା କହିଛନ୍ତି। ଏପରି କରିବା କ୍ଷତିକାରକ ହୋଇପାରେ ବୋଲି ଅନେକ ଡାକ୍ତର ମତ ରଖିଛନ୍ତି। ହେଲ୍‌ଥ ରିପୋର୍ଟ ଅନୁସାରେ, ଋତୁସ୍ରାବଜନିତ ରକ୍ତରେ ଅନେକ ସେଲ୍ୟୁଲାର ଡେବ୍ରିସ୍, ୟୁଟେରାଇନ ଟିସ୍ୟୁ, ବ୍ୟାକ୍ଟେରିଆ ରହୁଛି, ଯାହାକି ତ୍ୱଚା ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ତ୍ୱଚାର ଯତ୍ନ ନେବାର ଅଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବାକୁ ଜଣେ ଡାକ୍ତର କହିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର ଚାପାରେ ୬ ବର୍ଷର ଶିଶୁକନ୍ୟା ମୃତ

**ଚନ୍ଦାହାଣ୍ଡି, ୭।୧୨(ଡି.ଏନ୍.ଏ.):** ଜମିରୁ ମକା ଫସଲ କଟାଗଲା। ସେ ସବୁକୁ ଘରକୁ ଆଣିବାକୁ ଟ୍ରାକ୍ଟରରେ ଲୋଡ୍ ହେଲା। ମକା ବୋଝେଇ ଟ୍ରାକ୍ଟରରେ ବସି ଘରକୁ ଯିବାକୁ ବାହାରିଲେ ୬ବର୍ଷର ରାଜେଶ୍ୱରୀ। କିନ୍ତୁ ଏହା ଥିଲା ତାଙ୍କ ଶେଷ ଯାତ୍ରା। ଘରେ ପହଞ୍ଚିପାରିଲେ ନାହିଁ ରାଜେଶ୍ୱରୀ। ବାଟରେ ଟ୍ରାକ୍ଟର ଚକାତଳେ ଚାପିହୋଇ ଚାଲିଗଲା ତାଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଫଟକି ଗ୍ରାମରେ। ମୃତକ ହେଲେ ଫଟକି ଗ୍ରାମର ଚରଣ ମାଝିଙ୍କ ଝିଅ ରାଜେଶ୍ୱରୀ (୬)। ସୂଚନାନୁଯାୟୀ, ଫଟକି ଗ୍ରାମର ଚରଣ ମାଝି ନିଜ ଜମିର ମକା ଫସଲକୁ ଗ୍ରାମର ତ୍ରିଲୋଚନ ମାଝିଙ୍କ ଟ୍ରାକ୍ଟର (ଓଡି-୨୪ଏଫ୍- ୪୧୦୦)ରେ ଘରକୁ ଆଣୁଥିଲେ। ଫଟକି ଗ୍ରାମର ଡାଙ୍ଗିଆପଡା ପାଖରେ ଏକ ଖାଲରେ ଗାଡ଼ି ଦୋହଲିବା ଫଳରେ ରାଜେଶ୍ୱରୀ ଖସିପଡି ଟ୍ରାକ୍ଟର ଚକ ତଳେ ଚାପିହୋଇ ଘଟଣା ସ୍ଥଳରେ ପ୍ରାଣ ହରାଇଥିଲେ। ପରିବାର ଲୋକେ ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟ୍ରାକ୍ଟର ଡ୍ରାଇଭର ଉମେଶଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ନଂ. ୧୫୩/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି।

### ବ୍ୟବସାୟୀଙ୍କଠାରୁ ୧.୩ ଲକ୍ଷ ଲୁଟ୍

**ବଲ୍ଲଣା, ୭।୧୨(ଡି.ଏନ୍.ଏ.):** ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳରେ ବୁଧବାର ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଭୟଦେଖାଇ ଜଣଙ୍କର ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ଶିକାର ହୋଇଥିବା ବିଜୟ କୁମାର ସାହୁ ଏ ନେଇ ବଲ୍ଲଣା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ବିଜୟ ଅପରାହ୍ଣରେ ବଲ୍ଲଣା ଷ୍ଟେଟବ୍ୟାଙ୍କରୁ ୧ ଲକ୍ଷ ୩୦ ହଜାର ଟଙ୍କା ଉଠାଇ ବାଇକରେ ଶରଧାମୁଣ୍ଡା ନିକଟ ନିଜ ଘରକୁ ଯାଉଥିଲେ। ଶରଧାମୁଣ୍ଡାଠାରେ ଏକ ନିଛାଟିଆ ସ୍ଥାନରେ ଦୁଇ ଜଣ ଅଭିଯୁକ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଏହାପରେ ଡିକିରେ ରଖିଥିବା ଟଙ୍କା ନେଇ ଚମ୍ପଟ ମାରିଥିଲେ।

# ଡିଇଇ ପରେ ଏବେ ଏଚ୍‌ଏସ୍‌ଇ

## ଚପିଗଲା ନକଲି ଶିକ୍ଷକ ମାମଲା

- ■ପିଜି ମାର୍କଶିଟରେ ଚଞ୍ଚକତା
- ■କାର୍ଯ୍ୟାନୁଷ୍ଠାନ ପାଇଁ ଏଚ୍‌ଏସ୍‌ଇ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୭।୧୨**

ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ବିଏଡ୍/ସିଟି ଡିଗ୍ରିଧାରୀ ଏବଂ ନକଲି ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ପାଇବା ଏବେ ସାଧାରଣ କଥା ହୋଇଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ବାରମ୍ବାର ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀମାନଙ୍କୁ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ଏପରିକି ଗତ ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ଏହି ନକଲି ଶିକ୍ଷକ ମାମଲା ତଦନ୍ତ କିମ୍ବା ନିର୍ଦ୍ଦେଶ ମଧ୍ୟ ଚପି ଯାଇଛି। କେବଳ ଡିଇଇସ୍ତରରେ ନୁହେଁ, ଏବେ ଉଚ୍ଚଶିକ୍ଷା ବିଭାଗରେ ସ୍ନାତକୋତ୍ତର(ପିଜି/ଏମ୍‌ଏ) ପରୀକ୍ଷା ମାର୍କସିଟକୁ ଚଞ୍ଚକତା କରି ଅଧ୍ୟାପକ ସାଜିଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ନିବେଦିତା ମିଶ୍ର ୨୨।୧୧।୨୦୨୨ରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ (ଏଚ୍‌ଏସ୍‌ଇ)ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟର ୨୫ ଜିଲାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଗତ ଜୁନରେ ୪୯୮ ଜଣ ଅଭିଯୁକ୍ତ ନକଲି ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଚିହ୍ନଟ କରାଯାଇଥିଲା। ସଂପୃକ୍ତ ନକଲି ଶିକ୍ଷକଙ୍କ ସମସ୍ତ ପ୍ରମାଣପତ୍ର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଜିଲା ଶିକ୍ଷାଧିକାରୀ(ଡିଇଓ), ଜିଲା ପ୍ରକଳ୍ପ ଅଧିକାରୀ(ଡିପିସି) ଓ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ର ଯୁଗ୍ମ ନିର୍ଦ୍ଦେଶକ ଗୌରିଶଙ୍କର ନାୟକ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୫ ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ ହୋଇଥିଲା। ଉକ୍ତ ନିର୍ଦ୍ଦେଶରେ ତାଲିକା ବାହାରେ ରହିଥିବା ଅଭିଯୁକ୍ତ ଶିକ୍ଷକଙ୍କ ସଂକ୍ରାନ୍ତରେ ମଧ୍ୟ ସୂଚନା ଦେବାକୁ ଦର୍ଶାଯାଇଥିଲା। ତେବେ ଗତ ୫ ବର୍ଷ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ଥର) ଡିଇଓମାନଙ୍କୁ କାର୍ଯ୍ୟରତ ନକଲି ଶିକ୍ଷକଙ୍କ ସର୍ଟିଫିକେଟରେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଅଭିଯୁକ୍ତ ନକଲି ଶିକ୍ଷକଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରି ଓସିଏସ୍(ସିସିଏ) ଆଇନ-୧୯୬୨ର ଧାରା ୧୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସ୍ଥାନୀୟ ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ରାଜନୈତିକ ଚାପରେ କିମ୍ବା ନକଲି ଶିକ୍ଷକଙ୍କ ସହ ଭିତିରିଆ ବୁଝାମଣା କରି ଉକ୍ତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଫାଇଲ ଭିତରେ ଚାପି ଦିଆଯାଇଛି। ଫଳରେ ନକଲି ଶିକ୍ଷକ ସମସ୍ତ ସରକାରୀ ସୁବିଧା ସୁଯୋଗ ହାସଲ କରୁଥିବାବେଳେ ମେଧାବୀ ଛାତ୍ରୀଛାତ୍ର ବେକାର ହୋଇ ଜୀବନ ଅତିବାହିତ କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୫ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୨୦୭୧୦/ ୩୦।୧୧।୨୦୧୫ରେ ରାଜ୍ୟରେ କାର୍ଯ୍ୟରତ ନକଲି ପ୍ରମାଣପତ୍ର ଦାଖଲ କରି ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ସବିଶେଷ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୭ ବର୍ଷ ହେଲା ନକଲି ଶିକ୍ଷକ ଚିହ୍ନଟ ଚାଲିଛି। ଡିଇଓମାନେ ବିଭିନ୍ନ ଆଳ ଦେଖାଇ ତଦନ୍ତ ଚାଲିଛି ବୋଲି ଉତ୍ତର ଦିଆଯାଉଛି। ଏଠାରେ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାର କେବଳ କୋରେଇ ବ୍ଲକରେ ୭୦ରୁ ଊର୍ଦ୍ଧ୍ୱ ଶିକ୍ଷକ ନକଲି ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗ ହେଉଛି। ବ୍ୟାସନଗର ତହସିଲ ଅଧୀନ ଅସନଝର ମୌଜାର ଜଣେ ଶିକ୍ଷକ କେନ୍ଦୁଝର ଜିଲା ଘସିପୁରା ତହସିଲ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଧୁକେଶରୀ ମୌଜାରେ ୨ ଡିସିମିଲ ବିଶିଷ୍ଟ ଘରବାଡିର ଜମିପଟ୍ଟା ନେଇ ସେଥିରେ ଶବର ଜାତି ଦର୍ଶାଇଛନ୍ତି। ସେହି ଜମି ପଟ୍ଟା ବଳରେ ଆଦିବାସୀ ପ୍ରମାଣପତ୍ର ହାସଲ କରି ଗଜପତି ଜିଲାର ଆର.ଉଦୟଗିରି ବ୍ଲକର ଏକ ସ୍କୁଲରେ ଶିକ୍ଷକତା କରୁଥିବା ଅନେକ ଥର ଅଭିଯୋଗ ହେଉଛି। ତେବେ ଉକ୍ତ ଶିକ୍ଷକଙ୍କୁ ଜଣେ ପ୍ରଭାବଶାଳୀ ନେତାଙ୍କ ଆଶୀର୍ବାଦ ରହିଥିବାରୁ ବିଭାଗୀୟ ତାଲିକାରୁ ନାମ କାଟି ଦିଆଯାଇଥିବା ଅଭିଯୋଗ ହେଉଛି। ଏଭଳି ଭାବେ ଚିହ୍ନଟ ହୋଇଥିବା ଅନେକ ନକଲି ଶିକ୍ଷକ କଳେବଳେ କୌଶଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ହାତକରି ଚାକିରି କରୁଥିବା ଚର୍ଚ୍ଚା ହେଉଛି।

ଏବେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ମାନ୍ଧାତା ବାବା ଉଚ୍ଚ ପ୍ରାଥମିକ ସ୍କୁଲରେ ଜଣେ ବ୍ୟକ୍ତି ତାଙ୍କ ପିଜି/ଏମ୍‌ଏ ମାର୍କଶିଟକୁ ଚଞ୍ଚକତା କରି ଚଞ୍ଚକତା କରି ଅଧ୍ୟାପନା କରୁଥିବା ଜଣାପଡ଼ିଛି। ମାନେଶ୍ୱର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହେବା ପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡେପୁଟି କଣ୍ଟ୍ରୋଲର ଅଫ୍ ଏକ୍‌ଜାମିନେଶନଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ରିପୋର୍ଟ ଅନୁସାରେ ୧୯୯୮ରେ ପାସ୍ କରିଥିବା ଉକ୍ତ ଅଧ୍ୟାପକଙ୍କ ମାର୍କଶିଟ୍‌ରେ ପେପର-୨ ଓ ପେପର-୩ରେ ଯଥାକ୍ରମେ ୪୮ ଓ ୪୩ ମାର୍କ ରହିଛି। କିନ୍ତୁ ପରବର୍ତ୍ତୀ ସମୟରେ ଏହା ଯଥାକ୍ରମେ ୬୬ ଓ ୬୫ ମାର୍କ କରାଯାଇଛି। ୨୦୧୪ରେ ବ୍ଲକ ଗ୍ରାଣ୍ଟ ମଞ୍ଜୁର ହେବାକୁ ଅଧ୍ୟାପକଙ୍କ ୫୫% ମାର୍କର ଆବଶ୍ୟକତା ରହିଥିବାରୁ ଏଭଳି ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଯାଜପୁର ଜିଲାର ୩ ଜଣ ଅଧ୍ୟାପକ ଚଞ୍ଚକତା କରି ବ୍ଲକ ଗ୍ରାଣ୍ଟ ପାଉଥିବା ଅଭିଯୋଗ ଉପରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଡେପୁଟି ସେକ୍ରେଟାରୀ ୭।୧୨।୨୦୨୨ରେ ଆବଶ୍ୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଓ ଗଣ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଆରଟିଆଇ(ସୂଚନା ଅଧିକାର ଆଇନ) ତଥ୍ୟ ବଳରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ପଲ୍ଲୀଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ୩ ଜଣ ଅଧ୍ୟାପକ ଚଞ୍ଚକତା କରି ନିଯୁକ୍ତି ପାଇଥିବା ଜଣାପଡିଥିଲା। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବସନ୍ତ କୁମାର ବିଶ୍ୱାଳ ଉଚ୍ଚ ମାଧ୍ୟମିକ ଶିକ୍ଷା(ଏଚ୍‌ଏସ୍‌ଇ) ନିର୍ଦ୍ଦେଶକଙ୍କୁ ଗତ ୨୫।୧୧।୨୦୨୨ରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ମାମି ବଳୱନ୍ତ ରାୟ ୧୯୯୮ରେ ପିଜି(ପୋଷ୍ଟ ଗ୍ରାଜୁଏଟ) ଶିକ୍ଷା ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ ସେ ପଲ୍ଲୀଶ୍ରୀ ମହିଳା କଲେଜରେ ପିଜି ଶିକ୍ଷା ପାଇବାର ୨ ବର୍ଷ ପୂର୍ବରୁ ୨୦।୧୨।୧୯୯୬ରେ ଅଧ୍ୟାପିକା ଭାବେ ଯୋଗଦେଇଥିଲେ। ଏହାସହ ଅଧ୍ୟାପିକା ପଦବୀ ପାଇଁ ଅନ୍ୟୁନ୍ୟ ୫୫% ମାର୍କର ଆବଶ୍ୟକତା ରହିଥିବାବେଳେ ସେ ପିଜି ପରୀକ୍ଷାରେ ୫୪.୩୭% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତେଣୁ ବିଭାଗୀୟ ଯାଞ୍ଚରେ ସେ କିପରି ରକ୍ଷା ପାଇଛନ୍ତି ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଇଂଲିଶ ଅଧ୍ୟାପକ ଭାବଗ୍ରାହୀ ମହାରଣାଙ୍କ ନିଯୁକ୍ତିକୁ ନେଇ କଲେଜର ପରିଚାଳନା କମିଟିର ସମ୍ପାଦକ ୨୦୦୯ରେ ଏ ଫର୍ମରେ ସୁପାରିଶ କରି ନ ଥିଲେ। ଅନ୍ୟଜଣେ ଇଂଲିଶ ଅଧ୍ୟାପକ ତାଙ୍କ ନାମକୁ ଏ ଫର୍ମରେ ସୁପାରିଶ କରିଥିବା ଆରଟିଆଇ ତଥ୍ୟରେ ଜଣାପଡିଥିଲା। ଏହାସହ ଅଧ୍ୟାପକ ମହାରଣା ୨୦୦୮ ରୁ ୨୦୧୨ ପଯର୍ୟନ୍ତ ଗଙ୍ଗପଡା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଇଞ୍ଜିନିୟରିଂ କଲେଜରେ ଇଂଲିଶ ବିଭାଗର ମୁଖ୍ୟ ଭାବେ ଚାକିରି କରୁଥିଲେ। କିନ୍ତୁ ଏହି କଲେଜରେ ତାଙ୍କୁ ୨୦୦୯ରେ କିପରି ନିଯୁକ୍ତି ମିଳିଲା ବୋଲି ପ୍ରଶ୍ନ ହୋଇଛି। ଏହାସହ ମହାରଣା ପିଜି ପରୀକ୍ଷାରେ ଆବଶ୍ୟକତା ଠାରୁ ବହୁତ କମ ତଥା ୫୧% ମାର୍କ ପାଇଛନ୍ତି। ଇତିହାସ ବିଭାଗର ଅଧ୍ୟାପିକା ନିରୁପମା ରାଉତଙ୍କ ନାମ ଏ ଫର୍ମରେ ସୁପାରିଶ କରା ଯାଇନାହିଁ। ଏହିମର୍ମରେ ଅନ୍ୟ ଜଣେ ଅଧ୍ୟାପିକା ସୁଚିତ୍ରା ମହାପାତ୍ର ଏଚ୍‌ଏସ୍‌ଇ ନିର୍ଦ୍ଦେଶକଙ୍କୁ ୫।୮।୨୦୨୨ ଓ ୨୪।୯।୨୦୨୨ରେ ଅଭିଯୋଗ କରିଛନ୍ତି।

# ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଭିଜିଲାନ୍ସ ଚଢ଼ାଉ



ବ୍ୟାଙ୍କ ପରିସରରେ ଭିଜିଲାନ୍ସ ଅଧିକାରୀ ଖାତାପତ୍ର ଯାଞ୍ଚ କରୁଛନ୍ତି।

## ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କୃଷିଋଣ ଦୁର୍ନୀତି

**ଝାରସୁଗୁଡ଼ା ଅଫିସ୍/ବେଲପାହାଡ,୭।୧୨**

କୃଷିଋଣ ଦୁର୍ନୀତି ନେଇ ଭିଜିଲାନ୍ସ ବିଭାଗ ତରଫରୁ ବୁଧବାର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବେଲପାହାଡ ଶାଖାରେ ଚଢାଉ କରାଯାଇଛି। ୩୭ଜଣ ଚାଷୀଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତକରି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ କରାଯାଇଛି। ଏଥିରେ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଓ କ୍ୟାଶିୟର ସମ୍ପୃକ୍ତ ରହିଥିବା ଜଣାପଡିଛି। ୨ଜଣ ସାକ୍ଷୀ ତପନ ପ୍ରଧାନ ଓ ଡିଲେଶ୍ୱର ପ୍ରଧାନଙ୍କ ଦସ୍ତଖତ ଚାଷୀଙ୍କ ଋଣ ଉଠାଣ କାଗଜପତ୍ରରେ ଉଲ୍ଲେଖ ରହିଛି। ପୂର୍ବରୁ ଚାଷୀଙ୍କ ନିକଟରୁ ଏଭଳି ଅଭିଯୋଗ ପାଇବାପରେ ଭିଜିଲାନ୍ସ ବିଭାଗ ତରଫରୁ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରେ ଜଣାପଡିଥିଲା ୧୫ଜଣ ହିତାଧିକାରୀଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତକରି ସେମାନଙ୍କ ଅଜାଣତରେ ୭ଲକ୍ଷ ୪୧ହଜାର ଟଙ୍କାର କୃଷିଋଣ ଉଠାଣ କରାଯାଇଛି। ସେହିପରି ଭିଜିଲାନ୍ସ ବିଭାଗର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତପରେ ଆହୁରି ୩୭ଜଣ ହିତାଧିକାରୀଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରାଯାଇ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ କରାଯାଇଥିବା ଜଣାପଡିଛି। ଋଣ ପରିଶୋଧ ପାଇଁ ବ୍ୟାଙ୍କରୁ ସେମାନଙ୍କ ନିକଟକୁ ନାଟିସ୍ ଜାରି ହୋଇଛି। ଋଣ ନ ନେଇ କିପରି ଋଣ ପରିଶୋଧ କରିବେ ସେ ନେଇ ସେମାନେ ଚିନ୍ତାରେ ଅଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ଛୁଆଲିବେର୍ଣ୍ଣା ଗ୍ରାମର ଆନନ୍ଦ ଖମାରୀ।

ସେ କହିଛନ୍ତି, ତାଙ୍କ ନାମରେ ୧ଲକ୍ଷ ୧୦ହଜାର ସମୂଳ ସୁଧ ପରିଶୋଧ ପାଇଁ ବ୍ୟାଙ୍କ ତାଙ୍କୁ ନୋଟିସ୍ କରିଥିଲା। ଏ ନେଇ ସେ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ଜାଣିବାକୁ ପାଇଥିଲେ ତାଙ୍କ ନାମରେ କିଛିବର୍ଷ ପୂର୍ବରୁ ୫୦ହଜାର ଟଙ୍କାର କୃଷିଋଣ ରହିଛି। ସେ ବ୍ୟାଙ୍କରୁ ଋଣ ନେଇ ନ ଥିବା ମ୍ୟାନେଜରଙ୍କୁ ଜଣାଇଥିଲେ। ଏ ନେଇ ବର୍ତ୍ତମାନର ବ୍ୟାଙ୍କ ମ୍ୟାନେଜର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗ ଖୋଳତାଡ କରିବାପରେ ବଡ ଦୁର୍ନୀତି ହୋଇଥିବା ଜାଣିବାକୁ ପାଇଛି। ଏ ନେଇ ତଦନ୍ତକାରୀ ଅଧିକାରୀ ରାଉରକେଲା ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକ କହିଛନ୍ତି, ୩୭ଜଣ ହିତାଧିକାରୀଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରାଯାଇ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଯାଇଛି। ତଦନ୍ତ ପରେ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଏଥିରେ ଅବସରପ୍ରାପ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଓ କ୍ୟାଶିୟର ପ୍ରମୁଖ ଏକ ର୍ୟାକେଟ୍ ସମ୍ପୃକ୍ତ ରହିଛି। ବହୁଶୀଘ୍ର ଏହାର ପର୍ଦ୍ଦାଫାଶ କରାଯିବ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଚଢାଉରେ ରାଉରକେଲା ଭିଜିଲାନ୍ସ ଡିଏସ୍‌ପି ନାୟକ, ଇନ୍ସପେକ୍ଟର ସସ୍ମିତା ରଙ୍ଗୋଲି, ଏଏସ୍‌ଆଇ ଜିତେନ୍ଦ୍ର କୁମାର ଜେନା, କନଷ୍ଟେବଳ ଗୌରୀ ଶଙ୍କର ମେହେର ପ୍ରମୁଖ ସାମିଲ ହୋଇଥିଲେ।

# ମାଈ ହାତୀର ଗଳିତ ମୃତଦେହ ଜବତ

## ୩ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ସନ୍ଦେହ

**ସମ୍ବଲପୁର,୭।୧୨(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ପଡ଼ିଆବାହାଲ ରେଞ୍ଜ ଟାମ୍ପରଗଡ଼ ଗ୍ରାମ୍ୟ ଜଙ୍ଗଲରୁ ବୁଧବାର ଏକ ମାଈ ହାତୀର ଗଳିତ ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବନବିଭାଗ ପହଞ୍ଚିଥିଲା। ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ମୃତଦେହକୁ ପୋତି ଦିଆଯାଇଛି। ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହୋଇଥିଲା। ଚିପିଲିମା ପ୍ରାଣୀ ବିଶେଷଜ୍ଞ ଡା. ଶୁଭଙ୍କର ସେଠୀ, ଯୁଯୁମୁରା ଭିଏସ୍ ପଲ୍ଲବି ରାଣୀ ପଟେଲ ବ୍ୟବଚ୍ଛେଦ କରିଥିଲେ। ୩ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ କରିଥିବା ଟିମ୍ ସନ୍ଦେହ କରିଛି। ପାକସ୍ଥଳୀରେ ସମସ୍ୟା ଯୋଗୁ ସେପ୍ଟିସେମିଆ ହୋଇଥିବା ପ୍ରାଥମିକ ରିପୋର୍ଟରୁ ସନ୍ଦେହ କରାଯାଇଛି।



ମାଈ ହାତୀର ମୃତଦେହ

ଏହାସହ ହାତୀର ବୟସ ୨୫ରୁ ୩୦ବର୍ଷ ହେବ ବୋଲି ଡିଏଫ୍‌ଓ ନୀଳାମ୍ବର ସୂଚନା ଦେଇଛନ୍ତି। ଆର୍‌ସିସିଏଫ୍ ଅରୁଣ କୁମାର ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଥିଲେ। ପଡ଼ିଆବାହାଲ ରେଞ୍ଜର, ଏସିଏଫ୍ ଓ ଅନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ।

### କୋଲାବ ନଦୀରେ ପଡ଼ି ଯୁବକ ମୃତ

**ପାତ୍ରପୁଟ ବ୍ରିଜ୍‌ରେ ବୁଲେଟ୍-କାର୍ ଦୁର୍ଘଟଣା**

**ଜୟପୁର/ବୈପାରୀଗୁଡ଼ା, ୭।୧୨ (ନି.ପ୍ର./ଡି.ଏନ୍.ଏ.):** ଜୟପୁର ନିକଟ ପାତ୍ରପୁଟ ବ୍ରିଜ୍‌ରେ ବୁଧବାର ଏକ କାର୍ ସହ ବୁଲେଟ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବୁଲେଟ୍ ଚାଳକ କୋଲାବ ନଦୀକୁ ଖସି ପଡ଼ିଥିଲେ। ଦୀର୍ଘ ସମୟ ପରେ ନଦୀରୁ ତାଙ୍କ ମୃତଦେହ ମିଳିଛି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ଟାଗରାବାସା ଅଞ୍ଚଳର ଡି. ପଲିବାବୁ। ପୋଲିସ ସୂଚନାନୁଯାୟୀ, ୩ଟି ବୁଲେଟରେ ୮ଜଣ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରୁ ଛତିଶଗଡ଼ର ଚିତ୍ରକୁଟ ଅଭିମୁଖେ ବାହାରିଥିଲେ। ପାତ୍ରପୁଟ ବ୍ରିଜ୍‌ରେ କାର୍ ସହ ଏକ ବୁଲେଟର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୁଲେଟରେ ବସିଥିବା ଜଣେ ଛିଟିକି ପଡ଼ି କୋଲାବ ନଦୀରେ ପଡ଼ିଯାଇଥିଲେ। ଜୟପୁର ସଦର ପୋଲିସ, ବୈପାରିଗୁଡ଼ା ପୋଲିସ ଓ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ ବିଭାଗ କୋଲାବ ନଦୀରୁ ଯୁବକଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ନାହିଁ। ଏ ନେଇ ବୈପାରୀଗୁଡ଼ା ପୋଲିସ ୨୮୨/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି।


**ODISHA PUBLIC SERVICE COMMISSION CUTTACK**

**NOTICE**

**No.10997/P.S.C., Dt.6.12.22**
**PF-1E-11-2021/22 (DR-III)**

**No.D-241:** It is for information of all concerned that, pursuant to Advt. No.24 of 2021-22, 67 (Sixty-seven) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Economics. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 19.12.2022, 20.12.2022, 21.12.2022 & 22.12.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1. | 19.12.2022 | 10.30A.M. | 00052565, 00124341, 00120710, 00112797, 00119657, 00109128, 00118234, 00119275, 00119824 & 00077914 = **10 candidates** |
| | | 3.00 P.M. | 00031587, 00116675, 00122447, 00120894, 00124272, 00097560 & 00108800 = **07 candidates** |
| 2. | 20.12.2022 | 10.30A.M. | 00108632, 00025347, 00116083, 00120166, 00095664, 00109009, 00095058, 00121909, 00121557 & 00108887 = **10 candidates** |
| | | 3.00 P.M. | 00125435, 00116755, 00122552, 00033721, 00061412, 00120773 & 00121373 = **07 candidates** |
| 3. | 21.12.2022 | 10.30A.M. | 00019651, 00038359, 00123590, 00124280, 00081182, 00132073, 00057866, 00020879, 00109412 & 00117031 = **10 candidates** |
| | | 3.00 P.M. | 00119455, 00122951, 00125802, 00116094, 00114074, 00120444 & 00035847 = **07 candidates** |
| 4. | 22.12.2022 | 10.30A.M. | 00114310, 00125684, 00063018, 00103436, 00066322, 00116901, 00109402, 00033788, 00116337 & 00132485 = **10 candidates** |
| | | 3.00 P.M. | 00122190, 00057576, 00019493, 00021925, 00126684 & 00117528 = **06 candidates** |

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0218/2223** **Sd./- Additional Secretary**



**SURVEY & MAP PUBLICATION**

At-BadaJobra, Po- College Square, Cuttack-753003
Ph-0671-2547057, Mail-surveymappublication@gmail.com

**TENDER CALL NOTICE No. 2000/MP. Dated. 05.12.2022**

**No.F-382:** The Joint Director, Survey & Map Publication, Odisha, Cuttack has invited sealed Tender for Repairing of Printing Machines from the manufacturer/Repairing Firm of India, as per the specification detailed mentioned in the Tender Document of Tender Call Notice No. 2000 dt.05.12.2022. The Tender document will he made available in Odisha Govt. Website www.odisha.gov.in from 08.12.2022 to 02.01.2023 up to 5 PM for download and submission by 03.01.2023 at 2 PM. For details of the terms and conditions, please refer the Tender document.

**Sd./- Joint Director**
**Survey & Map Publication,Odisha, Cuttack**
**OIPR-24043/11/0008/2223**



**GOVERNMENT OF ODISHA, "e"-PROCUREMENT NOTICE**

**WORKS DEPARTMENT**

**E-mail : ceworldbankproiects@gmail.com**
**2nd Bid Identification No. CE-W.B.P. (0) - 22/ 2022 - 23**

**No.B-931:** The bid for the work of IFB of Sl.01 "Construction of H.L. Bridge with approach road over river Brahmani at Siling connecting to Talapada in the District of Angul under State Plan." (Tender ID: 2022_EICCL_82929_1) invited vide Bid Identification No. CE-WBP (0)-22 / 2022-23 is hereby cancelled for better competitive bidding as single bidder found to be responsive in 1st time tender call
All other terms and conditions remain unchanged.

**Sd./- Chief Engineer, World Bank Project, Odisha**
**OIPR-34003/11/0057/2223**



**GOVERNMENT OF ODISHA, "e"-PROCUREMENT NOTICE**

**WORKS DEPARTMENT**

**E-mail: ceworldbankprojects@gmail.com**
No. B-929

**Bid Identification No. CE-W.B.P. (O)-25/2022-23**

1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Road & Bridge works as detailed in the table below:
2. Nature of work : Bridge / Road works
3. No. of work : 04 Nos.
4. Tender cost : Rs.10,000.00
5. Class of Contractor : Special/ Super Class Contractor
6. Available of bid document in the website : From 10.00 AM of 06.12.2022 to 5.00 PM of 30.12.2022
7. Pre-Bid meeting : Dt.13.12.2022 at 11.30 AM
8. Date of opening of Bid : Dt.31.12.2022 at 11.30 AM
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Engineer, World Bank Project, Odisha**
OIPR-34003/11/0055/2223



**OFFICE OF THE EXECUTIVE ENGINEER**
**BHUBANESWAR (R&B) DIVISION NO III, BHUBANESWAR**

**bbsrrandb03@yahoo.com**
**No.B-923:** **60Estg No.8380, Date:01.12.2022**
**Government of Odisha "e"-Procurement Notice No.(48) of 2022-23**

**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Building Work |
| 2 | Total No. of Works | 2 No. Work |
| 3 | Estimated Cost | 1.Rs.52,01,700.00<br>2. Rs.56,12,600.00 |
| 4 | Class of Contractor | 'B' Class |
| 5 | Period of Completion | 6 (Six) Calendar Months |
| 6 | Type of Tender | Double Cover System (Online) |
| 7 | Date & Time of availability of bid document in the portal | From **08.12.2022 at 10.00 A.M. to 22.12.2022 at 05.30 P.M.** |
| 8 | Last date & time for receipt of bids in the portal | Dt.22.12.2022, upto 05.30 P.M. |
| 9 | Name & Address of the Officer Inviting Bid | Er.Gayatri Patel, Executive Engineer, Bhubaneswar (R&B) Division No.III, Bhubaneswar |

Further details can be seen from the e-Procurement portal **https://tendersorissa.gov.in.**
N.B.:Subsequent corrigendum/addendum if required shall be available in the website as indicated above.

**Sd./- Executive Engineer,**
**OIPR-34089/11/0015/2223** **Bhubaneswar (R&B) Division No.III,BBSR**



**GOVT. OF ODISHA**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, GAJAPATI**
**AT/PO: PARALAKHEMUNDI, DIST: GAJAPATI**
**PHONE NO: 06815-222365, e-mail- eemi_gajapati@yahoo.co.in**

**e-Procurement Notice No. 1673 Date. 01/12/2022**
**BID IDENTIFICATION NO. MIDGJP-05/2022-2023**

**No.A-828:** The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Double Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work: Construction of new Check Dams /2022-23.
2. No of works: 5 Nos. ( Five )
3. Estimated cost: Varies approximately from Rs.50.00 Lakhs to Rs. 82.00 Lakhs.
4. Period of completion: 11 (Eleven) calendar months
5. Date and time of availability of bid documents in the portal: from 10.00 Hours of 09.12.2022 to 17.00 Hours of 19.12.2022.
6. Last date/ time for receipt of bids in the portal: 17.00 Hours of 19.12.2022.
7. Date of opening of Technical Bid: 11.00 Hours on 21.12.2022.
8. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200
   Further details can be seen from the e-procurement portal https://tendersodisha.gov.in

**Executive Engineer**
OIPR-32013/11/0006/2223 **MI Division, Gajapati, Paralakhemundi**



**GOVERNMENT OF ODISHA** No. B-926

**OFFICE OF THE CHIEF CONSTRUCTION ENGINEER,**
**BALANGIR (R&B) CIRCLE, BALANGIR**
**Mail ID : - sepwdbalangir@gmail.com**

**e - Procurement Notice**

**BID IDENTIFICATION No: CCE(R&B) BGR/14/2022-23**
**No. 4607// Dtd. 29.11.2022**

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite bid** in double cover system in **ONLINE MODE** for the construction of works detailed in the table below from **B/A** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : **Buildings Work**
2. No. of tender : Buildings work - 01 No.
3. Tender Cost : Rs.10,000/-
4. Class of Contractor : **B & A Class**
5. Date & Time of sale & Receipt of Bids : From Dt.08.12.2022, 10.00 A.M. to Dt.22.12.2022 up to 05.00 P.M.
6. Date of opening Bid : Dt.23.12.2022 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Construction Engineer,**
OIPR-34131/11/0021/2223 **Balangir (R&B) Circle, Balangir**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଚିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ଜୁନିୟର ସଫ୍ଟ ଟେନିସରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି)** ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ୧୭ତମ ଜାତୀୟ ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶା ଦଳ ବୁଧବାର ଲକ୍ଷ୍ନୌ ଯାତ୍ରା କରିଛି। ବାଳକ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ବାଦଲ ଜେନା (ଅଧିନାୟକ), ରାହୁଲ ନାଥ, ଶିବା ବିରୁଆ, ଅଂଶୁମାନ ବାବୁ, ଗ୍ୟାଲେକ୍ସ ସାଲାମ, ମ୍ୟାକ୍ସ ଆଥୋକପମ, ସପମ ଭେଙ୍କେଟେଶ୍ୱର, ଟି. ଖଗରାଜ ସିଂ। ସେହିପରି ବାଳିକା ଦଳରେ ଜେ ଆସନା, ସାତକାଶି ମିଶ୍ର, ରାଜଶ୍ରୀ ମଲିକ, ସୁଚିତ୍ରା ଜେନା ସାମିଲ ହୋଇଛନ୍ତି। ତିଲୋତ୍ତମା ବିଶ୍ୱାଳ ମ୍ୟାନେଜର ଓ ମହମ୍ମଦ ଅମନ କୋଚ୍‌ଭାବେ ଦଳସହ ଯାଇଛନ୍ତି। ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡିଏମ୍ ପବ୍ଲିକ୍ ସ୍କୁଲ ଗ୍ରୁପ୍ ଚେୟାରମ୍ୟାନ ଏସ୍. ମୀନକେତନ, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଏମ.ଡି. ଆଜାମ ପ୍ରମୁଖ ଉପସ୍ଥିତ ଥିଲେ।



ଲକ୍ଷ୍ନୌ ଯାତ୍ରା କରିବା ପୂର୍ବରୁ ଅତିଥିଙ୍କ ଗହଣରେ ଓଡ଼ିଶା ଜୁନିୟର ସଫ୍ଟ ଟେନିସ ଦଳ।

## ଆୟର, ରାହୁଲଙ୍କର ଉନ୍ନତି

**ଦୁବାଇ, ୭।୧୨ (ପି.ଟି.):** ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ର ଦିନିକିଆ ଖେଳାଳି ର୍‍ୟାଙ୍କିଙ୍ଗ ତାଲିକା ବୁଧବାର ପ୍ରକାଶ ପାଇଛି। ଏଥିରେ ଭାରତ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଯଥାକ୍ରମେ ସେମାନଙ୍କ ୯ମ ଓ ୧୦ମ ସ୍ଥାନ ବଜାୟ ରଖିଛନ୍ତି। ଏଥିରେ କିନ୍ତୁ ଶ୍ରେୟସ ଆୟର ଓ କେ.ଏଲ୍ ରାହୁଲଙ୍କର ଉନ୍ନତି ଘଟିଛି। ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ୨୪ରନ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ଗେମ୍‌ରେ ୪୯ ରନ ପାଇଁ ଆୟର ୭ ସ୍ଥାନ ପଦୋନ୍ନତି ପାଇ ମିଳିତ ୨୦ତମ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ମୀରପୁରରେ ୭୩ ରନ ସ୍କୋର କରିଥିବା ରାହୁଲ ୪ ସ୍ଥାନ ଡେଇଁ କରି ୩୫ତମ ସ୍ଥାନ ଅଧିକାର କରିଛନ୍ତି। ଟପ୍ ୧୦ରେ କେବଳ ଦୁଇ ଭାରତୀୟ ରୋହିତ ଓ କୋହଲି ରହିଛନ୍ତି। ବାଂଲାଦେଶ ବିପକ୍ଷ ଓପନିଂ ଗେମ୍‌ରେ ଭଲ ପ୍ରଦର୍ଶନ କରିଥିବାରୁ ଭାରତର ଦୁଇ ପେସର ମହମ୍ମଦ ସିରାଜ ଓ ଶାର୍ଦ୍ଦୂଳ ଠାକୁରଙ୍କର ମଧ୍ୟ ଉନ୍ନତି ଦେଖିବାକୁ ମିଳିଛି। ସିରାଜ ଶ୍ରୀଲଙ୍କା ଲେଗ୍ ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କ ସହ ମିଳିତ ୨୬ତମ ସ୍ଥାନ ଅଧିକାର କରିଛନ୍ତି। ଠାକୁର ୯ ସ୍ଥାନ ଡେଇଁ କରି ୪୨ତମ ସ୍ଥାନରେ ଅଛନ୍ତି।

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

## ବାଂଲାଦେଶ ସିରିଜ ବିଜୟୀ

**ମୀରପୁର, ୭।୧୨**

ଘରୋଇ ପରିବେଶରେ ଦିନିକିଆ କ୍ରିକେଟରେ ଆଧିପତ୍ୟ ବଜାୟ ରଖିଛି ବାଂଲାଦେଶ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଏହି ଦଳ ଭାରତକୁ ୫ ରନରେ ହରାଇ ଦେଇଛି। ଫଳରେ ୨-୦ରେ ଅଗ୍ରଣୀ ରହି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ରେକର୍ଡ ଅନୁସାରେ ୨୦୧୬ ଅକ୍ଟୋବର ପରଠାରୁ ବାଂଲାଦେଶ ଆଉ କେବେ ଘରୋଇ ପରିବେଶରେ ଦିନିକିଆ ସିରିଜ ହାରିନାହିଁ। ଭାରତ ବିପକ୍ଷରେ ମଧ୍ୟ ଦଳ ତାହାର ରେକର୍ଡ ଅତୁଟ ରଖିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୭ ଉଇକେଟ ହରାଇ ୨୭୧ ରନ କରିଥିବାବେଳେ ଭାରତ ଇନିଂସ ୫୦ ଓଭରରେ ୨୬୬/୯ରେ ସୀମିତ ରହି ଯାଇଥିଲା।

### ଶେଷ ଓଭର ରୋମାଞ୍ଚ

ଶେଷ ଓଭରରୁ ବିଜୟ ପାଇଁ ୨୦ ରନ ଆବଶ୍ୟକ କରୁଥିଲା ଭାରତ। ଫିଲ୍ଡିଂ ସମୟରେ ଅଙ୍ଗୁଳିରେ ଆଘାତ ଯୋଗୁ ୯ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ରୋହିତ ଶର୍ମା ଓ ଉମ୍ରାନ ମଲିକ କ୍ରିଜ୍‌ରେ ଥିଲେ। ମୁସ୍ତାଫିଜୁର ରହମନଙ୍କ ପ୍ରଥମ ବଲ୍‌ରୁ ରନ ପାଇ ନ ଥିବା ରୋହିତ ଦ୍ୱିତୀୟ ବଲ୍‌କୁ ଚୌକାରେ ପରିଣତ କରିଥିଲେ। ତୃତୀୟ ବଲ୍‌ରୁ ମଧ୍ୟ ବାଉଣ୍ଡାରୀ ଆସିବାରୁ ଭାରତର ବିଜୟ ଆଶା ଉଜ୍ଜୀବିତ ହୋଇ ଯାଇଥିଲା। ମାତ୍ର ୪ର୍ଥ ବଲକୁ ସୁଇପ୍ କରିବାକୁ ଯାଇ ରୋହିତ ମିସ୍ କରିଥିଲେ। ୫ମ ବଲକୁ ସେ ଅଫ୍-କଟର ମାଧ୍ୟମରେ ଛକାରେ ପରିଣତ କରିବାରୁ ଶେଷ ବଲ୍‌ରୁ ବିଜୟ ପାଇଁ ଆଉ ଏକ ଛକା ଆବଶ୍ୟକ ହେଉଥିଲା। ମାତ୍ର ଚତୁର ମୁସ୍ତାଫିଜୁର ୬ଷ୍ଠ ବଲ୍‌କୁ ପରଫେକ୍ଟ ଲେଗ୍-ଷ୍ଟମ୍ପ ୟର୍କର ପକାଇଥିଲେ। ଫଳରେ ଏଥିରୁ ରନ ଆସି ନ ଥିଲା।

### ରୋହିତ ଆହତ

ରୋହିତ ଆହତ ଥିବାରୁ ଶିଖର ଧାୱନଙ୍କ ସହ ଇନିଂସ ଓପନ କରିଥିଲେ ବିରାଟ କୋହଲି। ମାତ୍ର କୋହଲି ୫ ଓ ଧାୱନ ୮ ରନକରି ପ୍ୟାଭିଲିୟନ ଫେରିଥିଲେ। ୱାଶିଂଟନ ସୁନ୍ଦର (୧୧) ଓ ଲୋକେଶ ରାହୁଲ (୧୪) ମଧ୍ୟ ଫେଲ୍ ମାରିଥିଲେ। ଶ୍ରେୟସ ଆୟାର (୮୨ ରନ, ୧୦୨ ବଲ, ୬ ଚୌକା, ୩ ଛକା) ଓ ଅକ୍ଷର ପଟେଲ (୫୬ ରନ, ୫୬ ବଲ, ୨ ଚୌକା, ୩ ଛକା)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଲଢ଼ିଥିଲା। ରନହାର କ୍ରମେ ବୃଦ୍ଧି ପାଇଥିବାବେଳେ ହାଫ୍ ଫିଟ୍ ରୋହିତ ଶେଷ ଭାଗରେ କ୍ରିଜ୍‌କୁ ଆସି ଲଢୁଆ ବ୍ୟାଟିଂ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ସେ ୨୮ ବଲ୍‌ରୁ ୫୧ (୩ ଚୌକା, ୫ ଛକା) ରନରେ ଅପରାଜିତ ଥିଲେ। ବାଂଲାଦେଶ ପକ୍ଷରୁ ଇବାଦତ ହୋସେନ ୩ଟି, ମେହିଦି ହାସନ ମିରାଜ ଓ ଶାକିବ ଅଲ୍ ହାସନ ୨ଟି ଲେଖାଏ ଏବଂ ମୁସ୍ତାଫିଜୁର ରହମନ ଓ ମହମୁଦୁଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦଳର ଆବଶ୍ୟକତା ଦୃଷ୍ଟିରୁ ରୋହିତ ବ୍ୟାଟିଂ କରିବାକୁ ଆସିଥିଲେ ମଧ୍ୟ ଆହତ ଥିବାରୁ ତୃତୀୟ ଦିନିକିଆ ଏବଂ ଆଗାମୀ ଟେଷ୍ଟ ସିରିଜ ଖେଳିବା ନେଇ ସନ୍ଦେହ ରହିଛି। ତେବେ ତାଙ୍କ ଅଙ୍ଗୁଳି ହାଡ଼ ଭାଙ୍ଗି ନ ଥିବା ସ୍ପଷ୍ଟ ହୋଇଛି।



ପ୍ଲେୟର ଅଫ୍ ଦି ମ୍ୟାଚ ମେହିଦି ହାସନ ମିରାଜ।

### ମିରାଜଙ୍କ ଶତକ

ବାଂଲାଦେଶ ଏକଦା ୧୯ ଓଭର ବେଳକୁ ୬୯ ରନରେ ୬ଟି ଉଇକେଟ ହରାଇଥିଲା। ଏହା ସତ୍ତ୍ୱେ ଦଳ ୫୦ ଓଭର ଖେଳିବା ଏବଂ ୨୭୧ ରନ କରିବା ଭାରତୀୟ ବୋଲରଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୮ ନମ୍ବରରେ କ୍ରିଜ୍‌କୁ ଆସିଥିବା ମିରାଜ ୮୩ ବଲ୍‌ରୁ ୧୦୦(୮ ଚୌକା, ୪ ଛକା) ରନରେ ଅପରାଜିତ ରହି ବାଂଲାଦେଶକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁଦାୟିତ୍ୱ ବହନ କରିଥିଲେ। ମହମୁଦୁଲା ୭୭ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୩ଟି ଏବଂ ମହମ୍ମଦ ସିରାଜ ଓ ଉମ୍ରାନ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ମିରାଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# କିଟ୍ ମହିଳା ଭଲିବଲ ଦଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି):** ବାଲେଶ୍ୱରର ଫକିର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଏବଂ ଖେଲୋ ଇଣ୍ଡିଆ ଭଲିବଲ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଗୁରୁବାର ଶେଷ ହେବ। ପୁଲ୍ କ୍ୱାଲିଫାଇଂରେ କିଟ୍ ବିଶ୍ୱବିଦ୍ୟାଳୟ ବିହାରର ଟି.ଏମ. ଭାଗଲପୁରକୁ ୩-୦ (୨୫-୫, ୨୫-୧୩, ୨୫-୧୪)ରେ ପରାସ୍ତ କରିଥିଲା। ସୁପରଲିଗ୍‌ରେ କିଟ୍ ୩-୦ରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଥିଲା। କିଟ୍ ସହିତ ଆଡାମ୍ସ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନ ଏବଂ ୟୁନିଭର୍ସିଟି ଅଫ୍ କଲିକତା ସର୍ବଭାରତୀୟ ଯୋଗ୍ୟତା ପାଇଛି। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍ କେରଳର କୋଟାୟାମସ୍ଥିତ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ ପରିସରରେ ୨୦୨୩ ଜାନୁୟାରୀ ୨ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଟ୍ ଦଳରେ ସାମିଲ ଥିବା ଖେଳାଳିମାନେ ହେଲେ ଶିବାନୀ ପ୍ରିୟଦର୍ଶିନୀ, ମାମାଲି ନାଗ୍, ସ୍ନେହମୟୀ କିଶାନ, ପ୍ରିୟମ୍ବଦା ଦାଶ, ସସ୍ମିତା ଦେହୁରୀ, ରିବିକା ବାର୍ଲା, ବବି ସିଂ, ଝନ ମୁର୍ମୁ, ସାଲ୍‌ମା ମୁର୍ମୁ, ଗୀତାରାଣୀ ସାଇ, ପୁଷ୍ପାଞ୍ଜଳି ଭୋଇ, ସିବିୟାନ୍ତି ଟିଗା। କୋଚ୍-ସଙ୍ଗୀତା ଟପ୍ପୋ।



ସର୍ବଭାରତୀୟ ଯୋଗ୍ୟତା ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଦଳ।

## ଭାରତ ଏ’ ୩୨୪/୫

**ସିଲ୍‌ହେଟ୍, ୭।୧୨ (ପି.ଟି.):** ଏଠାରେ ଚାଲିଥିବା ବାଂଲାଦେଶ ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଅପରାଜିତ ଶତକ ସହାୟତାରେ ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଭାରତ ଏ’ ୫ ଉଇକେଟ ବିନିମୟରେ ୩୨୪ ରନ କରିଛି। ଭେଟେରାନ ଚେତେଶ୍ୱର ପୂଜାରା (୧୨୪ ବଲ୍‌ରୁ ୫୨ରନ) ଅର୍ଦ୍ଧଶତକ ହାସଲ କରି ଆସନ୍ତା ଟେଷ୍ଟ ସିରିଜ ପାଇଁ ୱାର୍ମଅପ୍ ହୋଇଛନ୍ତି। ୨୭ ବର୍ଷୀୟ ଭାରତୀୟ ଅଧିନାୟକ ଈଶ୍ୱରନ ଦିନ ସାରା ବ୍ୟାଟିଂ ଜାରି ରଖି ୧୪୪ରନ ସହ ଅପରାଜିତ ରହିଥିଲେ। ସେ ତାଙ୍କ ୧୮ତମ ପ୍ରଥମଶ୍ରେଣୀ ଶତକରେ ୧୩ ଚୌକା ଓ ଦୁି ଛକା ଲଗାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ଏ’ ପ୍ରଥମ ଇନିଂସ: ୨୫୧। ଭାରତ ପ୍ରଥମ ଇନିଂସ: ୩୨୪/୫ (ଅଭିମନ୍ୟୁ ଈଶ୍ୱରନ-୧୪୪*, ଚେତେଶ୍ୱର ପୂଜାରା-୫୨, କୋନା ଭରତ-୭୭, ସୁମନ ଖାନ୍-୨/୬୬, ମୁସ୍‌ଫିକ୍ ହସନ-୨/୬୮)।


## Classified Everyday
0674-2580101, 2549949




**SALE**

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2132

Luxurious 4BHK Duplex near Balianta Bazar. Land-1400 Construction- 2200-79 Lakh. 9938219397, 9861022055. D-2169

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127




One 3BHK with 3 attached Bathrooms in Saheednagar. Contact: 9937610444, 7735056700. D-2172

See Career Appointment on every Wednesday & Saturday




Newly open full body massage ladies and gents. 8327740003, 8093860513. D-74605


**Full body massage by smart I expert therapist @ 999 only. 9078484455.** D-73666

Newly open health benefits SPA special Offer @ 999/-, Nayapalli. 7846814019. D-73665

**LOST**

ନକୁଳ ଗରଡ଼ା, ପିତା- ସ୍ୱର୍ଗତ ଭଗି ଗରଡ଼ା, ଲକ୍ଷ୍ମୀପୁରଙ୍କ ଓରିଜିନାଲ ବିକ୍ରୟ ଦଲିଲ ନଂ. ୧୦୬୩/୨୦୦୪, ତା୧୨।୫।୨୦୦୪ରିଖ ଗତ ତା୦୧।୧୦।୨୧ରେ କେଉଁଠି ହଜିଯାଇଛି । ଯଦି କୌଣସି ବ୍ୟକ୍ତି ସେହି ଦଲିଲଟି ପାଇଥିବେ ଦୟାକରି ଏହି ମୋବାଇଲ ନଂ. ୬୩୭୦୦୯୫୬୯୧ରେ ଯୋଗାଯୋଗ କରିବେ। ଧ-୨୧୯୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଧ-୩୮୫୮୩

**AFFIDAVIT**

I, Mr. Setho Ranjan Chetty, S/o. Mr. Udaya Chandra Chetty do hereby solemnly affirm and declare as under vide affidavit No.5250 dated 03.12.2022. That name of my father has been wrongly mentioned as Uday Chandra Chetty in my passport vide No. K2152964. The actual name of my father is Udaya Chandra Chetty, which may be amended accordingly. D-2193

By an affidavit I, Santosh Bidika, S/o- Mohan Bidika of Raniguda farm Rayagada to state that my Mother's name is wrongly mentioned as Sunamani Bidiaka instead of Sunamani Bidika in my passport vide No. K7859286. That both the names Sunamani Bidika and Sunamani Bidiaka refer to one and the same person. D-2194

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ମୀନାକ୍ଷୀ ମହାପାତ୍ର**
ନିଜସ୍ୱ ବାସଭବନ, ଦୋଳମଣ୍ଡପସାହି, ପୁରୀ
ଆବିର୍ଭାବ- ୨୭।୧୦।୧୯୭୫
ତିରୋଧାନ- ୨୯।୧୧।୨୦୨୨
ତୁମର ଅକାଳ ବିୟୋଗ ଆମ କୋଳାହଳପୂର୍ଣ୍ଣ ନିବାସରେ ଏକ ଅଦ୍ଭୁତ ନିସ୍ତବ୍ଧତା ଆଣିଦେଇଛି। ତୁମର ପରିବାର ଓ ଜ୍ଞାତିକୁଟୁମ୍ବ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଚିର ଦିନ ପାଇଁ ସ୍ମୃତି ହୋଇ ରହିବ। ଆଜି ଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ, ସୋନାଲି ମହାପାତ୍ର ଓ ପ୍ରିୟଙ୍କା ମହାପାତ୍ର, ଆଶିଷ ଏଜେନ୍ସି, ପୁରୀ
ଧ-୨୧୯୦

**CLASSIFIED DISPLAY** ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଏମ୍‌ସିଡି ନିର୍ବାଚନରେ ଏଏପିର ବିଜୟ ପରେ ନୂଆଦିଲ୍ଲୀର ପଟେଲ ନଗର ଗଣତି କେନ୍ଦ୍ର ବାହାରେ ଦଳୀୟ କର୍ମୀ ଉତ୍ସବ ମନାଉଛନ୍ତି।

# 'ଯାହା ପ୍ରତିଶ୍ରୁତି ଦେଇଛ ପାଳିବ'

- ପଦ୍ମପୁର ଦାୟିତ୍ୱରେ ଥିବା ନେତାଙ୍କୁ ଭେଟିଲେ ନବୀନ
- ଜୋନ୍ ୱାରି ନେତାମାନଙ୍କ ସହ ପର୍ଯ୍ୟାୟକ୍ରମେ କଲେ ଆଲୋଚନା

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ସୋମବାର ଶେଷ ହୋଇଥିବା ବେଳେ ଗୁରୁବାର ଏହାର ଫଳାଫଳ ପ୍ରକାଶ ପାଇବ। ତେବେ ଏହି ଉପନିର୍ବାଚନରେ ବିଜୟୀ ହେବା ଲାଗି ଉଭୟ ବିଜେଡି ଏବଂ ଭାଜପା ମଧ୍ୟରେ କଡ଼ା ପ୍ରତିଯୋଗିତା ଦେଖିବାକୁ ମିଳିଛି। ଧାମନଗର ଉପନିର୍ବାଚନରେ ପରାଜୟ ପରେ ବିଜେଡି ପଦ୍ମପୁରରେ ସବୁ ପ୍ରକାର ବଳ ଲଗାଇ ଦେଇଥିଲା। ତେବେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ଉପନିର୍ବାଚନ ଦାୟିତ୍ୱରେ ଥିବା ବିଜେଡିର ସବୁ ନେତା ଉପସ୍ଥିତ ଥିଲେ। ପଦ୍ମପୁରରେ ଯାହା ପ୍ରତିଶ୍ରୁତି ଦେଇଛ ତାକୁ ପୂରଣ କରିବାକୁ କୁଆଡ଼େ ନେତାମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ବିଜେଡି ପଦ୍ମପୁର ଉପନିର୍ବାଚନ ଦାୟିତ୍ୱ ପଶ୍ଚିମ ଓଡ଼ିଶାର ଦୁଇ ଆଗଧାଡ଼ିର ନେତା ସୁଶାନ୍ତ ସିଂ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କ ହାତରେ ନ୍ୟସ୍ତ କରିଥିଲା। ସେମାନଙ୍କ ଅଧୀନରେ ପଦ୍ମପୁର ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଅନ୍ୟ ନେତାମାନଙ୍କୁ ରଖାଯାଇଥିଲା। ମୁଖ୍ୟତଃ ପଦ୍ମପୁର ନିର୍ବାଚନମଣ୍ଡଳୀର ୩ଟି ବ୍ଲକ ଦାୟିତ୍ୱରେ ଜଣେ କିମ୍ବା ୨ ଜଣ ଲେଖା ନେତାଙ୍କୁ ରଖାଯାଇଥିଲା। ପଦ୍ମପୁର ଏନ୍‌ଏସି ଦାୟିତ୍ୱରେ ସୁଧୀର ସାମଲ ଥିବା ବେଳେ ପାଇକମାଳ ବ୍ଲକ ଦାୟିତ୍ୱରେ ନବ ଦାସ ଏବଂ ଅତନୁ ସବ୍ୟସାଚୀ ନାୟକ, ପଦ୍ମପୁର ବ୍ଲକ ଦାୟିତ୍ୱରେ ପ୍ରତାପ ଜେନା ଏବଂ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଝାରବନ୍ଧ ଦାୟିତ୍ୱରେ ରାଜେନ୍ଦ୍ର ଢୋଲକିଆ ଏବଂ ପ୍ରତାପ ଦେବ ରହିଥିଲେ। ସେମାନଙ୍କ ବ୍ଲକ ଅଧୀନରେ ଆସୁଥିବା ଜିଲା ପରିଷଦ ଜୋନ୍‌ଗୁଡ଼ିକରେ ଜଣେ ଲେଖା ବିଧାୟକ ଏବଂ ଆଗଧାଡ଼ିର ନେତାଙ୍କୁ ରଖାଯାଇଥିଲା। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଥମେ ସମ୍ପୂର୍ଣ୍ଣ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ନେତା ଏବଂ ଜିଲା ଦାୟିତ୍ୱରେ ଥିବା ନେତାଙ୍କୁ ଡାକି ଆଲୋଚନା କରିଥିଲେ। ଏହାପରେ ଜୋନ୍‌ୱାରି ଏବଂ ସେମାନଙ୍କ ଅଧୀନରେ ଆସୁଥିବା ପଞ୍ଚାୟତଗୁଡ଼ିକ ଦାୟିତ୍ୱରେ ଥିବା ନେତାମାନଙ୍କୁ ଗୋଟିଏ ଥରରେ ଡାକି ମୁଖ୍ୟମନ୍ତ୍ରୀ ଭେଟିବା ସହିତ ୧୫ ମିନିଟ୍ ଲେଖା ଆଲୋଚନା କରିଛନ୍ତି। ତେବେ ଏହି ନିର୍ବାଚନମଣ୍ଡଳୀରେ ମୋଟ ୮ଟି ଜିଲା ପରିଷଦ ଜୋନ୍ ରହିଛି। ପାଇକମାଳରେ ୩, ପଦ୍ମପୁର ୩ ଏବଂ ଝାରବନ୍ଧରେ ୨ଟି ଜିଲା ପରିଷଦ ଜୋନ୍ ରହିଛି। ସେହି ଅନୁଯାୟୀ ଏନ୍‌ଏସିକୁ ମିଶାଇ ଦେଖିଲେ ମୁଖ୍ୟମନ୍ତ୍ରୀ ପ୍ରାୟ ଅଢ଼େଇ ଘଣ୍ଟା ସମସ୍ତଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରିଛନ୍ତି।

ଉକ୍ତ ବୈଠକରେ ଯୋଗଦେଇଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଡାକିବା ପରେ କେତେକ ନିର୍ଦ୍ଦିଷ୍ଟ କଥା ପଚାରିଛନ୍ତି। ପଦ୍ମପୁରରେ କାମ କରିବାକୁ କିପରି ଲାଗିଲା ଏବଂ ସେମାନେ ଦାୟିତ୍ୱରେ ଥିବା ଅଞ୍ଚଳରେ ବିଜେଡି କେତେ ଭୋଟ ପାଇବ। ଉପନିର୍ବାଚନରେ ବିଜେଡିର କେମିତି ହୋଇଛି ଏବଂ ଯାହା ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଛ ସେଗୁଡ଼ିକ ଯେପରି ପାଳନ ହେବ ସେଥିପ୍ରତି ଧ୍ୟାନ ଦିଅ। ଏତିକି ଦିନ କାମ କରିବା ପରେ ଲୋକମାନେ ବିଜେଡିକୁ କାହିଁକି ଭୋଟ ଦେବେ ବୋଲି ତୁମେମାନେ ଭାବୁଛ। ଏଭଳି କେତେକ ପ୍ରଶ୍ନ ନବୀନ ନିବାସରେ ପଚରାଯାଇଥିବା ବୈଠକରେ ଯୋଗ ଦେଇଥିବା ଜଣେ ନେତା କହିଛନ୍ତି। ଏହାସହ ପଦ୍ମପୁରରୁ ଫେରିଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ କଠିନ ପରିଶ୍ରମ ଲାଗି ଧନ୍ୟବାଦ ଦେଇଥିବା ଜଣାପଡ଼ିଛି।

## ଧନକରଙ୍କୁ ପାର୍ଲାମେଣ୍ଟରେ ସ୍ୱାଗତ କଲା ବିଜେଡି

**ଭୁବନେଶ୍ୱର,୭।୧୨(ବ୍ୟୁରୋ):** ରାଜ୍ୟ ସଭାରେ ପ୍ରଥମ ଥର ପାଇଁ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ବିଜେଡି ତରଫରୁ ତାଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପାର୍ଲାମେଣ୍ଟ ମର୍ଯ୍ୟାଦା ରକ୍ଷାକରି ଗୃହ କିପରି ସୁରୁଖୁରୁରେ ଚାଲିପାରିବ ସେନେଇ ସବୁ ପ୍ରକାର ସହଯୋଗ କରିବେ ବୋଲି ସସ୍ମିତ ପ୍ରତିଶ୍ରୁତି ଦେଇଛନ୍ତି। ସଂସଦୀୟ କାର୍ଯ୍ୟଧାରାରେ ଲକ୍ଷ୍ମଣରେଖା ଉଲ୍ଲଂଘନ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି ବୈଠକରେ ପ୍ରଥମେ ବିରୋଧୀ, ତା'ପରେ ଶାସକ ଏବଂ ଶେଷରେ ପୁଣି ବିରୋଧୀଙ୍କୁ ଶୁଣିବେ ବୋଲି ଉପରାଷ୍ଟ୍ରପତି ଦେଇଥିବା ବକ୍ତବ୍ୟକୁ ବିଜେଡି ତରଫରୁ ସ୍ୱାଗତ କରାଯାଇଛି। ଶୂନ୍ୟକାଳ, ସ୍ପେଶାଲ ମେନ୍‌ସନ ସମୟରେ ଆଞ୍ଚଳିକ ଦଳଗୁଡ଼ିକୁ ଅଧିକ ସୁଯୋଗ ଦେବା ପାଇଁ ବିଜେଡି ଅନୁରୋଧ କରିଛି। ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଜଗଦୀପ ଧନକର ଏନ୍‌ଡିଏ ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଅର୍ଥାତ୍ ଧନକରଙ୍କୁ ବିଜେଡି ସମର୍ଥନ କରିବା ସହ ଭୋଟ ଦେଇଥିଲା।

## ଇଭିଏମ୍ ଅଦଳବଦଳ ହୋଇଛି: ଭାଜପା

ବରଗଡ଼ ଅଫିସ,୭।୧୨

ବରଗଡ଼ ଜିଲ୍ଲା ପଦ୍ମପୁର ଉପନିର୍ବାଚନର ଭୋଟ ଗଣତି ଗୁରୁବାର ହେବ। ଏହାର ଅବ୍ୟବହିତ ପୂର୍ବରୁ ମତଦାନ ହୋଇଥିବା କେତେକ ଇଭିଏମ୍‌କୁ ନେଇ ଅଭିଯୋଗ ଉଠାଇଛି ଭାଜପା। ୧୧ଟି ବୁଥ୍‌ରେ ଇଭିଏମ୍ ଅଦଳବଦଳ ହୋଇଥିବା ଅଭିଯୋଗ ଆଣି ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନିଷା ବାନାର୍ଜୀଙ୍କୁ ଫେରାଦ ହୋଇଛି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ଜିଲାପାଳ ବାନାର୍ଜୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଉପନିର୍ବାଚନରେ ବ୍ୟବହୃତ ଇଭିଏମ୍ ନମ୍ବରକୁ ନେଇ ଏକ ତାଲିକା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କୁ ଦିଆଯାଇଥିଲା। ତେବେ ୧୧ଟି ବୁଥ୍‌ରେ ସେହି ନମ୍ବର ଇଭିଏମ୍ ବ୍ୟବହାର ହେବା ବଦଳରେ ଅନ୍ୟ ଇଭିଏମ୍ ବ୍ୟବହୃତ ହୋଇଛି। ଶକ୍ତି (ବୁଥ୍ ନଂ-୬୧), ବୈତାଳୀ (ବୁଥ୍ ନଂ-୭୩), ଛିନ୍ଦେକେଲା (ବୁଥ୍ ନଂ-୧୦୫), ଲୁହୁରାକୋଟ୍ (ବୁଥ୍ ନଂ-୧୪୯), ଖଣ୍ଡସିଲାଜ୍ (ବୁଥ୍ ନଂ-୧୭୫), ଭଗତପୁର (ବୁଥ୍ ନଂ-୧୮୩), ସତାଭଟା (ବୁଥ୍ ନଂ-୧୯୫), ସିଂଘନପୁର (ବୁଥ୍ ନଂ-୨୦୫), ବସ୍ତିପଡ଼ା (ବୁଥ୍ ନଂ-୨୧୮), ସର୍ଗିପାଲି (ବୁଥ୍ ନଂ-୨୭୦) ଏବଂ ଖୁନଗାପାଲି (ବୁଥ୍ ନଂ-୨୯୪)ରେ ଏଭଳି ହୋଇଥିବା ଭାଜପା ଅଭିଯୋଗ କରିଛି।

ସେହିପରି ଗତ ୬ ତାରିଖରେ ୩ଟି ସିଲ୍ଡ ବକ୍ସରେ ରହିଥିବା ପୋଷ୍ଟାଲ ବାଲଟ୍‌କୁ ପ୍ରାର୍ଥୀଙ୍କ ମନୋନୀତ ଏଜେଣ୍ଟଙ୍କ ଅନୁପସ୍ଥିତିରେ ପଦ୍ମପୁର ଟ୍ରେଜେରି ଅଫିସରୁ ରିଟର୍ନିଂ ଅଫିସରଙ୍କ ସ୍ଥାନାନ୍ତର କରାଯାଇଥିବା ମଧ୍ୟ ଭାଜପା ଅଭିଯୋଗ ଆଣିଛି। ଫଳରେ ମତଦାନକୁ ନେଇ ଅନିୟମିତତା ହୋଇଥିବା ଆଶଙ୍କା କରି ଗଣତି ପୂର୍ବରୁ ଏହାର ତ୍ୱରିତ ତଦନ୍ତ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି। ରିଟର୍ନିଂ ଅଫିସର, ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ଆରମ୍ଭ କରି ସାଧାରଣ ପର୍ଯ୍ୟବେକ୍ଷକ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏଭଳି ଲିଖିତ ଅଭିଯୋଗ କରାଯାଇଛି ବୋଲି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି।

## ବିନା ଭୋଟରେ ବିଲ୍ ପାରିତ କରୁଛି କେନ୍ଦ୍ର: ମମତା

**ନୂଆଦିଲ୍ଲୀ,୭।୧୨:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଭାଜପା ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ସଂସଦୀୟ ଗଣତନ୍ତ୍ରର ଭବିଷ୍ୟତ ବିଷୟରେ ଚିନ୍ତା ପ୍ରକଟ କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି, ପାର୍ଲାମେଣ୍ଟରେ ଭାଜପା ବହୁମତ ଉପଯୋଗ କରି ବହୁ ସଂଖ୍ୟାରେ ବିଲ୍ ପାରିତ କରିଛି। ଏନେଇ ବିରୋଧୀ ସ୍ୱର ଉତ୍ତୋଳନ କରିବା ସତ୍ତ୍ୱେ ମଧ୍ୟ ସଂଖ୍ୟାଗରିଷ୍ଠତା ହେତୁ ଶାସକ ଦଳ ଭୋଟ ବିନା ବିଲ୍ ପାରିତ କରିଦେଉଛି। ସେମାନେ ସ୍ଥାୟୀ କମିଟି କିମ୍ବା ଚୟନ କମିଟିର ରିପୋର୍ଟ ମଧ୍ୟ ଗ୍ରହଣ କରନ୍ତି ନାହିଁ। ଏଭଳି ହେଲେ ଆମର ସଂସଦୀୟ ଗଣତନ୍ତ୍ର ଏହାର ସମ୍ମାନ ବଜାୟ ରଖିବାରେ ସକ୍ଷମ ହେବ କି। ମନରେ ଏଭଳି ଭୟ ଆସୁଛି। ଗଣତନ୍ତ୍ରରେ ବିଭିନ୍ନ ରାଜନୈତିକ ଦଳର ଅନେକ ଆଦର୍ଶ ଅଛି, କିନ୍ତୁ ସଂସଦୀୟ ସଂଖ୍ୟାଗରିଷ୍ଠତା ସର୍ବଦା ଜିତେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣ ବିରୋଧୀ, ରାଜ୍ୟ ତଥା ଗଣମାଧ୍ୟମର ସ୍ୱରକୁ ଦମନ କରିବେ। ଆମ ଦଳ ସେମାନଙ୍କୁ ପୂର୍ଣ୍ଣ ଶକ୍ତି ସହିତ ସାମ୍ନା କରିବ ଏବଂ ଅତ୍ୟାଚାର ବିରୋଧରେ ଲଢ଼ିବା ପାଇଁ ଅନ୍ୟ ବିରୋଧୀ ଦଳ ସହିତ ସହଯୋଗ କରିବ ବୋଲି ମମତା କହିଛନ୍ତି।


**PANCHAYAT RAJ & DRINKING WATER DEPARTMENT**
GOVERNMENT OF ODISHA
**OFFICE OF THE ZILLA PARISHAD, RAYAGADA**
**INVITATION FOR BIDS**
**No. 01/2022-23 4427**

No. CAD-4017: The **Zilla Parishad, Rayagada** on behalf of Governor of Odisha invites **Percentage Rate** bid through e-procurement in Single Cover System according to norm of e-procurement system in Online mode.

1. Name of Works : As mentioned in Table "A" which includes New Construction of Day Care Sub-Centre at different place in the Rayagada District.
2. No. of Works : 4 (Four) Nos. (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : Rs.6000/- per each work
5. Class of Contractor : "B" Class
6. Period of Completion : 180 Days
7. Critical Dates : *Further details can be seen in the bidding documents, which is available in the Procurement portal **https://www.tendersodisha.gov.in**.
   * Subsequent Corrigendum if required shall be appeared in the website.

*Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender Online for Bidding | | Last date of seeking tender clarification | Date of Opening of Bid |
|---|---|---|---|---|---|
| | | From | To | | |
| CDO-cum-Zilla Parishad, Rayagada | 01/2022-23, Zilla Parishad, Rayagada | 07.12.2022 at 11.00 A.M. | 22.12.2022 at 05.00 P.M. | 22.12.2022 upto 05.00 P.M. | 23.12.2022 at 11.00 A.M. |

OIPR-19266/11/0002/2223 — **Sd./- CDO-cum-Executive Officer, Zilla Parishad, Rayagada**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-4022 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.5253/OSIC/MKT** **Dt.06.12.2022**

OSIC invites sealed bids from experienced Manufacturers/ Suppliers/MSMEs/Dealers/Distributor for supply of furniture to 1128 Nos. of Anganwadi Centers of Jagatsinghpur District. The detail specification and quantity of the items along with terms and conditions is available in OSIC website. Any corrigendum/ changes/ modifications will appear in OSIC website: **www.osicltd.in** only and all the tenderers are to refer to above website.

**By order of MD**
**Sd/-Manager(Mktg)**
OIPR-14073/11/0125/2223

**Government of Odisha** No.MM-327:
**"e" procurement Notice**
**OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL**
**Bid Identification No. - 05-DFO/DKL of 2022-23**

1. Name of the work : 02 Nos Forest Road Repair, Maintenance and Construction of Causeway
2. Estimate Cost : Rs.29,45,929/- to 33,42,175/- (Approximate)
3. Period of Completion : 03 (Three Calendar Months)
4. Date & Time of availability of the Bid documents in the portal : 10.00 AM of 07.12.2022 to 5.00 PM of 21.12.2022
5. Last date/time of receipt of the Bid in Portal : 21.12.2022 upto 5.00 PM
6. Date of Opening : 22.12.2022 at 11.00 AM
7. Name and Address of the Office : Office of the Divisional Forest Officer, Dhenkanal Division, Dhenkanal

Further details can be seen from the e-procurement portal "https://tendersorissa.gov.in.
**Sd./- Divisional Forest Officer**
**Dhenkanal Division**
OIPR-08037/11/0027/2223

**OFFICE OF THE MUNICIPAL COUNCIL, RAIRANGPUR**
**Ph. No.: (06794) 222054, Fax: 06794-222054**
**EXPRESSION OF INTEREST (EOI)**
**For Management of Ward Offices by Mission Shakti SHG During the year 2023-24**
**No. 4149** **Date: 05.12.2022**

No. C-1758: Rairangpur Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the year 2023-24. The sealed Expression of Interest should be submitted to the address of respective ULBs on or before date 20.12.2022, Time 5.00 P.M. by Registered/ Speed Post only.
The Technical Bid will be opened on date 21.12.2022 at 11.30 A.M. in the conference hall of ULB. The sealed envelope should be superscripted with **"EOI for Management of Ward Offices by Mission Shakti SHGs, 2023-24"**. The detailed terms and conditions of the Expression of Interest is available in website. **http://www.rairangpurmunicipality.org**

**Sd./- Executive Officer**
**Rairangpur Municipality**
OIPR-13106/11/0018/2223

**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 1800 123 004 567
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Tweeter: Hinjilicutmunicipality
**No. 7833** **Date: 03.12.2022**
**EXPRESSION OF INTEREST (EOI)**
**FOR MANAGEMENT OF WARD OFFICES BY MISSION SHAKTI SHG DURING THE YEAR 2023-24**

No. C-1715: Hinjilicut Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the year 2023-24. The sealed Expression of Interest should be submitted to office of the Executive Officer, Hinjilicut Municipality on or before date 20.12.2022, 5.00 P.M. by Registered/Speed Post only.
The Technical Bid will be opened on date 21.12.2022 at 11.00 A.M. in the Conference Hall of ULB. The sealed envelope should be superscripted with **"EOI for Management of Ward Offices by Mission Shakti SHGs 2023-24"**. The detailed terms and conditions of the Expression of Interest is available in website **https://hinjilicutmunicipality.in/** from Dt.05.12.2022,11.00 A.M. to 20.12.2022, 5.00 P.M.

**Sd./- Executive Officer**
**Hinjilicut Municipality**
OIPR-13105/11/0026/2223

**OFFICE OF THE SUPERINTENDING ENGINEER, RWS&S DIVISION, BARGARH**
**Email: eerwss_bgh@nic.in, Ph. (O): 06646 233220, Fax: 06646 234626**
**No. 5716** **Dt.06.12.2022**
**GOVERNMENT OF ODISHA "e" PROCUREMENT NOTICE**
**Bid Identification No. 08 of 2022-23**

No. O-1385: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licenced holder contractors of Class 'C' or 'B' registered with any department of State Government of equivalent class of Central Govt. etc. to be eventually drawn up in P1 Contract Form for the work as per terms and condition noted below.

1. Name of the Work: Construction of Setion Office Building at Barpali under RWSS Division, Bargarh.
2. Approx. Estimated Cost: Rs.26.64 lakhs
3. Date and time of availability of document in the portal: Dt.09.12.2022 to Dt.22.12.2022 upto 5.00 P.M.
4. Last date/time for receipt of bids in the portal: Dt.22.12.2022 upto 5.00 P.M.
5. Date & time of Opening of Tender: Dt.23.12.2022 at 11.00 A.M.
6. Name and address of the Officer Inviting Bid: Executive Engineer, RWS&S Division, Bargarh, District: Bargarh.

Further details can be seen from the e-procurement portal **"http//tendersorissa.gov.in"**. The authority reserves the right to reject any or all the tenders without assigning any reason thereof.

**Sd./- Executive Engineer, RWS&S Division, Bargarh**
OIPR-25157/11/0013/2223

**OFFICE OF THE MEDICAL SUPERINTENDENT, SLNMCH, KORAPUT** No.E-706:
**TENDER CALL NOTICE FOR OF AGENCIES ON RATE CONTRACT BASIS FOR SUPPLY OF ORTHOPEDIC IMPLANTS FOR TOTAL HIP REPLACEMENT (SET AS PER DEMAND) TO SLNMCH, KORAPUT**

Name of the Health Institution : SLNMCH, Koraput (Health & F.W. Deptt., Govt. of Odisha)
**Bid Reference No. 7741** **Email: slnmchkpt18@gmail.com**
Date of Publication of the Bid Document : Dt.05.12.2022
Last date & time of receipt of Bid Documents : Dt.26.12.2022
Date & time of Opening of tender : Dt.27.12.2022 (12.30 P.M.)
Place of Opening of Bid documents Pre-Bid Conference : **O/o. the Medical Superintendent** SLNMCH, Koraput
Address for Communication and Receipt of Bid Documents : O/o. the Medical Superintendent, SLNMCH, Koraput Email: **slnmchkpt18@gmail.com**

**Superintendent, SLNMCH, Koraput**
OIPR-10121/11/0020/2223

**OFFICE OF THE DIRECTOR OF INDUSTRIES, ODISHA: CUTTACK**
**TENDER CALL NOTICE**

**No.P-06:**Sealed tender in plain paper is invited in Regd.Post by the undersigned for disposal of the vehicle as detailed below belonging to the Directorate of Industries, Odisha, Cuttack.

| Sl. No. | Regd. of the Vehicle | Make/Model of the Vehicle | Date of Purchase | Fuel user | Off set price (Rs.) |
|---|---|---|---|---|---|
| 1 | OR05-X-9000 | AMBASADOOR | 20.04.2006 | Diesel | 30,000.00 |

1. The vehicle will be disposed on "As is where is" basis.
2. The intending tenderers are advised to inspect the vehicle during working hours on any working day in the O/o the Directorate of Industries, Odisha,Killamaidan, P.O. BuxiBazar, Cuttack-753001. Each tender must accompany an earnest money deposit of Rs. 1000.00 (Rupees One thousand) only in shape of Bank draft in favour of Director of Industries, Payable at State Bank of India, Main Branch, Cuttack which will be refunded to unsuccessful tenderers after finalization of tender.
3. The sealed tenders will be received up to 10.00 A.M. on 28.12.2022 & will be opened by the undersigned on the same day i.e. 28.12.2022 at 11.30 A.M. in presence of tenderers or their authorized agents.
4. The bids of highest tender will be accepted subject to fulfillment of other terms & conditions as available in the website of the office i.e.www.diodisha.nic.in or from the tender notice published in the Daily Samaj on 01.12.2022 or from this office in person.
5. The authority reserves right to reject any or all the tenders without assigning any reason thereof.

**Sd./- Joint Director of Industries (L-I)**
**Cum-Auction Sale Officer**
OIPR-14010/11/0002/2223

**O/o THE DIVISIONAL FOREST OFFICER-CUM-DMU CHIEF**
**SUNDARGARH FOREST DIVISION, SUNDARGARH**
**At/P.O./Dist.: Sundargarh, PIN - 770001, Odisha**
**CONTRACTUAL ENGAGEMENT OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT, PHASE-II (OFSDP - II)**

No. MM-325: Divisional Forest Officer-cum-DMU Chief, Sundargarh Forest Division invite application from suitable candidates for the following position under Sundargarh Forest Division, for working in the Odisha Forestry Sector Development Project, Phase-II.

| Forest Division | Name of the Post | Vacancy |
|---|---|---|
| Sundargarh | FMU-Coordinator (Training & Process Documentation) | 2 |

Interested candidates may obtain Term of Reference and the Application Form from O/o the Divisional Forest Officer-cum-DMU Chief, Sundargarh Forest Division, during the office hours or may download from the website **http://ofsds.in/.** Filled in application complete in all respect along with Bank Draft for Rs.500/- (Five hundred) in favour of Divisional Forest Officer-cum-DMU Chief, Sundargarh, payable at Sundargarh should reach the O/o the Divisional Forest Officer-cum-DMU Chief, Sundargarh on or before 20.12.2022, 5.00 P.M by Registry Post/ Speed Post /Courier only.

**Sd./- Divisional Forest Officer**
**-cum-DMU Chief, Sundargarh**
OIPR-08034/11/0010/2223

**OFFICE OF THE SUPERINTENDENT SUB-DIVISIONAL HOSPITAL, NILGIRI**
**(E-mail: sdhnilgiri@gmail.com)**
**Ph. No.: 06782-233247, Mobile: 9439980855)**
**Tender No. 2189** **Date: 05.12.2022**
**TENDER**
**"SUPPLY OF OXYGEN MANIFOLD SYSTEM AT SDH-NILGIRI"**

No. E-704: Tenders in sealed cover are invited under two-bid system from reputed and experienced Venders on behalf of the Superintendent, SDH-Nilgiri, Balasore for Supply/Installation of Oxygen Manifold System.

| Sl. No. | Name of the Items Required to be purchased | Quantity |
|---|---|---|
| 1 | Oxygen Manifold System with accessories & initialization | 01 Unit |

The interested venders are required to submit the technical and financial bid separately. The bids in Sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover superscribed with **"Tender for Providing Oxygen Manifold System in SDH, Nilgiri" and should reach at the office of "The Superintendent, SDH-Nilgiri, before 05.00 P.M. on or before 14.12.2022"**. The technical bids shall be opened on 15.12.2022 at 11.00 hrs. at SDH-Nilgiri. In the event of any of the above mentioned date being declared as a holiday/closed day, the tenders will be opened on the next working day at the appointed time.
The tender document containing eligibility criterion, scope of work, terms & conditions and draft agreement should be downloaded from website **www.baleswar.nic.in**. Along with all filled up tender paper the Bidder should enclosed a DD amounting of Rs.2100/- (Rupees two thousand one hundred only) (non-refundable) in favour of "SDMO (SDSS)", SDH-Nilgiri payable at Nilgiri, along with their tender bid in the Cover-I "Technical Bid" and the bid security (EMD) of Rs.20,000/- (Rupees twenty thousand only) should be paid by Demand Draft/FD/BG in favour of "SDMO (SDSS)", SDH-Nilgiri payable at Nilgiri.
Any future clarification and/or corrigendum(s) shall be communicated through Superintendent, SDH-Nilgiri website: **www.baleswar.nic.in**. Previous tender vide this office Notice No. 1765, Dtd.06.10.2022 & Corrigendum Notice No. 17878 Dtd.21.10.2022 is hereby cancelled.

**Sd./- Chief District Medical & Public Health Officer, Balasore**
OIPR-10032/11/0014/2223

No.CAD-4020
प्रधान मंत्री आवास योजना-ग्रामीण Pradhan Mantri Awaas Yojana-Gramin

**ଗ୍ରାମୀଣ ଗୃହ ନିର୍ମାଣ ଯୋଜନା**

**ଯୋଜନାର ନାମ**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)
- ପକ୍କା ଘର ଯୋଜନା (ଖଣି)
- ବିଜୁ ପକ୍କା ଘର ଯୋଜନା
- ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା

**ମୁଁ ଏହି ଯୋଜନାରେ କିପରି ଉପକୃତ ହେବି? (ଯୋଗ୍ୟତା ମାନଦଣ୍ଡ)**
୧) PMAY(G)– ଯଦି ମୋ ନାମ ସାମାଜିକ, ଅର୍ଥନୈତିକ ଓ ଜାତିଗତ ଜନଗଣନା (SECC)–୨୦୧୧ ସର୍ଭେ ମୁତାବକ କଚ୍ଚା ଘରେ ବସବାସ କରୁଥିବା ପରିବାରଙ୍କ ପ୍ରସ୍ତୁତ ସ୍ଥାୟୀ ପ୍ରତୀକ୍ଷା ତାଲିକା (ପିଡବ୍ଲ୍ୟୁଏଲ୍)ରେ ଅଛି, ମୁଁ ଏହି କ୍ରମ ତାଲିକା ମୁତାବକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ ପାଇପାରିବି ।
୨) BPGY– ଯଦି ମୁଁ କଚ୍ଚା ଘରେ ବସବାସ କରୁଥାଏ ଏବଂ ପୂର୍ବରୁ କୌଣସି ଗ୍ରାମୀଣ ଗୃହନିର୍ମାଣ ଯୋଜନାରେ ଗୃହ ପାଇନଥାଏ ତେବେ ବିଜୁ ପକ୍କା ଘର ଯୋଜନାରେ ଜିଲ୍ଲାସ୍ତରୀୟ କମିଟିର ସ୍ୱୀକୃତି କ୍ରମେ ଗୃହ ପାଇପାରିବି ।
୩) NSPGY– ଏକ ବର୍ଷରୁ ଅଧିକ ରେଜିଷ୍ଟ୍ରିଭୁକ୍ତ ନିର୍ମାଣ ଶ୍ରମିକ ହୋଇଥିଲେ, କଚ୍ଚା ଘରେ ବସବାସ କରୁଥିଲେ ଓ ଅନ୍ୟ ଯୋଜନାରୁ ଘର ମୋ ପରିବାର ନାମରେ ମଞ୍ଜୁର ହୋଇ ନ ଥିଲେ, ମୁଁ ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନାରେ ଗୃହ ପାଇପାରିବି ।
୪) PGY (Mining)– ଯଦି ମୁଁ, ଖଣି ଉପଦ୍ରୁତ ୨୯୧ ଗ୍ରାମର କଚ୍ଚା ଘରେ ବାସ କରୁଥିବା ପରିବାର ହୋଇଥିବି ଓ ଅନ୍ୟ ଯୋଜନାରେ ଗୃହ ପାଇନଥିବି

**ମୁଁ ଏହି ଯୋଜନାରୁ କ'ଣ ସୁବିଧା ପାଇପାରିବି? (ସହାୟତା/ସୁବିଧା)**
୧) ମୁଁ ଗୃହ ନିର୍ମାଣ ବାବଦକୁ IAP ଜିଲ୍ଲାରେ ଟ.୧,୩୦,୦୦୦/– ଓ ଅଣ IAP ଜିଲ୍ଲାରେ ଟ.୧,୨୦,୦୦୦/–ର ଆର୍ଥିକ ସହାୟତା ପାଇପାରିବି । ଏହି ସହାୟତା ରାଶି ୪ ଗୋଟି କିସ୍ତିରେ ମତେ ମିଳିଥାଏ ।
୨) ମନରେଗା ଯୋଜନାରୁ ମଜୁରି ବାବଦକୁ IAP ଜିଲ୍ଲାରେ ୯୫ ଦିନର ମଜୁରି ଓ ଅଣ IAP ଜିଲ୍ଲାରେ ୯୦ ଦିନର ମଜୁରି ପାଇପାରିବି ।
୩) ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଯୋଜନା ହେଉ ଅଥବା କେନ୍ଦ୍ରୀୟ ଯୋଜନାର ଗୃହ ହେଉ, ୪ ମାସ ଓ ୬ ମାସରେ ଘର କାର୍ଯ୍ୟ ଶେଷ କରିପାରିଲେ, ମତେ ଯଥାକ୍ରମେ ଟ.୨୦,୦୦୦/–, ଟ.୧୦,୦୦୦/– ଆର୍ଥିକ ପ୍ରୋତ୍ସାହନ ରାଶି ମିଳିପାରିବ ।

**ମୁଁ ଏହି ଯୋଜନାରୁ ସୁବିଧା କିପରି ପାଇପାରିବି? (ଅନୁସରଣ ପ୍ରକ୍ରିୟା)**
୧) ଜିଲ୍ଲାର ଜିଲ୍ଲାପାଳ, ମାନ୍ୟବର ଲୋକସଭା ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଭାପତି ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନେଇ ଗଠିତ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ବିଜୁ ପକ୍କା ଘର ପାଇଁ ଚୟନ ହୋଇଥିଲେ ।
୨) ବ୍ଲକସ୍ତରୀୟ କମିଟିର ସୁପାରିସକ୍ରମେ, ଜିଲ୍ଲାପାଳଙ୍କ ଅନୁମୋଦନ ଲାଭ ପରେ ନିର୍ମାଣ ଶ୍ରମିକ ପକ୍କା ଘରର ମଞ୍ଜୁରୀ ମିଳିଥିଲେ ।
୩) ବ୍ଲକର ବିଡିଓଙ୍କ ସର୍ଭେ ମୁତାବକ ଖଣି କ୍ଷତିଗ୍ରସ୍ତ ଗ୍ରାମରେ ବସବାସ କରୁଥିଲେ, ପକ୍କାଘର ଯୋଜନା (ଖଣି) ଅନ୍ତର୍ଗତ ଘର ମଞ୍ଜୁର ହୋଇଥାଏ ।
୪) SECC ସର୍ଭେକୁ ନେଇ ପ୍ରସ୍ତୁତ କ୍ରମ ତାଲିକାର କ୍ରମେ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଘର ମିଳିଥାଏ । ତାଲିକାରେ ବାଦ୍ ପଡ଼ିଥିବା ଯୋଗ୍ୟ ପରିବାରକୁ ସର୍ଭେ ଜରିଆରେ ସାମିଲ କରାଯିବା ପ୍ରକ୍ରିୟା ଜାରି ରହିଛି ।

**ସୌଜନ୍ୟ: ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାୟଗଡ଼**
OIPR-19266/11/0001/2223


'ଅନେଶତ ରାଣୀ ରାଜା'ର ଏକ ଦୃଶ୍ୟ

# ଅନେଶତ ରାଣୀ ରାଜା

ଲୋକପ୍ରିୟ ଓଡ଼ିଆ ଓଟିଟି 'କଞ୍ଚା ଲଙ୍କା'ରେ ୱେବ୍ ସିରିଜ୍ 'ଅନେଶତ ରାଣୀ ରାଜା' (ପମ୍ ପମ୍ ପମ୍ ସିରିଜ୍) ଡିସେମ୍ବର ୨ରୁ ଆରମ୍ଭ ହୋଇଯାଇଛି। କାହାଣୀ ଅନୁସାରେ ଜଣେ ଯୁବକ ସୋସିଆଲ ମିଡିଆ ସାହାଯ୍ୟରେ ଝିଅମାନଙ୍କ ସହ ବନ୍ଧୁତା ସ୍ଥାପନ କରୁଛି। ତା'ପରେ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖୁଛି। ହେଲେ ପରବର୍ତ୍ତୀ ସମୟରେ ଜଣେ ଝିଅ ଏବଂ ଦୁଇ ଜଣ ବିବାହିତାଙ୍କ ସଂସ୍ପର୍ଶରେ ଆସିବା ପରେ କାହାଣୀ ରୋଚକ ମୋଡ ନେଉଛି। ଏହି ୱେବ୍ ସିରିଜ୍‌ରେ ପପୁ ପମ୍ ପମ୍, ଅଙ୍କିତା, ପାୟଲ ଓ ସୁଶ୍ରୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରଯୋଜନା କରିଛନ୍ତି ସଙ୍ଗୀତା ଶତପଥୀ ଏବଂ ସହ ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ପ୍ରଦୀପ କୁମାର ସ୍ୱାଇଁ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ପପୁ ପମ୍‌ପମ୍ ଉକ୍ତ ୱେବ୍ ସିରିଜ୍‌ର ପରିକଳ୍ପନା କରିବା ସହ କାହାଣୀ ରଚନା କରିଛନ୍ତି। ସଂଳାପ ଲେଖିଛନ୍ତି ରଞ୍ଜନ ଖଟେଇ।

# ପ୍ରସ୍ଥାନମ୍

ରିଲିଜ୍ ଅପେକ୍ଷାରେ

ଆଉ ଏକ ଓଡ଼ିଆ ସିନେମା 'ପ୍ରସ୍ଥାନମ୍' ଚଳିତ ମାସ ୧୬ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଏଥିରେ ଅମ୍ଳାନଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ। କଲେଜ ଇଲେକ୍ସନରେ ଘଟୁଥିବା କିଛି ନିଛକ ସତ୍ୟ ଘଟଣାକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ। ଯୁବ ନିର୍ଦ୍ଦେଶକ ରାଜା ଡି. ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତ ଆସାଦ ନିଜାମ। ରେନ୍ ଡ୍ରପ୍ ପିକ୍ଚର୍ସ ଓ କ୍ରିଏଟିଭ୍ ଫିଲ୍ମସ୍ ବ୍ୟାନର ଏବଂ ଡିଫିଲ୍ମସ ଓ ସୃଜନ ଫିଲ୍ମସ୍‌ର ସହଯୋଗୀ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ରିଙ୍କୁ ରିନୁ ଜେନା ଏବଂ ଦେବେଶ ଚନ୍ଦ୍ର ଦାଶ। ସହ ପ୍ରଯୋଜକ ସୁଶୀଲ ବାରିକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଦୀପକ କୁମାର ଜେନା। ସ୍ୱର୍ଗତ ମିହିର ଦାସ, ପାର୍ଥସାରଥି ରାୟ, ମନୋଜ ମିଶ୍ର, ବଣ୍ଟି, ଉଷସୀ ମିଶ୍ର, ଅମୀର ଏବଂ ରାଜସ୍ମିତା କର ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଦର୍ଶକ ମାନଙ୍କ ମନକୁ ଛୁଇଁବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ଆଶା ପ୍ରକାଶ କରାଯାଇଛି।


ଶ୍ରଦ୍ଧା–ଅମ୍ଳାନ

# ଶଙ୍କର

ଏସ୍.ଡି. ଫିଲ୍ମସ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଶଙ୍କର'। ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଏହାର କାହାଣୀ ପରିକଳ୍ପନା କରାଯାଇଛି। ଏହାର ଟାଇଟଲ ତଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଅଭିନୟ କରୁଥିବା ବେଳେ ତାଙ୍କ ସହ ନବାଗତ ପାୱାର ଷ୍ଟାର୍ ଦେବାନନ୍ଦଙ୍କୁ ଦେଖିବାକୁ ମିଳିବ। ଦେବାନନ୍ଦଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦିବ୍ୟାଶା। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଅରବିନ୍ଦ ସାହୁ। ଅନ୍ୟପକ୍ଷରେ ପୂର୍ବରୁ ପରଦା ଉପରକୁ ଆସିଥିବା ଓଡ଼ିଆ ଏନ୍. ପାଢ଼ୀ ଚିତ୍ରଟିର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସିଭ, ସୁପ୍ରିୟା, କୁନା ତ୍ରିପାଠୀ, କେକେ, ବିଲୁ ବଡ଼ଜେନା, କାଳୀ, ଦୀପ୍ତିରେଖା ପଣ୍ଡା, ନୂପୁର ଘୋଷ, ସୁଶାନ୍ତ, ଡା. ଅନନ୍ତ ଆଚାର୍ଯ୍ୟ ଓ ମିତା ଚକ୍ରବର୍ତ୍ତୀଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


ଯୁକ୍ତି

# ଭୁଲନ୍ତି ନାହିଁ ଯୁକ୍ତି

ଛୋଟ ପରଦାରେ ସେ ହେଉଛନ୍ତି ଜଣେ ପରିଚିତା ଅଭିନେତ୍ରୀ। ବର୍ତ୍ତମାନ ସୋନିର ଡିଜିଟାଲ ପ୍ଲାଟଫର୍ମ 'ସୋନି ଲିଭ୍'ରେ ପ୍ରସାରିତ ହେଉଥିବା କମେଡି ଧାରାବାହିକ 'ମାଡାମ୍ ସାର୍'ରେ ସେ ଅଭିନୟ କରୁଛନ୍ତି। ଏହି ଅଭିନେତ୍ରୀ ଜଣକ ହେଲେ ଯୁକ୍ତି କପୁର। ସେ ସବୁବେଳେ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ସକାଳୁ ଗ୍ଲାସେ ସାଦା ପାଣିରୁ ଆରମ୍ଭ ହୁଏ ତାଙ୍କର ଦୈନନ୍ଦିନ ଜୀବନ। ତା'ପରେ ଏକ୍ସରସାଇଜ। ପ୍ରତିଦିନ ସେ ୧୫–୨୦ ମିନିଟ୍ ଯୋଗ କରିବାକୁ ଆଦୌ ଭୁଲି ନ ଥାନ୍ତି। ଯୁକ୍ତିଙ୍କ ଧାରାବାହିକ ଜୀବନ ଆରମ୍ଭ ହୁଏ 'ନହ୍ନିସି କାଲି ମେରି ଲାଡଲି' (୨୦୧୦)ରୁ। ତା'ପରେ ସେ 'ୟେ ହୈ ମୋହବତେଁ', 'ସିୟା କି ରାମ୍', 'ବାଲିକା ବଧୂ', 'ଅଗ୍ନିଫେରା', 'ଲାଲ୍ ଇସ୍କ' ଏବଂ 'ନମଃ ଲକ୍ଷ୍ମୀନାରାୟଣ'ରେ ଅଭିନୟ କରିସାରିଛନ୍ତି। ସେ ମାତ୍ର ଦୁଇଟି ସିନେମା–'କା ଉଖାଡ ଲେବା' (ଭୋଜପୁରୀ) ଏବଂ ହିନ୍ଦୀ ଫିଲ୍ମ 'ଭଭା' (୨୦୧୫)ରେ ଦେଖାଦେଇଥିଲେ। 'ମୁଁ ସବୁବେଳେ ନିଜ ଫିଟ୍‌ନେସ୍‌କୁ ନେଇ ସଚେତନ ଥାଏ। କାରଣ ନିଜକୁ ଫିଟ୍ ରଖିଲେ ହିଁ ଜଣେ ଯେ କୌଣସି କାମ ସହଜରେ କରିପାରିବ। ପ୍ରତିଦିନ ମୁଁ ଏକ୍ସରସାଇଜ କରିବା ସହ ଯେମିତି ହେଲେ କିଛି ସମୟ ଯୋଗ କରିଥାଏ।'

# ବର୍ଷାଶେଷରେ 'ଟି'

ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଟି'। ବିଶେଷଭାବରେ ଟ୍ରାନ୍ସ ଜେଣ୍ଡରଙ୍କ ଉପରେ ଏହାର କାହାଣୀ ଆଧାରିତ। ଏହି ଫିଲ୍ମଟି ଚଳିତ ମାସ ଶେଷ ସପ୍ତାହରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମ ସମ୍ପର୍କରେ ଏହାର ନିର୍ଦ୍ଦେଶକ ଜିତେଶ କୁମାର ପରିଡା କୁହନ୍ତି, 'ଆମ ଓଡ଼ିଆ ସିନେପ୍ରେମୀ ଯେମିତି ନିକଟରେ 'ଦମନ' ଏବଂ 'ପ୍ରତୀକ୍ଷା' ଦେଖିବା ପାଇଁ ପ୍ରେକ୍ଷାଳୟମୁହାଁ ହେଲେ ସେମିତି ତା' ପଛକୁ 'ଟି' ଭଳି ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ରର ମଜା ନେଇପାରିବେ। ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର କାହାଣୀ ଏବଂ ଚରିତ୍ର ସବୁ କିଛି ନିଆରା। ଫିଲ୍ମଟି ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶିତ ହୋଇ କିଛି ପୁରସ୍କାର ମଧ୍ୟ ହାସଲ କରିସାରିଛି।' ଉକ୍ତ ସିନେମାର ପ୍ରଯୋଜନା ମଧ୍ୟ କରିଛନ୍ତି ଜିତେଶ। ସହଯୋଗୀ ପ୍ରଯୋଜନା ଭାର କାନ୍ଧେଇଛନ୍ତି ଆର୍ ଆର୍ ମୋସନ ପିକ୍ଚର୍ସ (ୟୁକେ) ଏବଂ ବିଘ୍ନହର୍ତ୍ତା ମୁଭିଜ। ମୋହିତ କୁମାର ପୁରୀ, ହିମାଦ୍ରୀ ତନୟା ଦାସ, ଅମ୍ରିତା ମୋହନ ସଂଭୃତି, ସୋମା କିରଣ ଜେନା ଏବଂ ରାଜଶ୍ରୀ ମହାପାତ୍ରଙ୍କ ସହଯୋଗିତାରେ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି। ଦେବାଶିଷ ସାହୁ, ଉଷଶୀ ମିଶ୍ର, ହର ରଥ, ରଣବୀର କାଳସି ଏବଂ ପ୍ରସନଜିତ ମହାପାତ୍ର ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



# ସବୁ ଗୁଜବ

ମୃଣାଳ ଠାକୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏକ ନୂଆ ସିନେମା ପାଇଁ ସେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି ବୋଲି ଆଲୋଚନା ହେଉଛି। ଏଭଳି କଥା ଯେତେବେଳେ ମୃଣାଳ ଶୁଣିଲେ, ସେତେବେଳେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ସଫେଇ ଦେଇ ସେ କହନ୍ତି, ''ନିକଟରେ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଯାହା ଶୁଣାଯାଉଛି, ତାହା ଆଦୌ ସତ ନୁହେଁ। ସତ କଥା ହେଲା ଏବେ ମୁଁ ମୋ ପାରିଶ୍ରମିକ ଆଦୌ ବଢ଼ାଇନାହିଁ। କେହି ହୁଏତ ମୋ ବିରୋଧରେ ଅପପ୍ରଚାର ଚଳାଇଛି। ଜଣେ ନୂଆ ପ୍ରଯୋଜକଙ୍କ ଫିଲ୍ମରେ ମୁଁ ଆକ୍ଟିଂ କରିବାକୁ ଯାଉଛି। ଆଉ ଏଥିରେ ମୋତେ ଦର୍ଶକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି–ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହେଁ। କାରଣ ମୋର ଭେରାଇଟି ରୋଲ୍‌କୁ ଦର୍ଶକ ପସନ୍ଦ କରିଛନ୍ତି।''

## ଅପେରା ହାଲ୍‌ଚାଲ୍

# ରାଜ୍ କରୁଛନ୍ତି ରଣଜିତ

ରଣଜିତ କୁମାର ପାତ୍ର। 'ନଣ୍ଡା' ନାମରେ ଜଲିଉଡ୍‌ରେ ପରିଚିତ। ଖଳନାୟକୀରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଦୀର୍ଘ ୧୯ ବର୍ଷ ଧରି ସେ ଅପେରା ଜଗତରେ ନିଜକୁ ଜଣେ ଆଗଧାଡ଼ିର ଖଳନାୟକ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ନିର୍ଦ୍ଦେଶକ ଅଶୋକ କୁମାର ମଲ୍ଲିକ ତାଙ୍କୁ ପ୍ରଥମେ ଛୋଟ ପରଦାରେ ସୁଯୋଗ ଦେଇଥିଲେ। ତା'ପରେ ସେ ମିଷ୍ଟର ରାଜୁ, ପ୍ରତିଘାତ, ମାଉସୀ, ମହାଯଜ୍ଞ ଭଳି ବେଶ୍ କେତୋଟି ଧାରାବାହିକ ଏବଂ ୧୦ଟି ଟେଲିଫିଲ୍ମରେ ଅଭିନୟ କରିଥିଲେ। ୨୦୦୩ରେ ଗୌରୀ ଗଣନାଟ୍ୟରୁ ଆରମ୍ଭ ହୁଏ ତାଙ୍କର ଜଲିଉଡ୍ ଯାତ୍ରା। ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ଅବଦାନକୁ ସେ ଏ ନେଇ ସର୍ବାଗ୍ରେ ସ୍ମରଣ କରନ୍ତି। ପ୍ରଥମ ନାଟକ 'ଅର୍ଦ୍ଧାଙ୍ଗିନୀ'ର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତାଙ୍କ ଅଭିନୀତ ହିଟ୍ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଚାରି ଛକରେ ତିନି ଝିଅ', ବାଜିବ ଲୋ ସାହାନାଇ, ବେଳ ବୁଡ଼ିଗଲେ ବେବିନା କାନ୍ଦେ, ଆଖି ତୁ କାନ୍ଦେନା ଏବଂ ବନ୍ଧା ପଡ଼ିଗଲା ସୁରେଶ ପଣ୍ଡା ଆଦି ନାଟକ। ବର୍ତ୍ତମାନ ସେ କଳିଙ୍ଗ ଗଣନାଟ୍ୟରେ ନିଜର କ୍ୟାରିୟରକୁ ଆଗେଇ ନେଉଛନ୍ତି। ଏହି ପାର୍ଟି ଦ୍ୱାରା ପରିବେଷିତ 'ସଞ୍ଜ ଆସେ ନଇଁ ନଇଁ, ଶ୍ରାବଣ ମାସର ଶେଷ ରାତି, ଠିକଣା ହଜିଛି ଜଗା ଭାଇର ଏବଂ ରାଜା ଝିଅ ତମେ କ'ଣ କଲରେ ଜଗତ୍‌ସିଂହପୁର, ମୁଳିସିଂରେ ଜନ୍ମିତ ରଣଜିତଙ୍କ ଭୂମିକାକୁ ଯେତେ ପ୍ରଶଂସା କଲେ ବି କମ୍ ହେବ।


ରଣଜିତ

# ଅପେକ୍ଷା ଆସନ୍ତା ବର୍ଷକୁ

ନିର୍ଦ୍ଦେଶକ ସଞ୍ଜୟ ଗୁପ୍ତାଙ୍କ ରିଲିଜ ଅପେକ୍ଷାରେ ଥିବା ଫିଲ୍ମ 'ବିସ୍ଫୋଟ୍' ଆସନ୍ତା ବର୍ଷ ମୁକ୍ତିଲାଭ କରିବ। ହେଲେ ଏହାକୁ ପ୍ରେକ୍ଷାଳୟରେ ଦେଖିବାକୁ ମିଳିବ ନାହିଁ। ଚିତ୍ରଟି ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ମାଇଣ୍ଡ ମେକ୍‌ଅପ୍ କରିନେଇଛନ୍ତି ଏହାର ଅନ୍ୟତମ ଅଭିନେତ୍ରୀ ପ୍ରିୟା ବାପାଟ। ଏ ନେଇ ସେ କହନ୍ତି, 'ଏହି ଫିଲ୍ମଟି ପ୍ରକୃତରେ ୨୦୨୧ ମାର୍ଚ୍ଚ ୨୧ରେ ହିଁ ରିଲିଜ ହୋଇଥାଆନ୍ତା। କିନ୍ତୁ କୋଭିଡ୍ ଯୋଗୁ ତାହାକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯାଇଛି ଯେ ଏହା ଓଟିଟି ପ୍ଲାଟ୍‌ଫର୍ମରେ ମୁକ୍ତିଲାଭ କରିବ। କାରଣ ପ୍ରେକ୍ଷାଳୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ଏଭଳି ନିଷ୍ପତ୍ତି ନିଆଯାଇଛି।' ବେଶ୍ କିଛି ବର୍ଷର ଅନ୍ତରାଳ ପରେ ଫରଦିନ୍ ଖାଁ ଏହି ଫିଲ୍ମରୁ ବଲିଉଡ୍‌ରେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ଫରଦିନ ଏବଂ ପ୍ରିୟାଙ୍କ ବ୍ୟତୀତ ଏଥିରେ ରିତେଶ ଦେଶମୁଖ, କ୍ରିଷ୍ଟେଲ ଡିସୌଜା, ସୀମା ବାପାଟ ଏବଂ ଶିବା ଚନ୍ଦାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଫିଲ୍ମଟି ପ୍ରିୟାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ପ୍ରିୟା

# ନୂଆ ଅବତାର

କଥାରେ ଅଛି–ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ଜାହ୍ନବୀ କପୁର କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସେ ଖୁବ୍‌ଶୀଘ୍ର ଏକ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ତାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ଜାହ୍ନବୀ କହନ୍ତି, 'ଜଣେ ଗାଁଉଲି ନାରୀର ଜୀବନକୁ ନେଇ କାହାଣୀ ଗତି କରିଛି। ନିଜ ଗାଁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରିବାକୁ ସେ ଚେଷ୍ଟା କରିଛି। ଏଥିପାଇଁ ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡ଼ିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏପରି କି ଏଥିରେ ୨–୩ଟି ଫାଇଟ୍ ଶଟ୍ ଦେବି। ଅନ୍ୟପକ୍ଷରେ ସମାଜସେବାକୁ ନିଜ ଜୀବନର ବ୍ରତ କରିନେଇଛି ସେ। ଏଭଳି ଏକ ଭୂମିକା ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।' ତେବେ ଏଭଳି ଏକ ଭୂମିକା ଜାହ୍ନବୀଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଜାହ୍ନବୀ

# ଇଫୁଙ୍କ ପାଠପଢ଼ା ଖର୍ଚ୍ଚ ଦେଲେ ରାଜ୍ୟ ସରକାର

- ଡାକ୍ତରୀ ପଢ଼ିବା ଲାଗି ମୂଲ ଲାଗୁଥିଲେ
- ମଞ୍ଜୁର କଲେ ୬୨,୯୫୦ ଟଙ୍କା
- ଶୁଭେଚ୍ଛା ଜଣାଇଲେ ୫-ଟି ସଚିବ

**ଫୁଲବାଣୀ ଅଫିସ/ଭୁବନେଶ୍ୱର (ବ୍ୟୁରୋ), ୭।୧୨**

ଡାକ୍ତରୀ ପାଠପଢ଼ା ଫି' ଦେବାକୁ ଧାନ କାଟୁଛନ୍ତି, ଦିନ ମଜୁରିଆ ଭାବେ ମୂଲ ବି ଲାଗୁଛନ୍ତି। କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ ମିଡିଆକିଆ ପଞ୍ଚାୟତ ବାଗ୍ରାମିଲା ଗ୍ରାମର ଜଣେ ଡାକ୍ତରୀ ଛାତ୍ରଙ୍କ ଏଭଳି ସଂଘର୍ଷ ଏବେ ସବୁଠି ଆଲୋଚନାର ବିଷୟ ହୋଇଛି। ଏହି ଡାକ୍ତରୀ ଛାତ୍ରଜଣକ ହେଲେ ଇଫୁ ମଲିକ। ଚଳିତ ବର୍ଷ ସେ ଦ୍ୱିତୀୟ ଥର ଲାଗି ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନାମ ଲେଖାଇଛନ୍ତି। କିନ୍ତୁ ପାଠ ପଢିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ ଲାଗି ସେ ବିଲରେ ଧାନ କାଟିବାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାମ ବି କରୁଛନ୍ତି। ଇଫୁ ମଲିକଙ୍କ ଆର୍ଥିକ ସମସ୍ୟା ବିଷୟରେ ଅବଗତ ହେଲା ପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ତ୍ୱରିତ



ବିଡିଓ ଶଶାଙ୍କ ପାତ୍ର ସହାୟତା ରାଶି ସମ୍ପର୍କିତ ଚିଠି ଇଫୁଙ୍କୁ ପ୍ରଦାନ କରୁଛନ୍ତି।

ପଦକ୍ଷେପ ନେଇଛି। ଇଫୁଙ୍କ ପାଠପଢ଼ା ଖର୍ଚ୍ଚ ପାଇଁ ୬୨,୯୫୦ ଟଙ୍କା ମଞ୍ଜୁର କରିଛି। ସେହିପରି ୫-ଟି ସଚିବ ଭି.କେ. ପାଣ୍ଡିଆନ ଇଫୁଙ୍କୁ ଫୋନ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପ ପାଇଁ ଇଫୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ବାଲିଗୁଡ଼ା ବିଡିଓ ଶଶାଙ୍କ ପାତ୍ର ରାଜ୍ୟ ସରକାରଙ୍କ ସହାୟତା ରାଶି ସମ୍ପର୍କରେ ଇଫୁଙ୍କୁ ଚିଠି ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ବାଗ୍ରାମିଲା ଗ୍ରାମର ଦିନ ମଜୁରିଆ ତ୍ରେସ୍କା ମଲିକଙ୍କ ପୁଅ ଇଫୁ ମଲିକ ପିଲାବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ। ନିଜର ଆଗ୍ରହ, କଠିନ ପରିଶ୍ରମ, ନିଷ୍ଠା ବଳରେ ସେ ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ପାଠ ପଢ଼ା ଆରମ୍ଭ ପୂର୍ବରୁ ମୂଲ ଲାଗି ଅର୍ଥ ସଂଗ୍ରହ କରୁଛନ୍ତି ଇଫୁ। ଗତ ୧୦ ଦିନରେ ସେ କିଛି ଟଙ୍କା ହିଁ ଯୋଗାଡ଼ କରିପାରିଛନ୍ତି ବୋଲି କହିଛନ୍ତି। ବର୍ତ୍ତମାନ ଇଫୁ ଆଡମିଶନ ପାଇଁ ପ୍ରାୟ ୪୦ ହଜାର ଟଙ୍କା ସଂଗ୍ରହ କରିଛନ୍ତି ବୋଲି କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଗଲା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି।









# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଓଏଏସ୍ ଅଧିକାରୀ ସରିତା ଧନୱରଙ୍କୁ ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁଧାକର ଶବରଙ୍କୁ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନର ଜେନେରାଲ ମ୍ୟାନେଜର ଭାବେ ବଦଳି କରାଯାଇଛି। ଶବର ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନର ଜେନେରାଲ ମ୍ୟାନେଜର ଥିବା ସରିତା ଧନୱରଙ୍କୁ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ଭାବେ ବଦଳି କରାଯାଇଛି।

ସେହିପରି ଓଡ଼ିଶା କ୍ଷୁଦ୍ର ଖଣିଜ ନିର୍ଦ୍ଦେଶାଳୟର ଯୁଗ୍ମ ପ୍ରଶାସନିକ ଅଧିକାରୀ ଦେବାଶିଷ ପଟ୍ଟନାୟକଙ୍କୁ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ, ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ ସଚିବ ସମ୍ବିତ୍ କୁମାର ରାଉତଙ୍କୁ ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ରାଉତ ଅତିରିକ୍ତ ଭାବେ ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ ସଚିବ ଭାବେ ଦାୟିତ୍ୱ ସମ୍ଭାଳିବେ।

ସେହିପରି ବ୍ରହ୍ମପୁର ମହାନଗରର ଅତିରିକ୍ତ କମିଶନର ନୀଳମାଧବ ଭୋଇଙ୍କୁ ଗଞ୍ଜାମ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ କଲ୍ୟାଣୀ ପଟ୍ଟନାୟକଙ୍କୁ ହସ୍ତତନ୍ତ ଓ ବୟନ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ସେ ଭୁବନେଶ୍ୱର ଉତ୍କଳିକାର ମ୍ୟାନେଜର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଯୋଡ଼ା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କୁ ସମବାୟ ବିଭାଗର ଉପସଚିବ ଏବଂ ପୁରୀ ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ରଙ୍କୁ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ ବଦଳି କରାଯାଇଛି।


























See Career Appointment on every Wednesday & Saturday






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଗୁରୁବାର, ଡିସେମ୍ବର ୮/୨୦୨୨ Rayagada, Thursday, December 8/ 2022

# ନୂଆ ହିରୋ ରାମୋସ



ହ୍ୟାଟ୍ରିକ ଗୋଲ ଦେବାପରେ ପର୍ତ୍ତୁଗାଲର ଗୋନକାଲୋ ରାମୋସ।

**ଦୋହା, ୭।୧୨:** ମଙ୍ଗଳବାର ରାତିରେ ସୁଇଜରଲାଣ୍ଡ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋ ଦଳରୁ ବାଦ ପଡ଼ିଛନ୍ତି କି ନା ସେ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ପର୍ତ୍ତୁଗାଲର ଅଲ୍ ଟାଇମ୍ ରେକର୍ଡ ସ୍କୋରରଙ୍କ ଉପରେ କ୍ୟାମେରାଗୁଡ଼ିକ ଫୋକସ ରହିଥିଲା। ପୂର୍ବ ମ୍ୟାଚରେ ମ୍ୟାନେଜର ଫର୍ନାଣ୍ଡୋ ସାଣ୍ଟୋସ ପ୍ରଦର୍ଶନକୁ ନେଇ ଏହି ଖେଳାଳିଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚରେ ତାଙ୍କୁ ବିକଳ୍ପ ଖେଳାଳି ତାଲିକାରେ ସାମିଲ କରାଯାଇଥିଲା। ଏଣୁ ଅସନ୍ତୁଷ୍ଟ ରୋନାଲ୍‌ଡୋଙ୍କ ଚିତ୍ର ଉତ୍ତୋଳନ କରିବା ଲାଗି ଫଟୋଗ୍ରାଫରମାନେ ବେଞ୍ଚକୁ ଘେରି ରହିଥିଲେ। ୨୦୦୮ ପରଠାରୁ ଏକ ପ୍ରମୁଖ ଟୁର୍ନାମେଣ୍ଟରେ ପର୍ତ୍ତୁଗାଲର ଷ୍ଟାର୍ଟିଂ ଇଲେଭେନରେ ତାଙ୍କୁ ସ୍ଥାନ ନ ମିଳିବା ଏହା ପ୍ରଥମ। ମାତ୍ର ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ସୁଯୋଗ ପାଇଥିବା ୨୧ ବର୍ଷୀୟଙ୍କ ହ୍ୟାଟ୍ରିକ ପରେ ସମସ୍ତଙ୍କ ଦୃଷ୍ଟି ଗୋନକାଲୋ ରାମୋସଙ୍କ ଉପରେ ପଡ଼ିଥିଲା। ତାଙ୍କ ବିଷୟରେ ଜାଣିବା ପାଇଁ ଆଗ୍ରହ ସୃଷ୍ଟି ହେବା ସ୍ୱାଭାବିକ। ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚକୁ ପର୍ତ୍ତୁଗାଲ ୬-୧ ଗୋଲରେ ଜିତିଥିଲା। ୧୯୬୨ରେ ହଙ୍ଗେରୀର ଫ୍ଲୋରିଆନ୍ ଆଲ୍‌ବର୍ଟଙ୍କ ପରେ ଏକ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଅର୍ଜନ କରିବାରେ ୨୧ବର୍ଷ ଓ ୧୬୯ ଦିନ ବୟସର ରାମୋସ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ରୋନାଲ୍‌ଡୋଙ୍କ ନାମରେ ୮ ବିଶ୍ୱକପ୍ ଗୋଲ୍ ରହିଛି। ପର୍ତ୍ତୁଗାଲର ୬ ନକ୍‌ଆଉଟ ମ୍ୟାଚରେ ସେ କିନ୍ତୁ ସ୍କୋର କରିପାରି ନାହାନ୍ତି। ରାମୋସ କିନ୍ତୁ ଏହି ପର୍ଯ୍ୟାୟରେ ଇତିମଧ୍ୟରେ ତିନୋଟି ଗୋଲ ସ୍କୋର କରିସାରିଲେଣି। ଲିସ୍‌ବନର ପ୍ରଫେସନାଲ ଫୁଟ୍‌ବଲ କ୍ଲବ ବେନ୍‌ଫିକାର ୟୁଥ୍ ସିଷ୍ଟମ ଜରିଆରେ ରାମୋସ ବିକଶିତ ହୋଇଛନ୍ତି। ମଙ୍ଗଳବାର ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚ ଖେଳିବା ପୂର୍ବରୁ ପର୍ତ୍ତୁଗାଲ୍ ପାଇଁ ସେ ୩ ଥର ମାତ୍ର ୩୩ ମିନିଟ୍ ପାଇଁ ଖେଳିଛନ୍ତି। ନଭେମ୍ବରରେ ନାଇଜେରିଆ ବିପକ୍ଷ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ୨୩ ମିନିଟ୍ ଖେଳି ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ବିଶ୍ୱକପ୍‌ରେ ସେ ଘାନା ଓ ଉରୁଗୁଏ ବିପକ୍ଷ ଗ୍ରୁପ୍ ମ୍ୟାଚରେ ଯଥାକ୍ରମେ ଦୁଇ ମିନିଟ୍ ଓ ୮ ମିନିଟ୍ ଖେଳିଥିଲେ। ଦକ୍ଷିଣ କୋରିଆ ବିପକ୍ଷ ପରାଜୟ ମ୍ୟାଚରେ ତାଙ୍କୁ ବିକଳ୍ପ ଖେଳାଳି ଭାବେ ବ୍ୟବହାର କରାଯାଇ ନ ଥିଲା। ପର୍ତ୍ତୁଗାଲ ଅବଶ୍ୟ ସେତେବେଳକୁ ଯୋଗ୍ୟତା ଅର୍ଜନ କରିସାରିଥିଲା। ତେବେ ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟରେ ରାମୋସ ତାଙ୍କ ପ୍ରଥମ ସିନିୟର ଇଣ୍ଟରନ୍ୟାଶନାଲ ଖେଳିଛନ୍ତି। ଆରମ୍ଭରୁ ହିଁ ସେ ଭଲ ପ୍ରଦର୍ଶନ କରିଛନ୍ତି। ଆଗାମୀ ବର୍ଷରେ ତାଙ୍କଠାରୁ ଆହୁରି ଭଲ ଖେଳ ଆଶା କରାଯାଉଛି।

## ‘ପ୍ରତି ମରୋକ୍କୀୟ ହେଉଛନ୍ତି ମରକ୍କୋର’

### ବିଦେଶରେ ଜନ୍ମିତ ମରକ୍କୋ ଖେଳାଳିଙ୍କୁ ସାମିଲ କରିବାକୁ ଲଢ଼େଇ କରିଥିଲେ ରେଗ୍ରାଗୁଇ

**ଦୋହା, ୭।୧୨:** କାତାର ଫିଫା ବିଶ୍ୱକପରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଘଟାଇ ବିସ୍ମୟ ସୃଷ୍ଟି କରିଛି ମରକ୍କୋ। ଫୁଟବଲ ଇତିହାସରେ ପ୍ରଥମଥରପାଇଁ ଫିଫା ବିଶ୍ୱକପର କ୍ୱାର୍ଟରରେ ପ୍ରବେଶ କରିଛି ୱାଲିଦ ରେଗ୍ରାଗୁଇଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ। ମରକ୍କୋର ବିଜୟରେ ଉଭୟ ଆରବ ଓ ଆଫ୍ରିକୀୟ ଜଗତ ବେଶ୍ ଉତ୍‌ଫୁଲ୍ଲିତ। ଏକ ଭିନ୍ନ ସୋପାନରେ ପ୍ରବେଶ କରିଛି ମରକ୍କୋ ଫୁଟବଲ। ଗ୍ରୁପ୍ ପର୍ଯ୍ୟାୟରେ ବେଲ୍‌ଜିୟମକୁ ହରାଇ ମରକ୍କୋ ଦଳ ଚର୍ଚ୍ଚାକୁ ଆସି ଯାଇଥିଲା। ତେବେ ପ୍ରି-କ୍ୱାର୍ଟର ଫାଇନାଲରେ ପୂର୍ବତନ ଚାମ୍ପିୟନ ସ୍ପେନ୍‌କୁ ଚକ୍‌ମା ଦେବାପରେ ଏବେ ରେଗ୍ରାଗୁଇ ଆଲୋଚନାର କେନ୍ଦ୍ରକୁ ଚାଲି ଆସିଛନ୍ତି। ସ୍ପେନ୍‌କୁ ହରାଇବାପରେ କେବଳ ମରକ୍କୋରେ ନୁହେଁ ସାରା ବିଶ୍ୱରେ ସ୍ମରଣୀୟ ହୋଇ ରହିବ। ସମ୍ପ୍ରତି ପ୍ୟାରିସ ସେଣ୍ଟ-ଜର୍ମେନ ପକ୍ଷରୁ ପକ୍ଷରୁ ଖେଳୁଥିବା ହାକିମି ରିଅଲ ମାଡ୍ରିଡ ପକ୍ଷରୁ ନିଜ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ଫ୍ରାନ୍ସ ଜନ୍ମିତ ରେଗ୍ରାଗୁଇ କହିଛନ୍ତି ଯେ, ମରକ୍କୋର ଏହି ଅବିସ୍ମରଣୀୟ ପ୍ରଦର୍ଶନ ପ୍ରମାଣ କରିଛି ଯେ, ବିଦେଶରେ ଜନ୍ମିତ ଖେଳାଳି ମଧ୍ୟ ଜାତୀୟ ଦଳକୁ ସାହାଯ୍ୟ କରିପାରିବେ ଏବଂ ସଫଳତା ଦେଇପାରିବେ।

“ବିଦେଶରେ ଜନ୍ମିତ ଖେଳାଳିଙ୍କୁ ମରକ୍କୋ ଦଳରେ ସାମିଲ କରିବା ପାଇଁ ମୁଁ ଲଢ଼େଇ କରିଥିଲି। ବିଶ୍ୱକପ ପୂର୍ବରୁ ଅନେକ ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥିଲି। ମୁଁ କାହିଁକି କେବଳ ମରକ୍କୋରେ ଜନ୍ମିତ ଖେଳାଳିଙ୍କୁ ନ ନେଇ ୟୁରୋପରେ ଜନ୍ମିତ ଖେଳାଳିଙ୍କୁ ସାମିଲ କରିଛି ବୋଲି ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ।





ଏହାର ସମର୍ଥକମାନେ ଆନନ୍ଦ ଉତ୍ସବ ମନାଇଛନ୍ତି। ବିଶ୍ୱକପ ଦଳ ଗଠନ ସମୟରେ ରୋଗ୍ରାଗୁଇ ବିଦେଶରେ ଜନ୍ମିତ ମରକ୍କୋ ଖେଳାଳିଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ପ୍ରଥମେ ଅନେକେ ଗ୍ରହଣ କରିପାରି ନ ଥିଲେ। ଏହାକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟ ହୋଇଥିଲା। ମାତ୍ର ଏବେ ସ୍ପେନ୍‌କୁ ମରକ୍କୋ ଶୁଟ୍‌ଆଉଟରେ ହରାଇବାପରେ ରୋଗ୍ରାଗୁଇଙ୍କ ନିଷ୍ପତ୍ତି ବିଲ୍‌କୁଲ ଠିକ୍‌ଥିଲା ବୋଲି ପ୍ରମାଣିତ ହୋଇଛି। ବିଶ୍ୱକପ ପାଇଁ ଘୋଷିତ ୨୬ ଜଣିଆ ଦଳରେ ୧୪ ଜଣ ବିଦେଶରେ ଜନ୍ମିତ ଖେଳାଳି ସାମିଲ ହୋଇଥିଲେ। ଏହା ମଧ୍ୟରେ ପେନାଲ୍ଟି ଶୁଟ୍ ଆଉଟ୍‌ର ହିରୋ ଅଚ୍ରଫ ହାକିମି ସାମିଲ। ସ୍ପେନ୍ ଜନ୍ମିତ ହାକିମି ୨୦୧୦ ଚାମ୍ପିୟନ ସ୍ପେନ୍ ବିପକ୍ଷରେ ବିଜୟ ସୂଚକ ସ୍ପଟ୍ କିକ୍ ମାରିଥିଲେ। ଏଜୁକେଶନ ସିଟି ଷ୍ଟାଡିୟମରେ ମଙ୍ଗଳବାର ରାତିରେ ସ୍ପେନ୍ ବିପକ୍ଷରେ ବିଜୟ ମରକ୍କୋ ଖେଳାଳିଙ୍କ ପାଇଁ ସବୁଦିନ ଏବେ ମୁଁ ପ୍ରମାଣିତ କରିଛି ଯେ, ପ୍ରତି ମରୋକ୍କୀୟ ହେଉଛନ୍ତି ମରକ୍କୋର। ଜଣେ ଯେତେବେଳେ ଜାତୀୟ ଦଳ ପକ୍ଷରୁ ଖେଳିବାକୁ ଯାଏ, ସେ ସବୁକିଛି କରିବାକୁ ଚେଷ୍ଟାକରେ, ଲଢ଼େଇ କରିଥାଏ। ମୁଁ ଫ୍ରାନ୍ସରେ ଜନ୍ମିତ। ତେଣୁ ଏହି ଦେଶପ୍ରତି ଭଲପାଇବାକୁ କେହି ଛଡ଼େଇ ନେଇ ପାରିବେ ନାହିଁ। ଏହା ହିଁ ମୁଁ ଖେଳାଳିଙ୍କୁ କହିଥିଲି। ସେମାନେ ଯେତେବେଳେ ଦେଶ ପକ୍ଷରୁ ଖେଳିବାକୁ ଯାଇଛନ୍ତି ୧୦୦ ପ୍ରତିଶତ ହିଁ ଦେଇଛନ୍ତି। ଦଳପାଇଁ ଯାହା ଭଲ ହେବ ଭାବିଛି ତାହା କରିଛି। ଜର୍ମାନୀ,ଇଟାଲୀ, ସ୍ପେନ୍, ଫ୍ରାନ୍ସ, ନେଦରଲାଣ୍ଡ ଓ ବେଲଜିୟମ ଆଦି ସବୁ ଦେଶରେ ଫୁଟବଲ ସଂସ୍କୃତି ଭିନ୍ନ। ମୁଁ ଏହାକୁ ମିଶାଇବାକୁ ଚେଷ୍ଟା କରିଛି ଏବଂ ଏଥିରେ ଖୁସିଅଛି। ରେଗ୍ରାଗୁଇ ୨୦୦୧ରୁ ୨୦୦୯ ପର୍ଯ୍ୟନ୍ତ ମରକ୍କୋ ପକ୍ଷରୁ ଖେଳିଥିଲେ। ଏବେ ପ୍ରଥମ ଆଫ୍ରିକାନ୍ ମ୍ୟାନେଜରଭାବେ ମରକ୍କୋକୁ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଛନ୍ତି।

# ମେସି ମ୍ୟାଜିକ୍‌କୁ ଅପେକ୍ଷା



ଜର୍ଜ ବୁରୁଚାଗା

ଡିଏଗୋଙ୍କ ପରାମର୍ଶ ଏବେ ମଧ୍ୟ ମୁଁ ମନେ ରଖିଛି। ଶାନ୍ତ ଓ ସ୍ଥିର ମନରେ ଖେଳକୁ ବୁଝ। ସତର୍କତାର ସହ ଖେଳ ଏବଂ ସେ ଯାହା କରୁଛନ୍ତି ତାହାକୁ ଅନୁସରଣ କର। ପରାମର୍ଶକୁ ଟିମ୍ କାର୍ଯ୍ୟକାରୀ କରୁଥିଲା। ତାଙ୍କ ଦୃଢ଼ ନେତୃତ୍ୱ ଆମ ମନୋବଳ ବୃଦ୍ଧିରେ ସହାୟକ ହେଉଥିଲା। ଆମକୁ କେହି ଫେଭରାଇଟ୍ ବୋଲି ବିବେଚନା କରି ନ ଥିଲେ। ଶେଷରେ ଆମେ ବିଶ୍ୱ ଚାମ୍ପିୟନ ହୋଇପାରିଥିଲୁ। ବିଶ୍ୱରେ ପରିବର୍ତ୍ତନ ଘଟିଛି। ଖେଳ ଓ ନେତୃତ୍ୱର ଷ୍ଟାଇଲରେ ମଧ୍ୟ ବହୁ ପରିବର୍ତ୍ତନ ଦେଖିବାକୁ ମିଳୁଛି। ୧୯୮୬ରୁ ୨୦୨୨ ଦଳ ମଧ୍ୟରେ ବହୁ ପ୍ରଭେଦ ରହିଛି। ମାରାଡୋନା ଓ ମେସିଙ୍କ ନେତୃତ୍ୱ ନେବା ଷ୍ଟାଇଲ୍‌ରେ ମଧ୍ୟ ଫରକ ରହିଛି। ମାରାଡୋନା ବଳିଷ୍ଠ, ପରିଶ୍ରମୀ ଖୁବ୍ ଚତୁର ଏବଂ ଜଣେ ଅଦ୍ଭୁତ ସ୍ୱଭାବର ଅଧିନାୟକ ଥିଲେ। ମେସି କିନ୍ତୁ ତାଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ। ସେ ସବୁବେଳେ ଧୀରସ୍ଥିର। କିନ୍ତୁ ସେ ଖେଳକୁ ସୁନ୍ଦର ରୂପେ ବୁଝିପାରନ୍ତି। କେତେବେଳେ ତାଙ୍କୁ ବଲ୍‌କୁ ଧରି ରଖିବାକୁ ହେବ ଏବଂ ରିଲିଜ କରିବାକୁ ହେବ ତାହା ସେ ଜାଣିପାରନ୍ତି। କେତେବେଳେ ନିଜେ ଚେଷ୍ଟା ନ କରି ଅନ୍ୟ ସାଥୀ ଖେଳାଳିଙ୍କୁ ସ୍କୋର କରିବା ଲାଗି ସୁଯୋଗ ଦେବାକୁ ହେବ ତାହା ମଧ୍ୟ ସେ ଠଉରେଇ ପାରନ୍ତି। ନେଦରଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲ ମ୍ୟାଚରେ ସମଗ୍ର ବିଶ୍ୱ ମେସିଙ୍କ ମ୍ୟାଜିକ୍‌କୁ ଅପେକ୍ଷା କରି ରହିଛନ୍ତି। ଆର୍ଜେଣ୍ଟିନା ଟିମ୍‌ର ପ୍ରଦର୍ଶନ ଆମେ ଗତ ତିନୋଟି ମ୍ୟାଚରେ ଦେଖିଛେ। ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ ଅନ୍ୟତମ ଶକ୍ତିଶାଳୀ ଦଳ ନେଦରଲାଣ୍ଡକୁ ଭେଟିବ। ଆର୍ଜେଣ୍ଟିନା ଜାତୀୟ ଦଳରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଏହା ସତ୍ତ୍ୱେ ଆରମ୍ଭରେ ସୌଦିଆରବଠାରୁ ହାରିଯିବା ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟଚକିତ କରିଥିଲା। ମାତ୍ର ପରବର୍ତ୍ତୀ ମ୍ୟାଚ ଗୁଡ଼ିକରେ ଉନ୍ନତ ପ୍ରଦର୍ଶନ କରିଥିଲା। ନେଦରଲାଣ୍ଡ ବିପକ୍ଷ ମ୍ୟାଚ ଅଧିକ କଷ୍ଟ ସାଧ୍ୟ ହେବ। ଆର୍ଜେଣ୍ଟିନା ଏହି ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ୍ ଦଳ ଭାବେ ଖେଳୁଛି। କିନ୍ତୁ ଲୋ ପ୍ରୋଫାଇଲରେ ଆରମ୍ଭ କରିଥିବା ନେଦରଲାଣ୍ଡ କ୍ରମେ ଅଧିକ ଶକ୍ତିଶାଳୀ ହେଉଛି। ମେସି ଫର୍ମକୁ ଫେରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ସେ ତାଙ୍କ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି। ଆସନ୍ତା ମ୍ୟାଚରେ ତାଙ୍କର ବିପକ୍ଷ ଦଳର ଭାନ୍ ଡିକ୍‌ଙ୍କ ସହ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି। ଭାନ୍ ଡିକ୍‌ଙ୍କୁ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସେଣ୍ଟ୍ରାଲ ଡିଫେଣ୍ଡର କୁହାଯାଉଛି। ତାଙ୍କର ଲିଭରପୁଲ ଦଳ ସହିତ ଅଭିଜ୍ଞତା ରହିଛି। ଇଞ୍ଜୁରିରୁ ମୁକ୍ତି ପାଇବା ପରେ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ମିଡ଼୍‌ଫିଲ୍‌ଡଠାରୁ ଆଗକୁ ମେସିଙ୍କୁ ନିୟନ୍ତ୍ରଣ କରିବା ଦାୟିତ୍ୱ ତାଙ୍କର। ଏହା ନ କଲେ ସେମାନେ ଅଡୁଆରେ ପଡ଼ିବେ ନିଶ୍ଚୟ। ଅନ୍ୟପକ୍ଷେ ମେସି ଯଦି ସ୍କୋର କାରିବାରେ ବିଫଳ ହୁଅନ୍ତି ତେବେ ଦଳରେ ଅନ୍ୟ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି, ଯେଉଁମାନଙ୍କର ଗୋଲ ଦେବାର ସାମର୍ଥ୍ୟ ରହିଛି। କୌଣସି ଆଟାକିଂ ଟିମ୍ ବିପକ୍ଷରେ ଆର୍ଜେଣ୍ଟିନାର ଡିଫେନ୍ସ ଯଥେଷ୍ଟ ସୁଦୃଢ଼।

-(ଟିଭାକ ସ୍ପୋର୍ଟ୍ସ)

## ପର୍ତ୍ତୁଗାଲ କ୍ୱାର୍ଟରରେ

**ଦୋହା, ୭।୧୨:** ଫରୱାର୍ଡ ଗୋନ୍ସାଲୋ ରାମୋସଙ୍କ ହ୍ୟାଟ୍ରିକ୍ ବଳରେ କ୍ୱାର୍ଟରରେ ପ୍ରବେଶ କରିଛି ପର୍ତ୍ତୁଗାଲ। ଲୁସେଲ ଷ୍ଟାଡିୟମରେ ଖେଳା ଯାଇଥିବା ରାଉଣ୍ଡ ଅଫ୍ ୧୬ର ଅନ୍ତିମ ମ୍ୟାଚରେ ରାମୋସ ଚଳିତ ବିଶ୍ୱକପର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବା ବେଳେ ୬-୧ରେ ସୁଇଜରଲାଣ୍ଡକୁ ପରାସ୍ତ କରିଛି ପର୍ତ୍ତୁଗାଲ। ସେ ପ୍ରଥମ ହାଫ୍‌ରେ ଗୋଟିଏ ଗୋଲ ମାରିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ଦୁଇଟି ଗୋଲ ଦେଇଥିଲେ। ପର୍ତ୍ତୁଗାଲ ପକ୍ଷରୁ ରାମୋସ (୧୭, ୫୧ ଓ ୬୭) ମିନିଟରେ ଗୋଲ ସ୍କୋର କରିଥିବା ବେଳେ ପେପେ (୩୩), ରାଫେଲୋ ଗୁରିରିଓ (୫୫) ଓ ରାଫେଲ ଲିଏଓ (୯୦+୨) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମାନୁଏଲ ଆକାଞ୍ଜି ୫୮ ତମ ମିନିଟରେ ସ୍ୱିଜରଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ୪-୩-୩ କମ୍ବିନେଶନରେ ଓହ୍ଲାଇଥିବା ପର୍ତ୍ତୁଗାଲ ଷ୍ଟାର୍ଟିଂ ଲାଇନଅପ୍‌ରେ ରୋନାଲ୍ଡୋଙ୍କୁ ରଖି ନ ଥିଲା। ତେବେ ପେପେ ଓ ରାମୋସ୍ ଚିତାକର୍ଷକ ଆଟାକିଂ ଗେମ ଖେଳିଥିଲେ। ସୁଇଜରଲାଣ୍ଡ ମ୍ୟାଚର ୫୩% ସମୟ ବଲ ନିୟନ୍ତ୍ରଣରେ ରଖିଥିଲେ ହେଁ ମ୍ୟାଚ ଉପରେ ନିୟନ୍ତ୍ରଣ ରଖି ପାରି ନଥିଲା। ଅନ୍ତିମ ୧୦ ମିନିଟ ପାଇଁ ରୋନାଲ୍ଡୋ ପଡିଆକୁ ଆସିଥିଲେ ମଧ୍ୟ ସ୍କୋର କରି ପାରିନଥିଲେ। ୯୨ ବର୍ଷର ଫୁଟବଲ ବିଶ୍ୱକପ ଇତିହାସରେ ୪୯ ତମ ଖେଳାଳି ଭାବରେ ରାମୋସ୍ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।

## ଶୁଭ୍ରାଂଶୁ ସେନାପତି ଅଧିନାୟକ





### ଓଡ଼ିଶା ରଣଜୀ ଦଳରେ ୪ ନୂଆ ମୁହଁ

**କଟକ ଅଫିସ, ୭।୧୨:** ଆଗାମୀ ରଣଜୀ ଟ୍ରଫି ସିଜନକୁ ଦୃଷ୍ଟିରେ ରଖି ୨ଟି ମ୍ୟାଚ ପାଇଁ ଓଡ଼ିଶା କ୍ରିକେଟ ଦଳ ଘୋଷଣା କରାଯାଇଛି। ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସିନିୟର ଚୟନ କମିଟି ବୈଠକ ବସି ୧୭ ଜଣିଆ ଦଳ ମନୋନୟନ କରାଯାଇଛି। ଓସିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୟନ କମିଟି ଅଧ୍ୟକ୍ଷ ପ୍ରଭଞ୍ଜନ ମଲିକ ଖେଳାଳି ତାଲିକା ଘୋଷଣା କରିଥିଲେ। ଶୁଭ୍ରାଂଶୁ ସେନାପତିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ସ୍ୱସ୍ତିକ ସାମଲ, ତାରିଣୀ ସ’, କାର୍ତ୍ତିକ ବିଶ୍ୱାଳ, ସୌରଭ କନୋଜିଆ ଚଳିତବର୍ଷ ନୂଆ ମୁହଁଭାବେ ରଣଜୀ ପଦାର୍ପଣ କରିବା ସୁଯୋଗ ପାଇଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ବରୋଦା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ବିକାଶ ସ୍କୁଲ ପଡ଼ିଆରେ ଚଳିତ ମାସ ୧୩ ତାରିଖରୁ ଏହି ମ୍ୟାଚ ଆରମ୍ଭ ହେବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଶାନ୍ତନୁ ମିଶ୍ର, ଅନୁରାଗ ଷଡ଼ଙ୍ଗୀ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ବିପ୍ଲବ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ଅଭିଷେକ ରାଉତ, ରାଜେଶ ଧୂପର (ଉଇକେଟ କିପର), ସୁଜିତ ଲେଙ୍କା (ଉଇକେଟ କିପର), ସୌରଭ କନୋଜିଆ, ଶୁଭମ୍ ନାୟକ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ତାରିଣୀ ସ’, ଦେବବ୍ରତ ପ୍ରଧାନ।

# ମୀରାବାଈ ଚାନୁଙ୍କୁ ରୌପ୍ୟପଦକ

### ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍



**ବଗୋଟା (କଲମ୍ବିଆ), ୭।୧୨ (ପି.ଟି.)** କଟିରେ ଯନ୍ତ୍ରଣା ସତ୍ତ୍ୱେ ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ପ୍ରତିଯୋଗିତାରେ ସେ ଟୋକିଓ ଅଲିମ୍ପିକ୍ସ ଚାମ୍ପିୟନ ହେଉ ଝିହୁଆଙ୍କୁ ହରାଇ ଦେଇଛନ୍ତି। ଟୋକିଓ ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ୪୯କେଜି କାଟେଗୋରିରେ ଅଂଶଗ୍ରହଣ କରିଥିଲେ। ସେ ସ୍ନାଚରେ ୮୭ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୩ କେଜି ଏବଂ ଓଭରଅଲ୍ ଏଫୋର୍ଟରେ ସେ ୨୦୦ କେଜି ଓଜନ ଉଠାଇଥିଲେ। ଚାଇନାର ଜିଆଙ୍ଗ ହୁଇ-ହୁଆଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜିଆଙ୍ଗ୍ ତାଙ୍କ ଟୋଟାଲ ଏଫୋର୍ଟରେ ୨୦୬ କେଜି (୯୩ କେଜି+୧୧୩ କେଜି) ଉତ୍ତୋଳନ କରିଥିଲେ। ତାଙ୍କ ଦେଶର ଝିହୁଆ ମୋଟ ୧୯୮କେଜି (୮୯କେଜି+୧୦୯କେଜି) ଓଜନ ଉଠାଇ ବ୍ରୋଞ୍ଜ ପାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ମଣିପୁର ଭାରୋତ୍ତୋଳିକାଙ୍କର ଏହା ହେଉଛି ଦ୍ୱିତୀୟ ପଦକ। ୨୦୧୭ରେ ସେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ମୀରାବାଈ କହିଛନ୍ତି, ଦୀର୍ଘ ୫ବର୍ଷ ବ୍ୟବଧାନରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଦେଶ ପାଇଁ ଆଉ ଏକ ପଦକ ଜିତିବା ତାଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ। ବିଶ୍ୱ ଚାମ୍ପିୟନଶିପ୍‌ରେ ସର୍ବଦା ଶ୍ରେଷ୍ଠ ଅଲିମ୍ପିଆନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ସୂଚନାଯୋଗ୍ୟ, ସେପ୍ଟେମ୍ବରରେ ଏକ ଟ୍ରେନିଂ ସେସନ ବେଳେ ଚାନୁ ଆଘାତପ୍ରାପ୍ତ ହୋଇଥିଲେ। ଇଞ୍ଜୁରିରେ ଥାଇ ସୁଦ୍ଧା ସେ ଅକ୍ଟୋବରରେ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ।





କାତାରରେ ଚାଲିଥିବା ଫିଫା ବିଶ୍ୱକପରେ ସ୍ପେନ୍ ବିପକ୍ଷରେ ମରକ୍କୋର ବିଜୟ ପରେ ରାବାଟ ଓ ସ୍ପେନ୍‌ର ଲା ରାମ୍‌ବ୍ଲାସଠାରେ ମରକ୍କୋ ପ୍ରଶଂସକଙ୍କ ଆନନ୍ଦ ଉତ୍ସବ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ